NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 12 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
31 MARCH 2025
ସୋମବାର
୩୧ ମାର୍ଚ୍ଚ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 310 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୦ • ସଂଖ୍ୟା ୩୧୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର




**ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ପର୍ବ ପବିତ୍ର ଇଦ୍-ଉଲ୍-ଫିତର୍ ଅବସରରେ ଓଡ଼ିଶାର ସମସ୍ତ ମୁସଲମାନ ଭାଇ ଭଉଣୀମାନଙ୍କୁ 'ନିତିଦିନ' ପରିବାର ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ।**

# କାମାକ୍ଷା ଏକ୍ସପ୍ରେସ୍‌ର ୧୧ ବଗି ଲାଇନ୍‌ଚ୍ୟୁତ

- ଜଣେ ମୃତ, ୮ ଆହତଙ୍କୁ ଏସ୍‌ସିବି ସ୍ଥାନାନ୍ତର
- ଖରାରେ ଆଉଟୁ ପାଉଟୁ ହେଲେ ଯାତ୍ରୀ
- ଦେବଦୂତ ସାଜିଲେ ସ୍ଥାନୀୟ ଲୋକେ
- ହେଲ୍ପ ଲାଇନ୍ ନମ୍ବର ଜାରି

**ଟାଙ୍ଗୀ,୩୦।୩/ଏନ୍‌ଏନ୍‌ଏସ୍:**

ଟାଙ୍ଗୀ ଥାନା ମଙ୍ଗୁଳି ପିଏଚ୍‌ଠାରେ କାମାକ୍ଷା ଏକ୍ସପ୍ରେସ୍‌ର ୧୧ବଗି ଲାଇନ୍‌ଚ୍ୟୁତ ହୋଇଛି । ଦୁର୍ଘଟଣାଗ୍ରସ୍ତ ଏହି ଟ୍ରେନ୍ (ନମ୍ବର ୧୨୫୫୧) ବେଙ୍ଗାଲୁରୁରୁ କାମାକ୍ଷା ଯାଉଥିଲା । ଏଥିରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା ବେଳେ ୧୬ ଯାତ୍ରୀ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ସାମାନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା ବେଳେ ୮ଜଣଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଛି । ରବିବାର ପୂର୍ବାହ୍ନ୧୧.୩୦ ଘଟିଥିବା ଏହି ଦୁର୍ଘଟଣା ପରେ ଯାତ୍ରୀମାନଙ୍କୁ ତୁରନ୍ତ ଅନ୍ୟ ଟ୍ରେନ୍‌ରେ ପଠାଇବାର ବ୍ୟବସ୍ଥା କରାଯାଇଛି ।



ଖବର ମୁତାବକ ରବିବାର ପୂର୍ବାହ୍ନରେ ମଙ୍ଗୁଳି ପିଏଚ୍ ଅତିକ୍ରମ କରୁଥିବା ସମୟରେ ବେଙ୍ଗାଲୁରୁ-କାମାକ୍ଷା ସୁପରଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା । ଦୁର୍ଘଟଣା ସମୟରେ ଖରା ଅଧିକ ହୋଉଥିବାରୁ ଶହ ଶହ ଯାତ୍ରୀ ହନ୍ତସନ୍ତ ହେବା ସହ ପାଣି ପାଇଁ ତହଳ ବିକଳ ହୋଇଥିଲେ । ଖବର ପାଇ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ପାଣି, ବିସ୍କୁଟ ବଣ୍ଟନ କରିଥିଲେ । ପରେ ଟାଙ୍ଗୀ ଚୌଧୁର ଏସ୍‌ଡିପିଓ ଉମାକାନ୍ତ ନାୟକ, ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର, କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତିକ୍ ସିଂ ରେଳ ବିଭାଗର ସମସ୍ତ ଅଧିକାରୀ, ତହସିଲ ଦାର, ଏନ୍‌ଡିଆର୍‌ଏଫ୍ , ଅଗ୍ନିଶମ କର୍ମଚାରୀ, ଡାକ୍ତର କର୍ମଚାରୀମାନେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିବା ସହ କଟକ ବଡ଼ ମେଡିକାଲକୁ ପଠାଇଥିଲେ । ଯେଉଁମାନେ ଖରାରେ ଅସୁସ୍ଥ ଥିଲେ ସେମାନଙ୍କୁ ଓଆରଏସ୍, ସାଲାଇନ୍ ଦିଆଯାଇଥିଲା । ପରେ ୫୦୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରଯାଇ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗନ୍ତବ୍ୟ ସ୍ଥଳକୁ ପଠାଯାଇଥିଲା । କାମାକ୍ଷା ଏକ୍ସପ୍ରେସ୍ ଲାଇନଚ୍ୟୁତ ହେବା ପରେ କେତେକ ଟ୍ରେନ୍ ଗତିପଥ ପରିବର୍ତ୍ତନ କରାଯାଇଛି । ତେବେ ଟ୍ରେନ୍‌ଟି କେଉଁ କାରଣରୁ ଲାଇନଚ୍ୟୁତ ହେଲା ତାହାର କାରଣ ଜଣାପଡ଼ି ନଥିଲାବେଳେ ତଦନ୍ତ ପରେ ଏହା ସ୍ପଷ୍ଟହେବ ।

ଅନ୍ୟପକ୍ଷରେ ବେଙ୍ଗାଲୁରୁ-କାମାକ୍ଷା ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ ହେବା ପରେ ହେଲ୍ପଲାଇନ୍ ନମ୍ବର ଜାରି କରିଛି ପୂର୍ବତଟ ରେଳପଥ । କଟକ ପାଇଁ ହେଲ୍ପ ଲାଇନ୍ ନମ୍ବର- ୮୯୯୧୧୨୪୨୩୮, କଟକ ପାଇଁ ମୋବାଇଲ୍ ନଂ- ୭୨୦୫୧୪୯୫୯୧, ଭୁବନେଶ୍ୱର ୧ନମ୍ବର ପ୍ଲାଟ୍‌ଫର୍ମରେ ହେଲ୍ପ ଡେସ୍କ ବ୍ୟବସ୍ଥା କରାଯାଇଛି । ହେଲ୍ପ ଡେସ୍କ ପାଇଁ ୮୧୧୪୩୮୨୩୭୧ ନମ୍ବର ଜାରି କରାଯାଇଛି । ସେହିପରି ଖୋର୍ଦ୍ଧାରୋଡ୍ ପାଇଁ ହେଲ୍ପଡେସ୍କ- ୦୬୭୪୨୪୯୨୨୪୫, ଭଦ୍ରକ ପାଇଁ ହେଲ୍ପ ଲାଇନ୍ ନଂ- ୯୪୩୭୪୪୩୪୬୯ ଜାରି କରାଯାଇଥିବା ନେଇ ପୂର୍ବତଟ ରେଲୱେ ପକ୍ଷରୁ ସୂଚନା ମିଳିଛି ।

## ଥାନାଧିକାରୀଙ୍କୁ ସଂଘବଦ୍ଧ ଆକ୍ରମଣ



**ଯାଜପୁର, ୩୦।୩/ଏନ୍‌ଏନ୍‌ଏସ୍:**

- ପୁଲିସ ଭ୍ୟାନ୍ ଭାଙ୍ଗି ଚୁରମାର୍
- ଜବତ ଲୁଟ୍ ଗାଡ଼ି ନେଇ ଅଭିଯୁକ୍ତ ଛୁ'
- ୧୩ଙ୍କୁ ବସ୍ତିରୁ ଉଠାଇ ଆଣିଲା ପୁଲିସ

ଏକ ଲୁଟ୍ ବାଇକ୍ ଜବତ କରି ଆଣୁଥିବା ବେଳେ କୋରୋଇ ଥାନା ଅଧିକାରୀଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି । ଏଥିରେ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ସମେତ କିଛି ପୁଲିସ କର୍ମଚାରୀ ଆହତ ହୋଇଛନ୍ତି । ଦୁର୍ବୃତ୍ତଙ୍କ ଆକ୍ରମଣରେ ପୁଲିସ ଭ୍ୟାନ୍ ଭାଙ୍ଗି ଚୁରମାର୍ ହୋଇଯାଇଛି । ଆକ୍ରମଣ ପରେ ଜବତ ବାଇକ୍‌ଟିକୁ ଛଡ଼ାଇ ନେଇ ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର୍ ହୋଇଯାଇଛି ।

ସୂଚନା ମୁତାବକ ଚଳିତ ମାସ ୨୨ତାରିଖ ରାତିରେ କୁଆଖିଆ ମେଳଣରୁ ଏକ ବାଇକ୍ ଚୋରି ହୋଇଥିଲା । ସମ୍ପୃକ୍ତ ବାଇକ୍‌ର ମାଲିକ ଖୋଜାଖୋଜି କରିବା ପରେ ଏହା ପୂର୍ବକୋଟରେ ଥିବା ଜାଣିବାକୁ ପାଇଥିଲେ । ଯାହାକୁ ନେଇ ସେ କୋରେଇ ଥାନାରେ ଅଭିଯୋଗ କରିଥିଲେ । ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ ସଦଳବଳ ପୂର୍ବକୋଟ ତେଲଙ୍ଗା ବସ୍ତିକୁ ଯାଇ ବାଇକ୍‌କୁ ଜବତ କରିଥିଲେ । ତେବେ ଲୁଟ୍ ବାଇକ୍‌ଟିକୁ ବ୍ୟବହାର କରୁଥିବା ଅଭିଯୁକ୍ତଙ୍କୁ ଧରିବା ବେଳେ ସେଠାରେ ବହୁ ସଂଖ୍ୟକ ମହିଳା ଓ ପୁରୁଷ ପହଞ୍ଚି ପୁଲିସ୍ କର୍ମଚାରୀଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ । ଏହାର ସୁଯୋଗ ନେଇ ▶▶ ୭

**କଳାହାଣ୍ଡିରେ ଶୁଭାରମ୍ଭ ହେଲା ଅନ୍ତ୍ୟୋଦୟ ଗୃହ ଯୋଜନା**

## ପ୍ରଥମ ଦିନରେ ୬୦ ହଜାର ଘର କାର୍ଯ୍ୟାଦେଶ

- ପ୍ରତ୍ୟେକ ଘର ପାଇଁ ୧.୨୦ ଲକ୍ଷ ଟଙ୍କା
- ମିଳିବ ବିଦ୍ୟୁତ, ଶୌଚାଳୟ, ରନ୍ଧନ ଗ୍ୟାସ୍ ଓ ଜଳ ସୁବିଧା
- ୩ ବର୍ଷରେ ୫ ଲକ୍ଷ ଘର ଯୋଗାଇ ଦିଆଯିବ
- ଖର୍ଚ୍ଚହେବ ୭,୫୫୦ କୋଟି ଟଙ୍କା



**ଭୁବନେଶ୍ୱର,୩୦।୩/ଏନ୍‌ଏନ୍‌ଏସ୍:**

ସତୁରି ଦଶକରୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ପାଇବା ଗରିବ ଓ ସାଧାରଣ ଲୋକଙ୍କ ପାଇଁ ବଡ଼ ସମସ୍ୟା ହୋଇରହିଛି । ଆଜି ମଧ୍ୟ ଅନେକଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡିଏ ବି ନାହିଁ । ଏ ସମସ୍ୟାର ସମାଧାନ ହେବ ଏବଂ ସମସ୍ତଙ୍କୁ ପକ୍କା ଘର ମିଳିବ । ଅନ୍ତ୍ୟୋଦୟ ଗୃହ ଯୋଜନାରେ ସବୁଠାରୁ ଗରିବ ଓ ଅସହାୟ ଲୋକଙ୍କ ପାଇଁ ଘର ଦିଆଯିବ । ରବିବାର କଳାହାଣ୍ଡିର ଭବାନୀପାଟଣାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଯୋଜନା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହ ବଞ୍ଚିବାକୁ ଆଶା ଓ ଭରସା ଯୋଗାଇଦେବ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ୨୦୧୮ ▶▶ ୭

## ଓପିଏସ୍‌ସି ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି

**କଟକ,୩୦।୩/ଏନ୍‌ଏନ୍‌ଏସ୍:**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପାଇଁ ରବିବାର ଅନୁଷ୍ଠିତ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଅଭିଯୋଗ ହୋଇଛି । ସାମ୍ବାଦିକତା ଓ ଗଣ ଯୋଗାଯୋଗ ପ୍ରଶ୍ନରେ ପୂର୍ଣ୍ଣସଂଖ୍ୟା ୧୦୦ ଥିବା ବେଳେ ୯୪ ନମ୍ବରର ପ୍ରଶ୍ନ ଆସିଛି । ତେବେ ୬ ନମ୍ବର ପ୍ରଶ୍ନ କମ୍ ଥିବା ନେଇ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ପରୀକ୍ଷାର୍ଥୀଙ୍କ ଏପରି ଅଭିଯୋଗକୁ ଓପିଏସ୍‌ସି ସ୍ୱୀକାର କରିଛି । ଏହା ମୁଦ୍ରଣଜନିତ ତ୍ରୁଟି ଏବଂ ଖୁବ୍ ଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି ।

## ପହିଲାରୁ ୫ ଯାଏ ବର୍ଷା

**ଭୁବନେଶ୍ୱର,୩୦।୩/ଏନ୍‌ଏନ୍‌ଏସ୍:**

ଆସନ୍ତା ୪ରୁ ୫ ଦିନ ମଧ୍ୟରେ ଦିନ କିମ୍ବା ରାତିର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ନାହିଁ । ଏପ୍ରିଲ ୧ ତାରିଖରେ ରାଜ୍ୟରେ କିଛି ସ୍ଥାନରେ ହାଲୁକା ବର୍ଷା ହେବ । ସେପଟେ ଏପ୍ରିଲ୍ ୨ରୁ ୫ ତାରିଖ ପର୍ଯ୍ୟନ୍ତ କିଛି ଜିଲ୍ଲାରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ୨ ତାରିଖରେ ମାଲକାନଗିରି ଓ କୋରାପୁଟରେ ବର୍ଷାହେବ । ସେହିପରି ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ବର୍ଷାର ▶▶ ୭







# ସାମ୍ବାଦିକ ସଂଘର ତିନିଦିନିଆ ଉତ୍କଳ ଦିବସ ପାଳନ ପ୍ରସ୍ତୁତି






**ସାଲେପୁର,୩୦।୩/ଏନ୍‌ଏନ୍‌ଏସ୍‌:** ଉତ୍କଳ ଦିବସ ପାଳନ ନେଇ ସଜେଇ ହେଉଛି କଟକ ଜିଲ୍ଲା ସାଲେପୁର ଅଞ୍ଚଳ। ଏକାଧିକ ସ୍ଥାନରେ ପାଳନ ହେବାକୁ ଯାଉଛି ଉତ୍କଳ ଦିବସ। ଉଜ୍ଜୀବିତ ହେବ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଗାଥା। ମଞ୍ଚ ପ୍ରସ୍ତୁତି ଚାଲିଛି। ଏଥର ପ୍ରଥମ ଥର ପାଇଁ ରାଜ୍ୟ ସରକାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଗାଁରେ

## ଯୋଗଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ରାଜ୍ୟସ୍ତରୀୟ ଉତ୍କଳ ଦିବସ ପାଳନ ପାଇଁ ଅଣ୍ଟା ଭିଡିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ଆୟୋଜିତ କାର୍ଯ୍ୟକ୍ରମରେ। ମୁଖ୍ୟମନ୍ତ୍ରୀଙ୍କ ଆଗମନ ନେଇ ଜିଲ୍ଲା ପ୍ରଶାସନ ପୁରା ତତ୍ପର ହୋଇଉଠିଛି। ସ୍ଥିତି ସମୀକ୍ଷା କରି ପୁରା ତଦାରଖ ଦାୟିତ୍ୱ ଜିଲ୍ଲାପାଳଙ୍କ ହାତରେ ରହିଛି। ସବୁଠି ଚାଲିଛି ମଞ୍ଚ ପ୍ରସ୍ତୁତି ଓ ବିଭିନ୍ନ ସାଜସଜ୍ଜା। ସାଂସ୍କୃତିକ ମହୋତ୍ସବ ସନ୍ଧ୍ୟାରେ ଝୁମିବେ ପ୍ରତ୍ୟକ ଓଡ଼ିଆ। ଦେଖିବାକୁ ମିଳିବ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ଓଡିଶା ଲୋକକଳାର ଝଲକ। ତେବେ ଏପ୍ରିଲ ଏକ ତାରିଖରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସିବେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜନ୍ମ ସ୍ଥାନ ସତ୍ୟଭାମାପୁର ଗାଁକୁ। ସେଥିଲାଗି ସଜେଇ ହେଉଛି ମଧୁବାବୁଙ୍କ ପୈତୃକଗୃହ ଓ ଏନ୍ତୁଡ଼ିଶାଳ। ପ୍ରଥମଥର ଏହି ଗାଁରେ ରାଜ୍ୟ ସରକାରଙ୍କ ପକ୍ଷରୁ ପାଳନ ହେବ ରାଜ୍ୟସ୍ତରୀୟ ଉତ୍କଳ ଦିବସ ସମାରୋହ। ସେଥିପାଇଁ ପୁରା ପ୍ରସ୍ତୁତିରେ ଲାଗିପଡିଛନ୍ତି ଜିଲା ପ୍ରଶାସନ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ। ମଧୁବାବୁଙ୍କ ଜନ୍ମପୀଠ ପରିସର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ପାଇଁ ମୁଖ୍ୟମନ୍ତ୍ରୀ କରିବେ ଶୁଭ ଶିଳାନ୍ୟାସ। ପରିସର ସଫେଇଠାରୁ ଆରମ୍ଭକରି ମଞ୍ଚ ସାଜସଜ୍ଜା କିଭଳି ଚାଲିଛି ସବୁର ତଦାରଖ କରୁଛନ୍ତି କଟକ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ପ୍ରଥମଥର ମଧୁବାବୁଙ୍କ ପୀଠକୁ ଆସିବା ଏବଂ ଏଠାରେ ରାଜ୍ୟସ୍ତରୀୟ ଉତ୍କଳ ଦିବସ ପାଳନ କରିବା ନେଇ ମଧୁବାବୁଙ୍କ ଗାଁ ଲୋକେ ବେଶ ଖୁସି ପ୍ରକଟ କରିଛନ୍ତି। ସେପଟେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ସାଲେପୁର ହାଇସ୍କୁଲ ପଡ଼ିଆରେ ୩ ଦିନ ବ୍ୟାପି ଉତ୍କଳ ଦିବସ ପାଳନ ପାଇଁ ମଞ୍ଚ ପ୍ରସ୍ତୁତି ଚାଲିଛି। ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର ଦଶମ ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ସମାରୋହ ପାଳନ ପାଇଁ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଓଡ଼ିଶାର ନାମୀ ଦାମୀ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦୁଲୁକିବ ମଞ୍ଚ, ଆତସବାଜିରେ ରଙ୍ଗୀନ ହେବ ଆକାଶ। ଅପ୍ରେଲ ଏକ ତାରିଖ ସକାଳେ ମଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁର ଏନ୍ତୁଡ଼ି ଶାଳରୁ ଅଗ୍ନି ମଶାଲରେ ମଧୁବାବୁ ସ୍ୱାଭିମାନ ରାଲି ଅନୁଷ୍ଠିତ ହେଉଥିଲା ବେଳେ ସନ୍ଧ୍ୟାରେ ମାଛୁଆତି ଠାରୁ ସଭାମଞ୍ଚ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ସହିତ କାର୍ଟୁନ,ବିରାଟ ହନୁମାନ ଓ ପାରମ୍ପରିକ ନାଚ ଗୀତ ମାଧ୍ୟମରେ ଏକ ରାଲି ଅନୁଷ୍ଠିତ ହେବ। ସେହିଭଳି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ମଧୁସ୍ମୃତି ପରିଷଦ ପକ୍ଷରୁ ମଧ୍ୟ ପାଞ୍ଚଦିନ ବ୍ୟାପି ହରିଚନ୍ଦନପୁର ବ୍ୟାରେଜ ପଡ଼ିଆରେ ଉତ୍କଳ ଦିବସ ତଥା ସାଲେପୁର ମହୋତ୍ସବ ପାଳନ ହେବ। ସେଥିପାଇଁ କମିଟିର କର୍ମକର୍ତ୍ତା ଲାଗି ପଡ଼ିଛନ୍ତି ସମସ୍ତ ପ୍ରସ୍ତୁତିରେ। ମୁଖ୍ୟ ଆକର୍ଷଣ ପାଲଟିବ ପଞ୍ଚାୟତ ରାଲି, ମୀନା ବଜାର, ଓରମାସ ଷ୍ଟଲ ସାଙ୍ଗକୁ ନାମୀଦାମୀ କଳାକାରଙ୍କ ମଞ୍ଚ ଦୁଲୁକାଇଲା ଭଳି ସାଂସ୍କୃତିକ ଝଲକ। ସେଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା କହିଛନ୍ତି ଆୟୋଜକମଣ୍ଡଳୀ।

## ଡେଲାଙ୍ଗରେ ଚୋରି ବୃଦ୍ଧି

# ମାସକ ଭିତରେ ୬ ସ୍ଥାନରୁ ଲୁଟ୍‌

**ଡେଲାଙ୍ଗ,୩୦।୩/ଏନ୍‌ଏନ୍‌ଏସ୍‌:** ଡେଲାଙ୍ଗ ଥାନା ଅଞ୍ଚଳରୁ ଏବେ ବିଭିନ୍ନ ସ୍ଥାନରେ ଦିନକୁ ଦିନ ଚୋରି ବଢ଼ିବାରେ ଲାଗିଛି। ଚୋରମାନେ ପୁଲିସକୁ ଭୟ ନକରି ଖୁଲମଖୁଲା ଗୋଟିକ ପରେ ଗୋଟେ ସ୍ଥାନରୁ ଚୋରିକରି ସଫଳ ହେଉଛନ୍ତି। ପୁଲିସ କେବଳ ଥାନାରେ ମାମଲା ରୁଜୁକରି ଚୁପ୍‌ ବସିଥିବା ବେଳେ ପୁଲିସ ନିଷ୍କ୍ରିୟତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ଚଳିତ ମାସକ ଭିତରେ ଡେଲାଙ୍ଗ ଥାନା ଅଞ୍ଚଳ ଡାକପଡା ଗ୍ରାମର ବାଙ୍କେଶ୍ୱରୀ ମନ୍ଦିର, ବଡ଼ଆଙ୍କୁଲା ତାରେଣୀ ମନ୍ଦିରରୁ ଚୋରି ହୋଇଥିବା ବେଳେ ପିଢ଼ପାଟଣା ଅନ୍ନପୂର୍ଣ୍ଣା ଗୋଶାଳା ସମ୍ମୁଖରୁ ସ୍କୁଟି ଗାଡ଼ି ଚୋରି, ନିପୁର ଅଞ୍ଚଳରୁ ଘରତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ସମେତ ସୁନା ଅଳଙ୍କାର ଲୁଟ୍‌, ଅରିସଲ ସିଙ୍ଗାରକିରି ଗ୍ରାମରୁ ୧୫ଟି ଛେଳି ଚୋରି ଭଳି ମାମଲା ଅନେକ ଅଭିଯୋଗ ଡେଲାଙ୍ଗ ଥାନାରେ ହୋଇଛି। ଏବେ ଶନିବାର ବିଳମ୍ବିତ ରାତିରେ ବେରବୋଇ ଗ୍ରାମପଞ୍ଚାୟତ ଅଧୀନ ବୁଆଲି ଗ୍ରାମର ଗୋପୀନାଥ ଦେବଙ୍କ ମନ୍ଦିରରୁ ଗହଣା ଓ ଟଙ୍କା ଚୋରି ଘଟଣା ସମଗ୍ର ଡେଲାଙ୍ଗ ଅଞ୍ଚଳରେ ଚୋରମାନଙ୍କ ପ୍ରାଦୁର୍ଭାବ ବୃଦ୍ଧିକୁ ନେଇ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ମୁତାବକ ୨୯ତାରିଖ ରାତିରେ ବୁଆଲି ଗ୍ରାମର ଆରାଧ ଠାକୁର ଗୋପୀନାଥ ଦେବଙ୍କ ମନ୍ଦିରରୁ ସୁନା ଚିତା ଅଳଙ୍କାର, ରୁପା ବଇଁଶୀ, ରୁପା ମୁକୁଟ, ରୁପା ବାଉଟି ସମେତ ନଗଦ ୧୫ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦୁର୍ବୃତ୍ତମାନେ ଲୁଟିନେଇଥିବା ନେଇ ବୁଆଲି ଗ୍ରାମବାସୀଙ୍କ ପକ୍ଷରୁ ଡେଲାଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ପୁରୀରୁ ସାଇଣ୍ଟିଫିକ୍‌ ଟିମ୍‌ ଘଟଣାସ୍ଥଳରେ ପହଞ୍ଚିଥିବା ନେଇ ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି। ତେବେ ଡେଲାଙ୍ଗ ଅଞ୍ଚଳରେ ଦିନକୁ ଦିନ ଚୋରି ସଂଖ୍ୟା ବଢୁଥିବା ନେଇ ଜନଅସନ୍ତୋଷ ଦେଖାଦେଇଛି।

# ମହୁମାଛି ଆକ୍ରମଣରେ ଦଣ୍ଡୁଆ ଗୁରୁତର

**ଓଡ଼ଗାଁ,୩୦।୩/ଏନ୍‌ଏନ୍‌ଏସ୍‌:** ଓଡ଼ଗାଁ ବ୍ଲକ୍‌ ଅନ୍ତର୍ଗତ ଶରଣକୁଳ ଥାନା ଦରପଦା ଛକ ନିକଟରେ ଆଜି ଅପରାହ୍ନରେ ମହୁମାଛି ଆକ୍ରମଣରେ ଦଣ୍ଡୁଆମାନେ ଗୁରୁତର ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ଓ ଜଣେ ଶିଶୁ ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଦରପଦା ଛକ ନିକଟରେ ଥିବା ଏକ ଛାତଘରେ ମହୁମାଛି ବସା ବାନ୍ଧିଥିବା ଲୋକେ ଦେଖିବାକୁ ପାଇଥିଲେ। ଆଜି ଦରପଦା ଛକ ନିକଟ କଲ୍ୟାଣପୁର ଗ୍ରାମର ପ୍ରଶାନ୍ତ କୁମାର ମିଶ୍ରଙ୍କ ଘରକୁ ନିକଟସ୍ଥ ଶରଧାପୁର ଗ୍ରାମରୁ ଦଣ୍ଡଠାକୁର ଆସିଥିବାବେଳେ କୌଣସି କାରଣକୁ ନେଇ ମହୁମାଛି ବାହାରି ଦଣ୍ଡୁଆଙ୍କୁ ଆକ୍ରମଣ କରିଥିଲା। ସେଠାରେ ଥିବା ସ୍ଥାନୀୟ ଲୋକଙ୍କୁ ଆକ୍ରମଣ କରିବାରୁ ଲୋକେ ସେଠାରୁ ଛତ୍ରଭଙ୍ଗ ଦେଇ ଏଣେତେଣେ ଧାଇଁଥିଲେ। ଏଥିରେ ଯୁଗଳ ନାହାକ, ରବି ଦଳେଇ, ଭଜରାମ ଡାକୁଆ ଆହତ ହୋଇଥିବାବେଳେ କୁଳମଣି ପ୍ରଧାନଙ୍କ ପୁଅ ଲିକୁ ପ୍ରଧାନ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ନୟାଗଡ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଏବେ ଲିକୁଙ୍କ ସ୍ୱାସ୍ଥ୍ୟ ଭଲଥିବା ବାପା କୁଳମଣି ସୂଚନା ଦେଇଛନ୍ତି।

# ଗ୍ରୀଷ୍ମ ପ୍ରକୋପ ବୃଦ୍ଧି, ଜନଜୀବନ ପ୍ରଭାବିତ

**ଖଣ୍ଡପଡ଼ା,୩୦।୩/ଏନ୍‌ଏନ୍‌ଏସ୍‌:** ଖଣ୍ଡପଡା ଓ ଏହାର ଆଖପାଖ ଅଂଚଳରେ ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ଦିନରେ ଅସହ୍ୟ ତାତି, ଗୁଳୁଗୁଳି ସାଙ୍ଗକୁ ରାତିରେ ମଧ୍ୟ ଗୁଳୁଗୁଳିର ପ୍ରଭାବ ଜନଜୀବନକୁ ପ୍ରଭାବିତ କରୁଛି। ଦିନ ୧୦ଟା ପରେ ରାସ୍ତାଘାଟ ଜନଶୂନ୍ୟ ହୋଇ ପଡୁଛି। ଗ୍ରୀଷ୍ମର ତାତି ସାଙ୍ଗକୁ ଆଖପାଖ ଅଞ୍ଚଳରେ ପୋଡା ଚାଲିଥିବା ଶହ ଶହ ମାଟି ଇଟା ଭାଟିର ତାତି ପରିକୁ ଆହୁରି ଉତ୍ତପ୍ତ କରୁଛି। ଏକ ପାହାଡିଆ, ଜଳକ୍ଲିଷ୍ଟ ଅଞ୍ଚଳ ଭାବେ ଜଣାଶୁଣା ଖଣ୍ଡପଡା ବ୍ଲକ ଅଂଚଳର ବିଭିନ୍ନ ଗ୍ରାମରେ ପାନୀୟ ଜଳର ଅଭାବ ଦେଖାଦେଇଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। ସେହିପରି ବେଆଇନ ଭାବେ ପୋଡ଼ା ଚାଲିଥିବା ଶହଶହ ମାଟି ଇଟାଭାଟି ପ୍ରତି ତହସିଲ ପ୍ରଶାସନ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ଓଡ଼ଗାଁରେ ମିଶନଶକ୍ତି ଋଣ ମେଳା

# ୧୫ ଗୋଷ୍ଠୀକୁ ୧କୋଟି ୩୮ଲକ୍ଷର ଚେକ୍‌ ପ୍ରଦାନ



**ଓଡ଼ଗାଁ,୩୦।୩/ଏନ୍‌ଏନ୍‌ଏସ୍‌:** ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମିସନଶକ୍ତି ଭବନଠାରେ ଏକ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହି ଶିବିରରେ ମହିଳା ଓ ଶିଶୁ ସୁରକ୍ଷା ବିଭାଗର ସୁପର ଭାଇଜର ସୁଭଦ୍ରା ଖିଲାର, ଓଡ଼ଗାଁ ଗ୍ରାମ ପଞ୍ଚାୟତ ଅଧିକାରୀ ବିଶ୍ୱଜିତ୍‌ ଜେନା, ଏଚଡିଏଫ୍‌ ସି ଶାଖା ପରିଚାଳକ ତପନ କୁମାର ପ୍ରଧାନ, ଓଡ଼ିଶା ଜୀବିକା ମିସନ ପ୍ରକଳ୍ପ ଅଧିକାରୀ ସୁରଜ କୁମାର ବେହେରା, ମିସନଶକ୍ତି ପ୍ରକଳ୍ପ ଅଧିକାରୀ ମୃତ୍ୟୁଞ୍ଜୟ ବେହେରା, ଜୀବିକା ମିସନ ସଂଯୋଜକ ସମୀର କୁମାର ମହାପାତ୍ର, ଅରୁଣ କୁମାର ପାତ୍ରଙ୍କ ସମେତ ୧୩ ଟି ବ୍ୟାଙ୍କର ବ୍ୟାଙ୍କ ମିତର, ୩୬ଟି ପଞ୍ଚାୟତର ଏମ୍‌ ବିକେ, ସିଆରପି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ। ଆଜିର ଏହି ଋଣ ମେଳାରେ ୧୫ଟି ବ୍ୟାଙ୍କର ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧କୋଟି ୩୮ଲକ୍ଷ ଟଙ୍କାର ଚେକ୍‌ ପ୍ରଦାନ କରାଯାଇଛି। ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ୟାଙ୍କ ମିତ୍ରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ କିସ୍ତି ଆଦାୟ କରିବା ଓ ବ୍ୟାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ୭ଟି ବ୍ୟାଙ୍କ ମିତ୍ରଙ୍କୁ ସଫଳ ବ୍ୟାଙ୍କ ମିତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ୬ଜଣ ବ୍ୟାଙ୍କ ମିତ୍ରଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ଶେଷରେ ଜୀବିକା ମିଶନ ସଂଯୋଜକ ଶ୍ରୀ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ୧୮୩ ହିତାଧିକାରୀଙ୍କୁ ମିଳିବ ପକ୍କାଘର



**ଜଟଣୀ,୩୦।୩/ଏନ୍‌ଏନ୍‌ଏସ୍‌:** ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୮୩ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ପକ୍କାଘର। ଆଜି ଜଟଣୀ ସ୍ରଷ୍ଟା ଟାଉନ ହଲ ଠାରେ ବିଧାୟକ ବିଭୁତି ଭୂଷଣ ବଳବନ୍ତରାୟଙ୍କ ଉପସ୍ଥିତିରେ ଏହି ଯୋଜନାରେ ହିତାଧିକାରୀଙ୍କୁ ପ୍ରମାଣପତ୍ର ଦିଆଯାଇଛି। ତେବେ ରାଜ୍ୟରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଜିଲାରୁ ଏହି ଯୋଜନାକୁ ଶୁଭାରମ୍ଭ କରିଥିବା ବେଳେ ଭିନ୍ନକ୍ଷମ, ବିଧବା, ଅନାଥ, ଅସହାୟ ଦୂରାରୋଗରେ ପୀଡ଼ିତ ଥିବା ବ୍ୟକ୍ତି ଏବଂ ଶହୀଦ ପରିବାର ବ୍ୟକ୍ତି, ବନ୍ୟା ବାତ୍ୟା ଓ ଅଗ୍ନିକାଣ୍ଡ ଘଟି ଘରପୋଡି, ହାତୀ ଉପଦ୍ରବ ହୋଇ ଭାଙ୍ଗିଥିବା ଘର, ଏମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜଟଣୀରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ, ସାଂସଦ ପ୍ରତିନିଧି, ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ ଏବଂ ବିଡ଼ିଓ ରଶ୍ମିତା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରୁ ସିଧାସଳଖ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ଯୋଗ ଦେଇଥିଲେ। ଆଜି ୧୮୩ ଜଣ ହିତାଧିକାରୀଙ୍କ ମଧ୍ୟରୁ ୧୨୭ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ଜଣାପଡ଼ିଛି।

# ଜଳଛତ୍ର ଖୋଲିବାକୁ ଦାବି

**କଣ୍ଟିଲୋ,୩୦।୩/ଏନ୍‌ଏନ୍‌ଏସ୍‌:** ସମ୍ପ୍ରତି ପ୍ରତ୍ୟେକ ବର୍ଷର ଗ୍ରୀଷ୍ମଋତୁ ଅପେକ୍ଷା ଚଳିତ ୨୦୨୫ ବର୍ଷର ଗ୍ରୀଷ୍ମଋତୁ ଅଲଗା ଜଣାପଡୁଛି। କାରଣ ପ୍ରତିବର୍ଷ ମାର୍ଚ୍ଚ ମାସରେ ଖରା ଓ ଗରମ ଅନୁଭବ ହୋଇଥିଲା ବେଳେ ଚଳିତବର୍ଷ ଫେବୃଆରୀ ମାସ ଅଧାରୁ ଗରମ ଜୋରରେ ଆରମ୍ଭ ହୋଇଛି। ବର୍ତ୍ତମାନ ମହାନଦୀ ଜଳସ୍ତର ଦିନକୁ ଦିନ କମୁଥିବା ବେଳେ ପାନୀୟଜଳର ସଙ୍କଟ ନିଶ୍ଚିତ ଭାବେ ଜନସାଧାରଣ ଅନୁଭବ କରିବେ ଏବଂ ପାନୀୟଜଳ ଯୋଗାଣର ବ୍ୟବସ୍ଥା ଏବେଠାରୁ ଯଦି କରା ନଯାଏ ତେବେ ନିଶ୍ଚିତ ଭାବେ ସର୍ବସାଧାରଣ, ଜୀବଜନ୍ତୁ ମାନେ ହଇରାଣ ହେବେ। ସୂଚନାଯୋଗ୍ୟ ଯେ ଗତ ବର୍ଷ କଣ୍ଟିଲୋ ସରପଞ୍ଚ ଶ୍ରୀୟା ରାଣୀ ବେହେରା ଖୁବ୍‌ ଯତ୍ନ ସହକାରେ ଶୃଙ୍ଖଳାର ସହ ଗ୍ରାମ ପଞ୍ଚାୟତର ମୁଖ୍ୟ ମୁଖ୍ୟ ସ୍ଥାନ ତଥା ଆବଶ୍ୟକୀୟ ଜନ ଗହଳି ବଜାରମାନଙ୍କରେ ଜଳ ଛତ୍ର ଖୋଲି ଥଣ୍ଡା ପାନୀୟ ଜଳ ବିତରଣ କରିଥିବା ନଜିର ଅଛି। ଚଳିତ ବର୍ଷ ମାର୍ଚ୍ଚ ଶେଷ ହେଲା। ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ଓ ଖରା, ଗରମ ଜୋର୍‌ ଧରିବାରେ ଲାଗିଛି। ଯଥାଶୀଘ୍ର ପଞ୍ଚାୟତର ମୁଖ୍ୟ ମୁଖ୍ୟ ସ୍ଥାନମାନଙ୍କରେ ଓ ବଜାରଘାଟରେ ଜଳଛତ୍ର ଖୋଲି ବାଟୋଇ, ପଥଚାରୀ, ବୃଦ୍ଧବୃଦ୍ଧା ଓ ସର୍ବସାଧାରଣଙ୍କୁ ଥଣ୍ଡା ପାନୀୟଜଳ ଯୋଗାଇଦେବା ପାଇଁ ବୁଦ୍ଧିଜୀବୀମାନେ ସରପଞ୍ଚଙ୍କ ନିକଟରେ ଦାବି କରିଛନ୍ତି।

# କଞ୍ଚନବିଲିରେ ସତ୍ୟସାଇ ସେବା ଗ୍ରାମ ପରିକ୍ରମା



**ନୟାଗଡ଼,୩୦।୩/ଏନ୍‌ଏନ୍‌ଏସ୍‌:** ନୟାଗଡ଼ ବ୍ଲକ ସତ୍ୟସାଇ ସେବା ସମିତିର ପୋଷ୍ୟ ଗ୍ରାମ କ୍ରିଦାଶପୁର ପଞ୍ଚାୟତ ଅନ୍ତର୍ଗତ କଞ୍ଚନବିଲିରେ ସତ୍ୟ ସାଇବାବା ଗ୍ରାମ ପରିକ୍ରମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଇ ମନ୍ଦିରଠାରୁ ଏକ ସୁସଜ୍ଜିତ ରଥରେ ସତ୍ୟସାଇ ଠାକୁର ବିଜେ କରି ଗ୍ରାମ କରିଥିଲା ବେଳେ ସାଇ ଭକ୍ତମାନଙ୍କ ନଗର କୀର୍ତ୍ତନ ସହ ହରିବୋଲ, ହୁଳହୁଳି ଓ ହରିନାମ ଧ୍ୱନିରେ ଗ୍ରାମ୍ୟ ପରିବେଶରେ ଏକ ଆଧ୍ୟାତ୍ମିକ ଧାର୍ମିକ ଭାବନା ସୃଷ୍ଟି କରିଥିଲା।ଏହି ପରିପ୍ରେକ୍ଷୀରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷମାନେ ଠାକୁରଙ୍କ ସହିତ ଗ୍ରାମ ପରିକ୍ରମା କରିଥିଲା ବେଳେ ଗାଁ ଦାଣ୍ଡର ପ୍ରତି ଘର ଆଗରେ ଦୀପ ଜଳୁଥିବା ଦେଖିବାକୁ ମିଳିଥିଲା।ସାଇ ସମିତିର ସଦସ୍ୟମାନେ ଘରେ ଘରେ ପ୍ରସାଦ ସହ ସତ୍ୟସାଇ ବାବାଙ୍କ ଫଟୋଚିତ୍ର ବଣ୍ଟନ କରିଥିଲେ। ନୟାଗଡ଼ ସାଇ ସେବା ସମିତିର ପ୍ରତାପ ଚନ୍ଦ୍ର ପରିଡ଼ା, ରାମଚନ୍ଦ୍ର ସାହୁ,ସନ୍ତୋଷ କୁମାର ପ୍ରଧାନ, ବ୍ରଜବନ୍ଧୁ ମହାପାତ୍ର, ପଦ୍ମାବତୀ ନାୟକ, ଜଟାଧାରୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକମାନଙ୍କ ମନରେ ଆଧ୍ୟାତ୍ମିକ ଚେତନା ସହ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ଉପରେ ଜନ ଜାଗରଣ ସୃଷ୍ଟି କରିଥିଲେ।ସାରା ଭାରତରେ ୬ ହଜାର ଗ୍ରାମ ,ସାରା ଓଡ଼ିଶାରେ ୬ଶହ ଗ୍ରାମ ଓ ନୟାଗଡ଼ ଜିଲ୍ଲାରେ ୬ ଗ୍ରାମ ହାତକୁ ନିଆ ଯାଇଥିବା ବେଳେ ନୟାଗଡ଼ ସାଇ ସେବା ସମିତିର ପୋଷ୍ୟ ଗ୍ରାମ କଞ୍ଚନବିଲିଠାରେ ଏହି ସେବା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମ ସଭାପତି ଶହଦେବ ପ୍ରଧାନ, ବରିଷ୍ଠ ନାଗରିକ ଦୁତିବାମନ ବେହେରା, ଆଡଭୋକେଟ ଫଂସାରି ସାହୁ ପ୍ରମୁଖ ଏହି ପରିକ୍ରମା ଉତ୍ସବରେ ସାମିଲ୍‌ ଥିଲାବେଳେ କଞ୍ଚନବିଲି ସାଇସେବା ସମିତିର ସଦସ୍ୟ ପ୍ରମିଳା ପ୍ରଧାନ, ସୁଶାନ୍ତ କୁମାର ବେହେରା, ସ୍ୱର୍ଣ୍ଣଲତା ସାହୁ, ମମତା ପ୍ରଧାନ ପ୍ରମୁଖ ସମସ୍ତ ସହଯୋଗ କରିଥିଲେ।

## ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଲାଗିଥିବା ୫୧ ସିସି କ୍ୟାମେରା ଅଚଳ

# ବିପଦରେ କୋଣାର୍କ ସୁରକ୍ଷା, ଚିନ୍ତାରେ ବୁଦ୍ଧିଜୀବୀ



**କୋଣାର୍କ,୩୦।୩/ଏନ୍‌ଏନ୍‌ଏସ୍‌:** ଗତ ଫେବୃୟାରୀ ମାସ ୨୦୨୪ମସିହାରେ ବିଶ୍ୱ ଐତିହ୍ୟ ପର୍ଯ୍ୟଟନସ୍ଥଳୀ କୋଣାର୍କର ସୁରକ୍ଷାକୁ ନଜରରେ ରଖି କୋଣାର୍କର ୩ଗୋଟି ମୁଖ୍ୟ ପ୍ରବେଶ ଓ ପ୍ରସ୍ଥାନ ପଥ ସହିତ କୋଣାର୍କ ମାଧିପୁରଛକ, ଥାନାଛକ, ମେଡିକାଲଛକ, ରିଂ ରୋଡ ଛକ, ଲାବନ୍ୟ ଲଜଛକ, ସୂର୍ଯ୍ୟମନ୍ଦିର ସମ୍ମୁଖ ଛକ, ପୂର୍ତ୍ତବିଭାଗ ଛକ, ବସ୍‌ଷ୍ଟାଣ୍ଡ ଛକ, ଚନ୍ଦ୍ରଭାଗା ଗୋଲେଇଛକ ପରି ଅନେକ ସ୍ପର୍ଶକାତର ଛକଗୁଡିକରେ ସମୁଦାୟ ୫୧ଗୋଟି ୩୬୦ ଡିଗ୍ରୀ ଫଟୋ ଉତ୍ତୋଳନ କରିପାରୁଥିବା ଦିବାରାତ୍ରୀ କାଳୀନ ଏଚ୍‌ଡି କ୍ୟାମେରା ଲଗାଯାଇଥିଲା। ଏହାର କଣ୍ଟ୍ରୋଲ ରୁମ୍‌ କୋଣାର୍କ ଥାନାରେ ରଖାଯାଇ କୋଣାର୍କ ଥାନା ଦାୟିତ୍ୱରେ ଏହାର ପରିଚାଳନା ସହିତ ସମ୍ପୂର୍ଣ୍ଣ ସିସି କ୍ୟାମେରାର ତଥ୍ୟ ରଖାଯାଇଛି। କୋଣାର୍କ ଏନଏସି ପକ୍ଷରୁ ଲଗାଯାଇଥିବା ଏହି ସିସି କ୍ୟାମେରାଗୁଡିକ ଏବେ ଠିକାଦାର ଦ୍ୱାରା ପରିଚାଳନା ଓ ମରାମତି ଅଭାବରୁ ସମ୍ପୂର୍ଣ୍ଣ ଅଚଳ ହୋଇ ଦୀର୍ଘ ଏକମାସରୁ ଉର୍ଦ୍ଧ୍ୱ ଦିନ ହେବ ପଡ଼ି ରହିଥିବା କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି। ଫଳରେ କୋଣାର୍କ ସୁରକ୍ଷା ଏବେ ବିପଦ ରେ ରହିଥିବା ଦେଖାଯାଇଛି। ପ୍ରତେକ ଦିନ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଭିଆପି ଓ ଭିଭିଆଇପିମାନେ ଆସିଥାନ୍ତି। ଯାହାକୁ ନେଇ ପୋଲିସ ଏବେ ଚିନ୍ତାରେ। ଏ ନେଇ ଠିକାଦାରକୁ ବାରମ୍ବାର ମରାମତି କରାଇବା ପାଇଁ ଜଣାଇବା ସତ୍ତ୍ୱେ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟ କରୁନଥିବା ଜଣାପଡିଛି। ଫଳରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଲାଗିଥିବା ଏହି ନିମ୍ନମାନର ସିସି କ୍ୟାମେରା ଗୁଡିକ ଏବେ ନଷ୍ଟ ହେବାକୁ ବସିଛି। କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ ଓ କୋଣାର୍କ ଏନଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀଙ୍କୁ ଏ ସମ୍ପର୍କରେ ପଚାରିବାରେ ସେ ଠିକାଦାରଙ୍କୁ ଜଣାଇଛନ୍ତି, ଯଦି ସଠିକ ସମୟରେ ଏହାକୁ କାର୍ଯ୍ୟକ୍ଷମ ନକରନ୍ତି ତା'ହେଲେ ଠିକାଦାର ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ସୂଚନାଥାଉ କି ବିଶ୍ୱଐତିହ୍ୟ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ପରିଦର୍ଶନରେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଦେଶ ବିଦେଶର ପର୍ଯ୍ୟଟକମାନେ ଆସିଥାନ୍ତି। ବିଭିନ୍ନ ସମୟରେ ଏହି ପର୍ଯ୍ୟଟକ ମାନଙ୍କୁ କେତେକ ଅସାମାଜିକ ବ୍ୟକ୍ତି ହଇରାଣ ହରକତ କରିବା ସହିତ ଲୁଟ୍‌କରି ଫେରାର ହୋଇଯାଇଥାନ୍ତି। ଫଳରେ ଅନେକ ସମୟରେ ଏହି ଅସାମାଜିକ ବ୍ୟକ୍ତିଙ୍କୁ ପୋଲିସ ଧରିବାରେ ବିଫଳ ହୋଇଥାନ୍ତି। ଯାହାକୁ ନେଇ ପର୍ଯ୍ୟଟକ ମହଲରେ କୋଣାର୍କ ପ୍ରତି ଏକ ନକରାତ୍ମକ ପ୍ରଭାବ ପଡୁଥିଲା। ଏନେଇ ବିଭିନ୍ନ ଗଣମାଧ୍ୟମରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ସ୍ଥାନୀୟ ପ୍ରଶାସନ ସିସି କ୍ୟାମେରା ଲଗାଇବା ନେଇ ବାରମ୍ବାର ଖବର ପ୍ରକାଶ ପରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଅସାମାଜିକ ବ୍ୟକ୍ତିଙ୍କୁ ଧରି ସାବାଡ଼ କରିବା ଲକ୍ଷ୍ୟ ନେଇ କୋଣାର୍କ ଏନଏସିରେ ଏ ନେଇ ରାଜ୍ୟ ପୂର୍ବତନ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ନେତୃତ୍ୱରେ କୋଣାର୍କ ଥାନା ଅଧିକାରୀ, କୋଣାର୍କ ଏନଏସି ଅଧକ୍ଷା ଓ କୋଣାର୍କ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ କେତେକ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ କୋଣାର୍କର ସୁରକ୍ଷା ଦିଗ ପ୍ରତି ଦୃଷ୍ଟି ଦେଇ ସବିଶେଷ ଆଲୋଚନା ପରେ କୋଣାର୍କକୁ ପ୍ରବେଶ କରିବାକୁ ଥିବା ୩ଗୋଟି ପ୍ରବେଶ ଓ ପ୍ରସ୍ଥାନ ପଥ ସମେତ ସମସ୍ତ ଜନବହୁଳ ଛକ ଗୁଡିକରେ ସିସି କ୍ୟାମେରା ଲାଗିବା ପାଇଁ ନିଷ୍ପତ୍ତି ନିଆଯାଇ ଚିହ୍ନଟ ସ୍ଥାନରେ ୫୧ଗୋଟି ୩୬୦ଡିଗ୍ରୀ ଫଟୋ ଉତ୍ତୋଳନ କରିପାରୁଥିବା ଦିବାରାତ୍ରୀ କାଳୀନ ଏଚ୍‌ଡି କ୍ୟାମେରା ଲଗାଯାଇଥିଲା।

# ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

**ଆଠଗଡ଼,୩୦।୩/ଏନ୍‌ଏନ୍‌ଏସ୍‌:** ଖୁଣ୍ଟକଟା ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ସ୍ଥାନୀୟ ବଡ଼ଭୁଇଁ ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚାରୁଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ସାଧନକେନ୍ଦ୍ର ସଂଯୋଜକ ଦୁର୍ଗାଚରଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ମେଳାରେ ମୁଖ୍ୟଅତିଥି ଭାବେ ଜାଗିଆପଡା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମନ୍ତ କୁମାର ବିଶ୍ୱାଳ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ଖଟୁଆ ଯୋଗଦେଇଥିଲେ। ପ୍ରାଥମିକସ୍ତରର ଶିକ୍ଷା ପଦ୍ଧତିକୁ ଅଧିକ ସରଳୀକରଣ କରିବା ପାଇଁ ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷଣ ସାମଗ୍ରୀ ମାନ ପ୍ରସ୍ତୁତ କରାଯାଇଥିଲା। କର୍ମଶାଳାରେ ମାନସ ସାହୁ, ଧରଣି ରଣା, ପ୍ରକାଶ ନାୟକ, ବିପିନି ବେହେରା ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ବିଭୁତି ଭୂଷଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କୁମ୍ଭାରପଡ଼ାରେ ୧୫ଦିନିଆ ଦଣ୍ଡପର୍ବ ଆରମ୍ଭ

**ଖଣ୍ଡପଡ଼ା,୩୦।୩/ଏନ୍‌ଏନ୍‌ଏସ୍‌:** ଖଣ୍ଡପଡା ବ୍ଲକ ଅଧୀନ କୁମ୍ଭାରପଡ଼ା ଗ୍ରାମରେ ଦଣ୍ଡପର୍ବ ନିମନ୍ତେ ପାଣିତୋଳା ସହ ୧୫ଦିନିଆ ଯାତ୍ରା ଆରମ୍ଭ ହୋଇଛି। ଆଜି ଅପରାହ୍ନରେ ମାନସିକଧାରୀ ଦଣ୍ଡୁଆମାନେ ଏକତ୍ର ହୋଇ ଗ୍ରାମର ଇଷ୍ଟଦେବ ଶ୍ରୀ ଶ୍ରୀ ଲଡୁକେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଥିବା ନୂଆ ପୋଖରୀ ଠାରେ ପାରମ୍ପରିକ ରୀତି ଅନୁଯାୟୀ ପୂଜାର୍ଚ୍ଚନା କରି ଦଣ୍ଡକାଳୀଙ୍କୁ ଆବାହନ କରିଥିଲେ। ହୋମଯଜ୍ଞ ଷୋଡଶ ଉପଚାର ପରେ ଦଣ୍ଡଠାକୁର ସମଗ୍ର ଗ୍ରାମ ପରିକ୍ରମା କରିଥିଲେ। ଏ ଅବସରରେ ଗ୍ରାମର ପ୍ରତ୍ୟେକ ଘର ସାମନାରେ ପୂର୍ଣ୍ଣକୁମ୍ଭ, ଧୂପ, ଦୀପ ସହିତ ବିଭିନ୍ନ ଭୋଗ ଦଣ୍ଡଠାକୁର ବସାଯାଇଥିଲା। ଆସନ୍ତା ମହାବିଷୁବ ପଣା ସଂକ୍ରାନ୍ତି ଦିନ ମାନସିକଧାରୀ ଦଣ୍ଡୁଆମାନେ ବାରହାତ ନିଆଁରେ ଝାମୁ ଚାଲିବା କାର୍ଯ୍ୟକ୍ରମ ରହିଥିବା ପାଟଦଣ୍ଡୁଆଙ୍କଠାରୁ ସୂଚନା ମିଳିଛି।

# କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ପ୍ରସ୍ତୁତି ବୈଠକ



**କଣ୍ଟିଲୋ,୩୦।୩/ଏନ୍‌ଏନ୍‌ଏସ୍‌:** କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା ଖଳିସାହି କାର୍ଯ୍ୟାଳୟର ଗତ ମାର୍ଚ୍ଚ ୯ ତାରିଖ ବୈଠକର ନିଷ୍ପତ୍ତି ଓ ଧାର୍ଯ୍ୟ ତାରିଖ ଅନୁଯାୟୀ ଆଜି ପୂର୍ବାହ୍ନ ଦଶଘଣ୍ଟା ସମୟେ କଣ୍ଟିଲୋ କଲ୍ୟାଣ ସଦନ ଗୃହରେ ଏକ ପ୍ରସ୍ତୁତି ବୈଠକ ଖଳି ସାହି କାର୍ଯ୍ୟାଳୟର ସଭାପତି ଶ୍ରୀ ବୈକୁଣ୍ଠ ନାଥ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସୂଚନାରୁ ପ୍ରକାଶ

## ଅପ୍ରେଲ ସୁଦ୍ଧା ମହାସଭା ବୈଠକ

ଯେ, କେନ୍ଦ୍ରାଞ୍ଚଳ ଶାଖାର ମୋଟ ୪୫ ଥାନ ମଧ୍ୟରୁ ଆଜି ଏହି ବୈଠକରେ ୩୨ ଥାନର ଥାନପତି, ଥାନ ପ୍ରତିନିଧି ,ପୂର୍ବତନ କର୍ମକର୍ତ୍ତା ଓ ବରିଷ୍ଠ ଜାତିଭାଇ ମାନେ ଯୋଗ ଦେଇଥିଲେ। ଏଥି ମଧ୍ୟରୁ କଣ୍ଟିଲୋ ୨୪ ଥାନରୁ ୨୨ ଥାନ, ଖଳି ସାହି୧ ଥାନ, ଇଟା ମାଟି ୪ ଥାନ ସହିତ ପୂର୍ବତନ କର୍ମକର୍ତ୍ତା, ଥାନ ପ୍ରତିନିଧି ଓ ବରିଷ୍ଠ ଜାତିଭାଇ ପ୍ରାୟ ୫୦ଜଣ ସଦସ୍ୟମାନଙ୍କ ଉପସ୍ଥିତିରେ ଜାତି ସଂଗଠନ ଓ ଜାତିର ଭବିଷ୍ୟତ କାର୍ଯ୍ୟ ପନ୍ଥା, ସଂଘବଦ୍ଧ ଭାବେ ଏକଜୁଟ ହୋଇ ରହି ପ୍ରତ୍ୟେକ କାର୍ଯ୍ୟଗୁଡ଼ିକ କରିବା ପାଇଁ ନିଷ୍ପତ୍ତି ହେଲା। ଦୀର୍ଘ ଚାରି ବର୍ଷ ହେଲା ଅବିଭକ୍ତ କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା ମଧ୍ୟରେ ମନାନ୍ତର, ମତାନ୍ତର ଓ ବୁଝାମଣାର ଅଭାବ ଯୋଗୁ ଯେଉଁ ଦୁଇଟି ଗୋଷ୍ଠୀରେ ପରିଣତ ହୋଇଛି, ସେ ସବୁ ସମସ୍ୟାକୁ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରିବାକୁ ନିଷ୍ପତ୍ତି ହୋଇଛି। ଉଭୟ ଗୋଷ୍ଠୀ ମଧ୍ୟରେ ସମନ୍ୱୟ ଆଣିବା ପାଇଁ ଖଳିସାହି କାର୍ଯ୍ୟାଳୟ ତରଫରୁ ଦୀର୍ଘ ବର୍ଷକ ପୂର୍ବରୁ ପାଞ୍ଚ ପାଞ୍ଚ ଥର ଆପ୍ରାଣ ଚେଷ୍ଟା, ଉଦ୍ୟମ ଓ ପ୍ରୟାସ ଜାରି କରାଯାଇଥିଲେ ହେଁ ଅପର ଗୋଷ୍ଠୀ ତରଫରୁ ଅସହଯୋଗ ହେଉଥିବା ଫଳରେ କୌଣସି ସିଦ୍ଧାନ୍ତ ହୋଇ ପାରିନଥିବାରୁ ସଭା ସଦ ମାନେ ଦୁଃଖ ପ୍ରକାଶ କରିବା ସହିତ ଶେଷଥର ପାଇଁ ଆଉ ଏକ ପ୍ରୟାସ ଓ ଚେଷ୍ଟା ପାଇଁ ନିରପେକ୍ଷ ଭାବେ ଅଶୋକ କୁମାର ମହାରଣା ଓ କାଳନ୍ଦୀ ମହାରଣାଙ୍କୁ ଆଜିର ସଭା ଦାୟିତ୍ୱ ଅର୍ପଣ କଲେ। ଯେହେତୁ ପୂର୍ବରୁ ବହୁବାର ଚେଷ୍ଟା ସତ୍ତ୍ୱେ ବିଫଳ ହୋଇଛି, ସେଥି ପାଇଁ ଏହି ଦୁଇ ଜାତି ଭାଇ ଆସନ୍ତା ଗୋଟିଏ ସପ୍ତାହ ମଧ୍ୟରେ ସଠିକ୍‌ ଖବର ଦେବାକୁ ତାଙ୍କୁ ଆଜିର ସଭା ପରାମର୍ଶ ଦେଇଛନ୍ତି। କିନ୍ତୁ ଏହି ଅପ୍ରେଲ ମାସ ଶେଷରେ ନିଶ୍ଚିତ ଭାବେ ମହାସଭା କରିବା ପାଇଁ ଉପସ୍ଥିତ ସଭାସଦ ମାନେ ନିଜ ନିଜର ଦୃଢ଼ ମତ ରଖିଥିବା ଖବର ହସ୍ତଗତ ହୋଇଛି।






କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ‘କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁଁ ବାରମ୍ବାର ରେଳ ଦୁର୍ଘଟଣା ଘଟୁଛି’



**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଚୌଦ୍ୱାର ମଙ୍ଗୁଳି ଠାରେ ରେଳ ଦୁର୍ଘଟଣା ଖବର ପାଇ ପିସିସି ସଭାପତି ଭକ୍ତଚରଣ ଦାସ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଶ୍ରୀଦାସ ଦୁର୍ଘଟଣାସ୍ଥଳର ପରିସ୍ଥିତି ଅନୁଧ୍ୟାନ କରି ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଆଜିର ରେଳ ଦୁର୍ଘଟଣାରେ ମୁଁ ଗଭୀର ମର୍ମାହତ। ସାରା ଭାରତରେ ବିଶେଷ କରି ଓଡ଼ିଶାରେ ବାରମ୍ବାର ରେଳ ଦୁର୍ଘଟଣା ଘଟୁଛି। ବହୁମୂଲ୍ୟବାନ ଜୀବନ ଯିବା ସହ ଧନସମ୍ପତ୍ତି ନଷ୍ଟ ହେଉଛି। ରେଳକର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଯୋଗୁଁ ଏଭଳି ରେଳଦୁର୍ଘଟଣା ବାରମ୍ବାର ଘଟୁଛି। ରେଳ ଦୁର୍ଘଟଣା ରୋକିବା ପାଇଁ ଉଚିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହି ରେଳମନ୍ତ୍ରୀଙ୍କ ସମୟରେ ଭାରତ ବର୍ଷରେ ସବୁଠାରୁ ଅଧିକ ଭୟଙ୍କର ଓ ମର୍ମନ୍ତୁଦ ରେଳଦୁର୍ଘଟଣା ଘଟୁଛି । ରେଳମନ୍ତ୍ରୀ ଏଭଳି ଘଟଣାରେ ନିଜର ଉତ୍ତର ଦାୟିତ୍ୱ ଦେଖାଉନାହାନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଅବସରରେ ଶ୍ରୀ ଦାସ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ଏଥିସହ ରେଳଦୁର୍ଘଟଣା ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଅବହେଳା କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶ୍ରୀ ଦାସ ଦାବି କରିଛନ୍ତି ବୋଲି ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ସବୁ ନିର୍ବାଚନମଣ୍ଡଳୀରେ ଓଡ଼ିଶା ଦିବସ ପାଳିବ ବିଜେଡି

**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଏପ୍ରିଲ ୧ ତାରିଖ ଦିନ ୮୯ତମ ଓଡ଼ିଶା ଦିବସ ପାଳିତ ହେବାକୁ ଯାଉଥିବା ବେଳେ ବିଜୁ ଜନତା ଦଳ ରାଜ୍ୟବ୍ୟାପୀ ଏହି ଦିବସଟିକୁ ପାଳିବ ବୋଲି ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଓ ଦଳର ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ ରବିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଶ୍ରୀ ମିଶ୍ର କହିଛନ୍ତି ଯେ ଓଡ଼ିଶାର ଅନେକ ବରପୁତ୍ରମାନଙ୍କ ସଂଘର୍ଷ, ତ୍ୟାଗ ବଳିଦାନ ଫଳରେ ୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। କଳା, ଭାସ୍କର୍ଯ୍ୟ ଓ ଐତିହ୍ୟ ପାଇଁ ଓଡ଼ିଶାର ପ୍ରସିଦ୍ଧି ରହିଛି। ଏହାକୁ ସ୍ମରଣୀୟ କରିବା ପାଇଁ ଏହି ଦିନଟି ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବା ସହିତ ଓଡ଼ିଶା ଦିବସ ଭାବେ ପାଳିତ ହୋଇଆସୁଛି।

ଅତନୁ ସବ୍ୟସାଚୀ ନାୟକ କହିଥିଲେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ, ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ତଥା ଜିଲ୍ଲା କାର୍ଯ୍ୟାଳୟରେ ବିଜୁ ଜନତା ଦଳ ତରଫରୁ ଓଡ଼ିଶା ଦିବସ ପାଳନ କରିବା ପାଇଁ ହୋଇଥିବା ନିଷ୍ପତ୍ତି ଦଳ ତରଫରୁ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ଓ କାର୍ଯ୍ୟକ୍ରମ ରୂପାୟନ କମିଟି ଆବାହକ ସଞ୍ଜୟ ଦାସବର୍ମା ସୂଚିତ କରିଛନ୍ତି।

### ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ କରାଯିବ ମାଲ୍ୟାର୍ପଣ



ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିବା ବରପୁତ୍ରମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହିତ ଆଲୋଚନା ଚକ୍ର କାର୍ଯ୍ୟକ୍ରମ କରାଯିବ। ତାଛଡ଼ା, ନିଜ ଅଞ୍ଚଳରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ଦଳ ତରଫରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ କରାଯିବ। ବିଜୁ ଜନତା ଦଳର ଭୁବନେଶ୍ୱର ଜିଲ୍ଲା ବିଜେଡି ଆନୁକୂଲ୍ୟରେ ଶଙ୍ଖ ଭବନରେ ଓଡ଼ିଶା ଦିବସ କାର୍ଯ୍ୟକ୍ରମ ପାଳନ କରାଯିବ। ଏଥିରେ ଦଳର ସଭାପତି ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା

### ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଶିଳ୍ପର ବିକାଶ ନେଇ ଆଲୋଚନା




**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଅରୁନ୍ଧତୀ ଗ୍ରୁପର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ଏବଂ ଅରୁନ୍ଧତୀ ବାନ୍ଧକଳାର ପ୍ରମୁଖ ରବିଶ ଟଣ୍ଡନ ପ୍ରମୁଖ ବିଧାନସଭା କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଶିଳ୍ପର ବିକାଶ, ଏହାର ଜାତୀୟ ଅନ୍ତର୍ଜାତୀୟ ବଜାରରରେ ବର୍ତ୍ତମାନର ଉପସ୍ଥିତି ସହ ଏହି ସର୍ବପୁରାତନ ବାନ୍ଧକଳା ଓ ଏହା ସହ ଜଡ଼ିତ ଓଡ଼ିଶାର ପ୍ରତ୍ୟେକ ବ୍ୟକ୍ତିବିଶେଷ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରକାଶ ଯେ ଓଡ଼ିଶାର ପାରମ୍ପରିକ ବୈଭବଶାଳୀ ହସ୍ତତନ୍ତର ଇତିହାସ ବହୁ ପୁରାତନ। କଳା, ପ୍ରତିଭା ଓ ପାରଦର୍ଶିତାରେ ବୁଣା ସମ୍ବଲପୁରୀ ଶାଢ଼ୀକୁ ନେଇ ପ୍ରତ୍ୟେକଟି ଓଡ଼ିଆ ଦେଶବିଦେଶରେ ଗୌରାବାନ୍ୱିତ ହୋଇଥାଏ। ତେଣୁ ଏହି ହସ୍ତତନ୍ତ ଶିଳ୍ପ ପ୍ରତି କିଭଳି ଅଧିକ କାରିଗର ଯୋଡ଼ାଯାଇ ପ୍ରୋତ୍ସାହିତ କରାଯାଇ ଏକ ବିକଶିତ ବଜାର ପ୍ରତିଷ୍ଠା ସହ ଉନ୍ନତମାନର ସଂସାଧନ ଯୋଗଦେବା ପାଇଁ ଅରୁନ୍ଧତୀ ବାନ୍ଧକଳା ତରଫରୁ ସୋନପୁର ଠାରେ ୧୦ ଏକର ପରିମିତ କ୍ୟାମ୍ପସରେ ୩୦୦୦ ତନ୍ତବୁଣା ଯନ୍ତ୍ର ଓ ୫୦୦୦ରୁ ଅଧିକ ବୁଣାକାରଙ୍କୁ ନେଇ ଆରମ୍ଭ ହେବାକୁ ଯାଉଥିବା ଅତ୍ୟାଧୁନିକ ଗବେଷଣାଗାର ଓ ଟ୍ରେନିଂ ସେଣ୍ଟର ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯାଇପାରିବ ସେ ସମ୍ବନ୍ଧରେ ବିଚାରବିମର୍ଶ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମଧ୍ୟ ଏହି ଅବସରରେ ଓଡ଼ିଆ ହସ୍ତତନ୍ତର ବିକାଶ, ଏହି ଶିଳ୍ପରେ ଅଧିକ ମହିଳାବର୍ଗଙ୍କୁ ସାମିଲ କରାଯିବା ସହ ବୁଣାକାର ସମାଜର ପ୍ରତିଭାକୁ ଏକ ନୂଆ ସ୍ତରକୁ ଅଣାଯାଇ ସେମାନଙ୍କୁ କିଭଳି ଉପକୃତ କରାଯାଇପାରିବ ସେ ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ।

### ଓଡ଼ିଶା ରାଜ୍ୟ ପାନୀୟ ନିଗମ

## ରାଜ୍ୟ ସରକାରଙ୍କୁ ଦେଲା ୨୫ କୋଟିର ଅନ୍ତରୀଣ ଲାଭାଂଶ



**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ପାନୀୟ ନିଗମ ପକ୍ଷରୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨୫ କୋଟି ଟଙ୍କାର ଅନ୍ତରୀଣ ଲାଭାଂଶ ଏବଂ ୧୨ କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ନିଗମର ଅଧ୍ୟକ୍ଷା ତଥା ଅବକାରୀ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୂନମ ତାପସ କୁମାର ଏହି ଅନ୍ତରୀଣ ଲାଭାଂଶ ରାଶି ଏବଂ ଅନୁଦାନ ଚେକ୍ ଆକାରରେ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଏହି ଅବସରରେ ପାନୀୟ ନିଗମର ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର ଏବଂ ମୁଖ୍ୟ ପରିଚାଳକ ମାନସ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ପାନୀୟ ନିଗମ ତରଫରୁ ଅବକାରୀ କର ବାବଦରେ ୬,୬୨୨.୧୬ କୋଟି ଟଙ୍କା ଏବଂ ମୂଲ୍ୟଯୁକ୍ତ କର(ଭାଟ୍) ବାବଦରେ ୩,୨୩୪.୨୧ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପାନୀୟ ନିଗମ ତରଫରୁ ଲାଭାଂଶ ବାବଦରେ ୧୪.୪୬ କୋଟି ଟଙ୍କା ଏବଂ ଆନ୍ତରୀଣ ଲାଭାଂଶ ୨୫ କୋଟି ମିଶାଇ ଚଳିତ ୨୦୨୪-୨୫ ଆର୍ଥିକ ବର୍ଷରେ ଶନିବାର ସୁଦ୍ଧା ମୋଟ ୩୯.୪୬ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ଲାଭାଂଶ ବାବଦକୁ ପ୍ରଦାନ କରାଯାଇଛି।

### ଓଡ଼ିଶା ୟୁନିଭରସିଟି ଅଫ୍ ହେଲ୍‌ଥ ସାଇନ୍‌ସେସ୍‌ର ଦ୍ୱିତୀୟ ପ୍ରତିଷ୍ଠା ଦିବସ

## ଅସମାନତା ଦୂରକରି ଉଚିତ୍ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ଗୁରୁତ୍ୱ



**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଅସମାନତା ଦୂର କରି ଏକ ଉଚିତ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରି ରାଜ୍ୟର ସହରାଞ୍ଚଳ ଠାରୁ ଦୂରଦୂରାନ୍ତ ଗାଁ ପର୍ଯ୍ୟନ୍ତ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଆହ୍ୱାନ ଜଣାଇଛନ୍ତି। ଆଜି ଲୋକସେବା ଭବନର ରାଜ୍ୟ କନଭେନ୍‌ସନ୍ ସେଣ୍ଟରଠାରେ ଓଡ଼ିଶା ୟୁନିଭରସିଟି ଅଫ୍ ହେଲ୍‌ଥ ସାଇନସେସ୍‌ର ଦ୍ୱିତୀୟ ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଆମେ ସମସ୍ତେ ସମ୍ମିଳିତ ଭାବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷତା ଦ୍ୱାରା ଚିହ୍ନିତ ବିକଶିତ ରାଜ୍ୟ “ବିକଶିତ ଓଡ଼ିଶା” ଏବଂ ଏକ ସୁସ୍ଥ, ସମାବେଶୀ ଏବଂ ପ୍ରଗତିଶୀଳ ରାଷ୍ଟ୍ର “ବିକଶିତ ଭାରତ” ଗଠନ ପାଇଁ କାର୍ଯ୍ୟ କରୁଛେ। ଡାକ୍ତରୀ ପଢୁଥିବା ଛାତ୍ରଛାତ୍ରୀ, ଫାକଲ୍ଟି ମେମ୍ବର ଏବଂ ପ୍ରତ୍ୟେକ ସ୍ୱାସ୍ଥ୍ୟ ସେବା ପ୍ରୋଫେସନାଲ ସମାଜକୁ ପରିବର୍ତ୍ତନ କରିବାରେ ସେମାନଙ୍କର ସର୍ବୋତ୍ତମ ଯୋଗଦାନ ଦେବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ଆମ ରାଜ୍ୟ ଏବଂ ଆମ ଦେଶ ଏକ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଧିକ୍ଷଣରେ ଉଭା ହୋଇଛି, ଯେଉଁଠାରେ ସ୍ୱାସ୍ଥ୍ୟସେବା ଶିକ୍ଷାରେ ଉତ୍କର୍ଷତା ଏକ ସ୍ଥିର ଏବଂ ଜୀବନ୍ତ ଭବିଷ୍ୟତ ଗଠନରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସ୍ୱାସ୍ଥ୍ୟ କ୍ଷେତ୍ର ଏକ ସୁସ୍ଥ, ସମୃଦ୍ଧ ସମାଜର ମେରୁଦଣ୍ଡ। ଏହି ବିଶ୍ୱ ବିଦ୍ୟାଳୟ ସ୍ୱାସ୍ଥ୍ୟ ବିଜ୍ଞାନର ବିଭିନ୍ନ ବିଷୟକୁ ଗୋଟିଏ ଛତା ତଳେ ଏକାଠି କରି ଏହା ଶିକ୍ଷା, ନବ ସୃଜନ ଏବଂ ସେବାର ଏକ ଦୃଢ଼ ଇକୋସିଷ୍ଟମ ସୃଷ୍ଟି କରିବାକୁ ଲକ୍ଷ ରଖିବ ବୋଲି ରାଜ୍ୟପାଳ କହିବା ସହିତ ଏହା ଚିକିତ୍ସା କ୍ଷେତ୍ରରେ ଉତ୍କର୍ଷ ଗବେଷଣା ଏବଂ ନବସୃଜନର କେନ୍ଦ୍ର ହେବ ବୋଲି ରାଜ୍ୟପାଳ ଆଶା ପୋଷଣ କରିଥିଲେ।

ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱ ବିଦ୍ୟାଳୟର ଶ୍ରେଷ୍ଠ ଆମ୍ବାସଡରଭାବେ ଅଭିହିତ କରି ସେମାନଙ୍କ ଶିକ୍ଷାଗତ ଏବଂ ବୃତ୍ତିଗତ ଯାତ୍ରାରେ ଆସୁଥିବା ସମସ୍ତ ଚ୍ୟାଲେଞ୍ଜକୁ ମୁକାବିଲା କରିବା ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏତଦ୍‌ବ୍ୟତୀତ ଚିକିତ୍ସା ସେବା ପ୍ରୋଫେସନାଲମାନଙ୍କଠାରେ ସମ୍ବେଦନଶୀଳତା, ନୈତିକତା ଓ ସମର୍ପଣ ଭାବ ରହିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସମାରୋହରେ ସେଣ୍ଟ୍ରାଲ କାଉନ୍‌ସିଲ୍ ଫର ରିସର୍ଚ୍ଚ ଇନ୍ ଆର୍ୟୁବେଦ ସାଇନ୍‌ସେସ୍‌ର ଡାଇରେକ୍ଟର ଜେନେରାଲ ପ୍ରଫେସର ରବିନାରାୟଣ ଆଚାର୍ଯ୍ୟ, ଏଆଇଆଇଏମ୍ଏସ୍‌ର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ ମହାପାତ୍ର ଏବଂ ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟର ଭାଇସ୍ ଚ୍ୟାନ୍‌ସେଲର ପ୍ରଫେସର ଡ. କମଲ୍‌ଜିତ୍ ସିଂହ ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଶା ୟୁନିଭରସିଟି ଅଫ୍ ହେଲଥ୍ ସାଇନ୍‌ସେସ୍‌ର ଭାଇସ୍ ଚ୍ୟାନ୍‌ସେଲର ପ୍ରଫେସର ଡା. ମାନସ ରଂଜନ ସାହୁ ସ୍ୱାଗତ ଭାଷଣ ପ୍ରଦାନ ଓ ରେଜିଷ୍ଟ୍ରାର ସନ୍ତୋଷୀ ସାହୁ ଧନ୍ୟବାଦ ଦେଇଥିଲେ।

# ଅନ୍ତ୍ୟୋଦୟ ଗୃହ ଯୋଜନାକୁ ବିରୋଧୀଙ୍କ ସମାଲୋଚନା




**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହେବା ପରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ। ବିଜେଡି ବିଧାୟକ ପ୍ରଦୀପ ଦିଶାରୀ କହିଛନ୍ତି, ଏ ସରକାର ପ୍ରଚାର ପ୍ରସାର ସହ ଭାଷଣବାଜି ସରକାର। ଅନ୍ତ୍ୟୋଦୟ ଗୃହ ଯୋଜନା କେବଳ ପ୍ରଚାର ପାଇଁ। ଏହା କେତେ ମାତ୍ରାରେ ସଫଳ ହେବ ତାହା ସନ୍ଦେହରେ। କାରଣ ଏହାର ଗାଇଡ଼ ଲାଇନ ବିଭିନ୍ନ ସମୟରେ ବଦଳୁଛି। ସର୍ଭେ ମଧ୍ୟ ଠିକ୍‌ରେ ହୋଇନି। ତେବେ ପ୍ରକୃତ ହିତାଧିକାରୀଙ୍କୁ ଘର ମିଳିବା ଉଚିତ ବୋଲି ପ୍ରଦୀପ ଦିଶାରୀ କହିଛନ୍ତି।

ସେପଟେ ପିସିସି ସଭାପତି ଭକ୍ତ ଦାସ କହିଛନ୍ତି ଯେ ଭୂମିହୀନମାନଙ୍କୁ ସରକାର ଘର ଦିଅନ୍ତୁ । କିନ୍ତୁ ରାଜ୍ୟରେ କେତେ ଭୂମିହୀନ ଲୋକ ଅଛନ୍ତି, ସରକାରଙ୍କ ପାଖରେ ସେ ତଥ୍ୟ ଅଛି ତ ବୋଲି ସେ ପ୍ରଶ୍ନ କରିଛନ୍ତି । ଭୂମିହୀନ ଘର ପାଇବେ ନା, ଯୋଜନା କେବଳ ଯୋଜନାରେ ରହିବ ବୋଲି ଭକ୍ତ ଦାସ ପ୍ରଶ୍ନ କରିଛନ୍ତି। ସୂଚନାଯୋଗ୍ୟ ଯେ, କଳାହାଣ୍ଡିରେ ଅନ୍ତ୍ୟୋଦୟ ଗୃହ ଯୋଜନାର ରାଜ୍ୟସ୍ତରୀୟ ଶୁଭାରମ୍ଭ କକରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରଥମ ଦିନରେ ୬୦ ହଜାର ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ପ୍ରତ୍ୟେକ ଘର ପାଇଁ ୧.୨୦ ଲକ୍ଷ ଟଙ୍କା, ତାସହିତ ବିଭିନ୍ନ ଯୋଜନାରେ ମିଳିବ ଶୌଚାଳୟ, ରନ୍ଧନ ଗ୍ୟାସ, ସ୍ୱଚ୍ଛ ପାନୀୟ ଜଳ ଓ ବିଦ୍ୟୁତ ସଂଯୋଗ । ୩ ବର୍ଷରେ ୫ ଲକ୍ଷ ଘର ଦିଆଯିବ, ଖର୍ଚ୍ଚ ହେବ ୭,୫୫୦ କୋଟି ଟଙ୍କା । ୭୦ ଦଶକରୁ ଆଜି ପର୍ଯ୍ୟନ୍ତ ସାଧାରଣ ଲୋକ ପାଇଁ ଘର ଖଣ୍ଡିଏ ବଡ ସମସ୍ୟା ହୋଇ ରହିଛି, ଏବେ ସେ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହେବ, ସମସ୍ତଙ୍କୁ ମିଳିବ ପକ୍କା ଘର ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଓଡ଼ିଆ ପକ୍ଷ ପାଳନକୁ ନେଇ ତେଜିଲା ରାଜନୀତି

## ‘ପ୍ରଥମେ ରାଜ୍ୟ ସରକାର ନିଜର ପକ୍ଷ ମଜଭୁତ କରନ୍ତୁ’



**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ପାଳନକୁ ନେଇ ବିଜେଡି କଟାକ୍ଷ କରିଛି। ଡବଲ ଇଞ୍ଜିନ ସରକାରରେ ଗୋଟିଏ ଇଞ୍ଜିନ ଆଉ ଗୋଟେ ଇଞ୍ଜିନର ପକ୍ଷ ଛେଦନ କରୁଛନ୍ତି। ଏମିତିରେ କି ପକ୍ଷ ପାଳନ କରିବେ ବୋଲି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଏହାଛଡ଼ା ଓଡ଼ିଶା ସରକାର ୧୦ ମାସରେ କେତେ କେନ୍ଦ୍ରୀୟ ଅନୁଦାନ ପାଇଛନ୍ତି, ତା’ର ହିସାବ ଦେବେ କି ସରକାର ବୋଲି ସେ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାର ପ୍ରତ୍ୟେକ ଦିନ ରାଜ୍ୟର ସ୍ୱାର୍ଥର ପକ୍ଷ ଛେଦନ କରୁଛନ୍ତି । ରାଜ୍ୟର ସ୍ୱାର୍ଥ ସମ୍ବଳିତ ଦାବି ଯାହା ନବୀନଙ୍କ ସମୟରେ କରାଯାଇଥିଲା କେତେ ଭାରତ ସରକାର ପାଳନ କଲେ। ଏହା କେବଳ ପ୍ରହେଳିକା । ପ୍ରଥମେ ରାଜ୍ୟ ସରକାର ନିଜର ପକ୍ଷ ମଜଭୁତ କରନ୍ତୁ । ବିନା ଭୟରେ ବିନା ରାଜନୀତିରେ ନିଜର ପକ୍ଷ ଜୋରଦାର ଉପସ୍ଥାପନ କରନ୍ତୁ । ନିର୍ବାଚନ ଜିତିବା ପାଇଁ ଅସ୍ମିତା କଥା କହିଲ, ହେଲେ କାର୍ଯ୍ୟ କରି ଦେଖାଅ । ପ୍ରତ୍ୟେକ ଦିନ ଓଡ଼ିଆ ଅସ୍ମିତା କ୍ଷୁର୍ଣ୍ଣ କରୁଛ । ତେଣୁ ପକ୍ଷ ପାଳନ ଏକ ଘୋଡ଼ଣି ମାତ୍ର ବୋଲି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଏହାଛଡ଼ା ଏ ସରକାର ସବୁବେଳେ ଦୋଛକିରେ। କୌଣସି ନିଷ୍ପତ୍ତି ନେଇପାରୁ ନାହାନ୍ତି। ସରକାରକୁ ରାସ୍ତା ମିଳୁନି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

## ‘୨୪ ବର୍ଷ ହେଲା ଅସ୍ମିତା ଅର୍ଥ ବୁଝିପାରିଲେ ନାହିଁ’



**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ପାଳନକୁ ନେଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ କଟାକ୍ଷ ପ୍ରସଙ୍ଗରେ ବିଜେପି ବିଧାୟକ ବାବୁ ସିଂ ଜବାବ ରଖିଛନ୍ତି। ସେ କହିଛନ୍ତି ଯେ ନାଳି ଚଷମା ପିନ୍ଧିଥିବା ଲୋକଙ୍କୁ ସମଗ୍ର ଦୁନିଆଟା ନାଳି ହିଁ ଦେଖାଯିବ। ୨୪ ବର୍ଷ ହେଲା ଅସ୍ମିତା ଅର୍ଥ ବୁଝିପାରିଲେ ନାହିଁ। ୨୪ବର୍ଷ ଧରି ଶାସନ ଗାଡ଼ିର ଷ୍ଟିୟରିଂ ଧରିଥିଲେ। ଅତୀତ ଇତିହାସ ଉପରେ ସାଧାରଣ ଜ୍ଞାନ ଗରିମା ରହିବା ଦରକାର। ଅସ୍ମିତାକୁ ନେଇ ସେମାନେ ଅଲଗା ଅର୍ଥରେ ଭାବୁଛନ୍ତି ତାଙ୍କୁ ଭାବିବାକୁ ଦିଅନ୍ତୁ ବୋଲି ବିରୋଧୀ ଦଳ ଉପନେତାଙ୍କୁ ଜବାବ ଦେଇଛନ୍ତି ବାବୁ ସିଂ। ଓଡ୍ର, ଉତ୍କଳ, କଳିଙ୍ଗ, ଓଡ଼ିଶା ନେଇ ସମନ୍ୱୟ ରହିଛି। ଆମ ସମନ୍ୱୟର ଠାକୁର କାଳିଆ ଠାକୁର। ମତ ପାର୍ଥକ୍ୟ ରହିବା ଅନୁଚିତ ବୋଲି ସେ କହିଛନ୍ତି।

# ଆଇସିଏଆଇ ପକ୍ଷରୁ ବ୍ୟାଙ୍କ ଶାଖା ଅଡିଟ୍-୨୦୨୫ ସେମିନାର୍

**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଦ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) ପକ୍ଷରୁ ବ୍ୟାଙ୍କ ଶାଖା ଅଡିଟ୍-୨୦୨୫ ଉପରେ ଏକ ସେମିନାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ କାନାରା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ମୁଖାର୍ଜୀ ଉଦଘାଟନ କରି ୍ୟାଙ୍କ ଅଡିଟ ଏବଂ ତାହାର ଭବିଷ୍ୟତ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଏହି ସେମିନାରରେ ବିକାଶଶୀଳ ଆର୍ଥିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏବଂ ବ୍ୟାଙ୍କ ଅଡିଟ୍ ସମ୍ବନ୍ଧୀୟ ସୂଚନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଭୁବନେଶ୍ୱର ଶାଖାର ପୂର୍ବତନ ଅଧ୍ୟକ୍ଷ ସିଏ ପ୍ରଶାନ୍ତ ପଣ୍ଡା, ଶାଖାର ଅଧ୍ୟକ୍ଷ ସିଏ ମହେନ୍ଦ୍ର ସାହୁ, ସେକ୍ରେଟାରୀ ସିଏ ଡ ପୃଥ୍ୱୀରଞ୍ଜନ ପାରହି, ଭୁବନେଶ୍ୱର ଶାଖା ଏବଂ ଶାଖାର ଟ୍ରେଜେରର ଏବଂ ଛାତ୍ର ସଂଘର ଅଧ୍ୟକ୍ଷ ସିଏ ସୌମ୍ୟ ସୁନୀଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସେମିନାରରେ ବ୍ୟାଙ୍କିଙ୍ଗ ବିଶେଷଜ୍ଞ (ସାଲେମ୍) ସିଏ ଭି. ରବିନ୍ଦ୍ରନ୍, ହାଇଦ୍ରାବାଦର ଡକ୍ଟର ପି. ଶିବରାମ ପ୍ରସାଦ ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏଜିଏମ୍ ସୌମ୍ୟ ରଂଜନ ସାହୁ ବକ୍ତା ଭାବେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ନୂତନ ନିୟମ ସହ ବ୍ୟାଙ୍କ କ୍ଷେତ୍ରରେ ବିଭିନ୍ନ ସ୍ୱୟଂଚାଳିତ ପ୍ରଣାଳୀ ସମ୍ବନ୍ଧୀୟ ମୂଲ୍ୟବାନ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୩୦୦ ରୁ ଅଧିକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଂଶଗ୍ରହଣ କରି ବ୍ୟାଙ୍କ ଅଡିଟରେ ବ୍ୟାଙ୍କିଙ୍ଗ୍ ନିୟମାବଳୀ, ବିପଦ ପରିଚାଳନା ଏବଂ ନୂତନ ଟେକ୍ନୋଲୋଜି ସହ ସ୍ୱୟଂଚାଳିତ ସୁବିଧା ବିଷୟରେ ଜ୍ଞାନ ଆହରଣର ସୁଯୋଗ ପାଇଥିଲେ। ଶିଳ୍ପ ବିକାଶ ଏବଂ ବ୍ୟାଙ୍କିଙ୍ଗ୍ ଅଡିଟ୍‌ରେ ସର୍ବୋତ୍ତମ ନୀତି ସହିତ ବୃତ୍ତିଗତମାନଙ୍କ ପାଇଁ ଥିବା ସୁଯୋଗ ଉପରେ ଏହି ସେମିନାର୍ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବ ବୋଲି ଆଇସିଏଆଇର ଅଧ୍ୟକ୍ଷ ଆଶା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ସିଏ ଡ ଗୌତମ ଲେଙ୍କା, ସିଏ ଗଗନ ବିହାରୀ ଦାସ, ସିଏ ପ୍ରଣବ କିଶୋର ଦାସ ଏବଂ ପରିଚାଳନା କମିଟିର ସଦସ୍ୟ ସିଏ ସାସ୍ୱତ ତ୍ରିପାଠୀ ସେମିନାରକୁ ପରିଚାଳନା କରିଥିଲେ।

# ନୁଭୋକୋ ପକ୍ଷରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ନୁଭୋକୋ ପକ୍ଷରୁ 'ସକ୍ଷମ ଭାରତ' ଅଧିନରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପଦକ୍ଷେପ ଦ୍ୱାରା ମହିଳାମାନଙ୍କୁ ସିଲେଇ ଦକ୍ଷତାରେ କୁଶଳୀ କରି ଏବଂ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରି ସେମାନଙ୍କର ଜୀବିକା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ବ୍ୟାଚରେ ୨୯ ଜଣ ମହିଳାଙ୍କ ନାମ ଲେଖା ଯାଇଥିବା ବେଳେ ସକାଳ ୧୦ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ୩ଟି ଟ୍ରେନିଂ ବ୍ୟାଚ୍ ପରିଚାଳନା କରାଯାଉଛି। ଆସନ୍ତା ୯ ମାସ ମଧ୍ୟରେ ଏହି ସେଣ୍ଟର ୭୦ ଜଣ ମହିଳାଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଲକ୍ଷ୍ୟ ରଖିଛି ଯାହା ସେମାନଙ୍କୁ ମୂଲ୍ୟବାନ ଧନ୍ଦାମୂଳକ ଦକ୍ଷତା ସହ ସଶକ୍ତ କରିବ। କାର୍ଯ୍ୟକ୍ରମରେ ରବିନ୍ଦ୍ର ଧାରକର, ଓସିପିର ଏଚ୍ଆର ମୁଖ୍ୟ ଓ ଅନ୍ୟାନ୍ୟ ଅଧିକାରୀ ଓ ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତ ଥିଲେ। ଏସମ୍ପର୍କରେ ରବିନ୍ଦ୍ର ଧାରକର କହିଛନ୍ତି ଯେ ଦକ୍ଷତା ବିକାଶ ସଶକ୍ତିକରଣ ପାଇଁ ଏକ ଶକ୍ତିଶାଳୀ ଉପକରଣ। ଏହି ତାଲିମ କେନ୍ଦ୍ର ଆମ ସମୁଦାୟର ମହିଳାମାନଙ୍କୁ ସ୍ଥାୟୀ ଜୀବିକା ସୃଷ୍ଟି କରିବା ଏବଂ ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ ସକ୍ଷମ କରିବା ଦିଗରେ ଏକ ପଦକ୍ଷେପ।

## ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

# ପ୍ରତିଶ୍ରୁତି ପୂରଣ ହେଉଛି: ବିଧାୟକ

**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ରବିବାର ଭୁବନେଶ୍ୱର ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି ବିଧାୟକ ବାବୁ ସିଂ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ପଞ୍ଚାୟତ ସମିତିର ଅଧ୍ୟକ୍ଷା ନିରୁପମା ସାହୁ, ପଞ୍ଚାୟତ ସମିତିର ମଣ୍ଡଳ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ଅଜିତ ଶ୍ରୀଚନ୍ଦନ,୨୦ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ, ପ୍ରତିଶ୍ରୁତି ପୂରଣ ହେଉଛି। ଲୋକଙ୍କ ସରକାରରେ ଲୋକଙ୍କ ସ୍ୱପ୍ନ ସାକାର ହେଉଛି। ସମାଜର ଦୁର୍ବଳ ତଥା ଅସହାୟ ଲୋକଙ୍କ ଆଶ୍ରୟ ସୁରକ୍ଷାକୁ ପ୍ରାଥମିକତା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ 'ଅନ୍ତ୍ୟୋଦୟ ଗୃହ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଯୋଜନା ସହ ଯୋଡ଼ାଯାଇଛି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ପଞ୍ଚାୟତ ସମିତିର ୨୦ଟି ପଞ୍ଚାୟତର ୭୩ ହିତାଧିକାରୀଙ୍କୁ ପକ୍କାଘର ବଣ୍ଟନ କରାଯାଇଛି। ସମସ୍ତଙ୍କ ପକ୍କାଘରର ସ୍ୱପ୍ନ ହେଉଛି ପୂରଣ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ରାଜ୍ୟ ସରକାର ନିରାଶ୍ରୟଙ୍କ ମୁଣ୍ଡକୁ ଛାତ ଯୋଗାଇଦେଉଛନ୍ତି ବୋଲି ଶ୍ରୀ ସିଂ କହିଛନ୍ତି।

## ରାଜଭବନରେ ରାଜସ୍ଥାନର ପ୍ରତିଷ୍ଠା ଦିବସ

# ପରମ୍ପରା ଭିନ୍ନ ହୋଇପାରେ, କିନ୍ତୁ ଆକାଂକ୍ଷା ସମାନ: ରାଜ୍ୟପାଳ



**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଭାରତ ପର୍ବ ପର୍ବାଣୀର ଦେଶ ଏବଂ ପ୍ରତ୍ୟେକ ପର୍ବପର୍ବାଣୀ ଏକତାର ଆତ୍ମା ବହନ କରେ। ଆମେ ଯେଉଁଠାରୁ ଆସିଥିଲେ ମଧ୍ୟ ଆମେ ସମସ୍ତେ ଗୋଟିଏ ମହାନ ରାଷ୍ଟ୍ରର ଅଂଶ ବୋଲି ଏହା ମନେ ପକାଇ ଦିଏ। ଆମର ପରମ୍ପରା ଭିନ୍ନ ଭିନ୍ନ ହୋଇପାରେ, କିନ୍ତୁ ଆମର ଆକାଂକ୍ଷା ସମାନ - ସମସ୍ତଙ୍କ ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ରାଜଭବନରେ ରାଜସ୍ଥାନ ରାଜ୍ୟର ପ୍ରତିଷ୍ଠା ଦିବସ, ଉଗାଡି ଏବଂ ଗୁଡି ପଡ଼ୱା ପର୍ବ ପାଳନ ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ରାଜଭବନର ପାର୍ଟି ଲନ୍‌ରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଇତିହାସ ଓ ପରମ୍ପରାରେ ଗଭୀରଭାବେ ନିହିତ ଏହି ଅବସରଗୁଡ଼ିକ ଆମ ଜାତିର ସାଂସ୍କୃତିକ ବିଶେଷତ୍ୱକୁ ପ୍ରତିଫଳିତ କରୁଛି। 'ବିବିଧତା ମଧ୍ୟରେ ଏକତା' ଏବଂ 'ଏକ ଭାରତ-ଶ୍ରେଷ୍ଠ ଭାରତ' ଭାବନାକୁ ଏହା ଅଧିକ ଋଦ୍ଧିମନ୍ତ କରୁଛି । ଆଜି ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ଆଦି ରାଜ୍ୟର ନୂତନ ବର୍ଷର ଆରମ୍ଭକୁ ଉଗାଡି ଏବଂ ଗୁଡି ପଡ଼ୱା ଭାବେ ପାଳନ କରାଯାଉଛି। ଏହା କୃତଜ୍ଞତାର ସହିତ ନୂତନ ଆରମ୍ଭକୁ ଗ୍ରହଣ କରିବା ଏବଂ ସାଂସ୍କୃତିକ ମୂଲ୍ୟବୋଧକୁ ପୁନଃଜାଗରଣ କରିବାର ସମୟ। ଏହା ଆମକୁ ଆନନ୍ଦ ଓ ଆହ୍ୱାନକୁ ଗ୍ରହଣ କରିବାକୁ ଶିଖାଏ ବୋଲି ରାଜ୍ୟପାଳ କହିଥିଲେ। ସେହିପରି ମହାରାଷ୍ଟ୍ର ଓ କର୍ଣ୍ଣାଟକର କେତେକାଂଶରେ ବ୍ୟାପକ ଭାବରେ ପାଳିତ ହେଉଥିବା ଗୁଡି ପଡ଼ୱା ସମୃଦ୍ଧି ଏବଂ ସୌଭାଗ୍ୟର ବାର୍ତ୍ତା ଦିଏ, ଲୋକମାନଙ୍କୁ ନୂତନ ସଂକଳ୍ପ ସହିତ ନୂତନ ବର୍ଷରେ ପାଦ ଦେବା ପାଇଁ ପ୍ରେରଣା ଦିଏ ବୋଲି କହିଥିଲେ।

ଏତଦ୍‌ବ୍ୟତୀତ ରାଜସ୍ଥାନର ପ୍ରତିଷ୍ଠା ଦିବସ ପ୍ରସଙ୍ଗରେ ରାଜ୍ୟପାଳ କହିଥିଲେ ଯେ ଇତିହାସକୁ ଗଢ଼ି ତୋଳିଥିବା ସାହାସୀ ରାଜପୁତ ଯୋଦ୍ଧାଙ୍କଠାରୁ ଆରମ୍ଭ କରି ଏହାର ଦୁର୍ଗ ଏବଂ ପ୍ରାସାଦର ମହିମା ପର୍ଯ୍ୟନ୍ତ ତଥା ଭାରତର ଐତିହ୍ୟ ପ୍ରତି ରାଜସ୍ଥାନର ଅବଦାନ ଅପାର। ବୀରତ୍ୱ, ସମୃଦ୍ଧ କଳା ପରମ୍ପରା ଏବଂ ମହିମା ପାଇଁ ଜଣାଶୁଣା ରାଜସ୍ଥାନ ଭାରତର ସାଂସ୍କୃତିକ ଏବଂ ଅର୍ଥନୈତିକ ଦୃଶ୍ୟପଟରେ ଉଲ୍ଲେଖନୀୟ ଅବଦାନ ଦେଇଛି। ରାଜସ୍ଥାନ ଏବଂ ଓଡ଼ିଶା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ଉଭୟ ରାଜ୍ୟ ସେମାନଙ୍କର ସମୃଦ୍ଧ ଇତିହାସ, ସ୍ଥାପତ୍ୟ, ଆଧ୍ୟାତ୍ମିକ ପରଂପରା, ଲୋକ ସଂସ୍କୃତି ପାଇଁ ଅନନ୍ୟ। ଓଡ଼ିଶା ସର୍ବଦା ସାରା ଦେଶରୁ ଲୋକଙ୍କୁ ସମ୍ମାନ ଓ ଶ୍ରଦ୍ଧାର ସହିତ ସ୍ୱାଗତ କରୁଛି। ରାଜସ୍ଥାନର ଅନେକ ମୂଳ ବାସିନ୍ଦା ଓଡ଼ିଶାକୁ ନିଜର ଘର କରିଛନ୍ତି ଏବଂ ବାଣିଜ୍ୟ, ଶିଳ୍ପ, ବ୍ୟବସାୟ, ଶିକ୍ଷା, ସମାଜସେବା ଆଦି କ୍ଷେତ୍ରରେ ନିୟୋଜିତ ହୋଇ ରାଜ୍ୟର ଅଭିବୃଦ୍ଧି ଓ ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ରାଜ୍ୟର ଫାଷ୍ଟ୍ ଲେଡି ଶ୍ରଜୟଶ୍ରୀ କମ୍ଭମ୍ପାଟି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ସମାରୋହରେ ଓଡ଼ିଶାର ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜ୍ୟପାଳଙ୍କ ଏଡିସି କୁଲଦୀପ ମୀନା ମଧ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୋଲିସ୍ ଡିଜି ୱାଇବି ଖୁରାନିଆଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଉକ୍ତ ସମାରୋହରେ ଯୋଗ ଦେଇଥିଲେ।

# ସୟଦ ମମତାଜ ଅଲ୍ଲୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ



**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଭୁବନେଶ୍ୱର ନୟାପଲ୍ଲୀରେ ଥିବା ସୟଦ ମମତାଜ ଅଲ୍ଲୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ବର୍ଷ ଆୟୋଜନର ଉଦଯାପନୀ ଉତ୍ସବ ରବିବାର ଅନୁଷ୍ଠିତ ହେଇଯାଇଛି। ଉଦ୍‌ଘାଟିକା ଭାବେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଅତିବିଶିଷ୍ଟ ଅତିଥି ଭାବରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ବାବୁ ସିଂ, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ପ୍ରିୟରଞ୍ଜନ ମିଶ୍ର, ବିଶିଷ୍ଟ ଅତିଥି ଭାବେ କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ବନ୍ଦିତା ପାଲ ଏବଂ ଗୀତାରାଣୀ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଖ୍ୟାତନାମା ଲେଖକ, ସ୍ତମ୍ଭକାର ଏବଂ ସୁବକ୍ତା ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗ ଦେଇଥିଲେ।

ପୁରାତନ ବିଦ୍ୟାର୍ଥୀ ପରିଷଦ ସଭାପତି ପବିତ୍ର ରାଉତରାୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଅତିଶ ମହାନ୍ତି ସଭା ପରିଚାଳନା କରିଥିଲେ। ପୁରାତନ ଛାତ୍ର ବିମଳ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ ଓ ସତ୍ୟବ୍ରତ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ମାଝୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିବାବେଳେ ଗୌତମ ବେହେରା ଧନ୍ୟବାଦ ଦେଇଥିଲେ। ଉଚ୍ଚବିଦ୍ୟାଳୟଟି ୧୯୭୧ ମସିହାରେ ଆରମ୍ଭ ହୋଇଥିଲା। ୨୦୨୧ ମସିହାରେ ଏଇ ବିଦ୍ୟାଳୟକୁ ୫୦ ବର୍ଷ ପୂରଣ ହେଇଥିଲେ ବି ଭୁବନେଶ୍ୱର କେନ୍ଦ୍ର ସ୍ଥଳରେ ଅବସ୍ଥିତ ଏହି ବିଦ୍ୟାଳୟ ବିଗତ ଏକବର୍ଷ ବ୍ୟାପୀ ସୁବର୍ଣ୍ଣ ଜୟନ୍ତୀ ବର୍ଷ ଉତ୍ସବ ପାଳନ କରୁଛି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଉତ୍କଳ ବିଶ୍ୱବିଦ୍ୟାଳୟର ମଧୁସୂଦନ ଛାତ୍ରାବାସରେ ଜଣେ ଛାତ୍ରଙ୍କ ସନ୍ଦେହ ଜନକ ମୃତ୍ୟୁହୋଇଛି। ଛାତ୍ର ଜଣଙ୍କ ଦର୍ଶନ ଶାସ୍ତ୍ର ବିଭାଗର ଦ୍ୱିତୀୟ ବର୍ଷର ଛାତ୍ର ତାପସ ରଞ୍ଜନ ନାୟକ ବୋଲି ଜଣାଯାଇଛି। ସେ ଗତ ରାତିରେ ସାଙ୍ଗମାନଙ୍କୁ ସହ ଛାତ୍ରାବାସରେ ଛାତ ଉପରକୁ ଶୋଇବା ପାଇଁ ଯାଇଥିଲେ। ଆଜି ସକାଳୁ ତାଙ୍କର ମୃତଦେବ ହଷ୍ଟେଲ ପାଖରୁ ଉଦ୍ଧାର କରାଯାଇଛି। ମୃତଦେହ ପଡ଼ିଥିବା ସ୍ଥଳରେ ରକ୍ତସ୍ରାବ ଦେଖିବାକୁ ମିଳିଥିବା ବେଳେ ପଛପଟ ମୁଣ୍ଡ ଓ କାନ୍ଧରୁ ରକ୍ତସ୍ରାବ ହୋଇଥିବା ଦେଖିବାକୁ ମିଳିଛି। ଏନେଇ ଖବର ପାଇ ଘଟଣାସ୍ଥଳରେ ସହିଦ ନଗର ଥାନା ପୁଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇ ଘଟଣାର ଛାନଭିନ କରୁଛି। ଅନ୍ୟପଟେ ଘଟଣା ସ୍ଥାନରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତନାଘନା କରିଛନ୍ତି। ତେବେ ଏନେଇ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ମୃତ ଛାତ୍ରଙ୍କ ଘର ମୟୂରଭଞ୍ଜ କରଞ୍ଜିଆ ଅଞ୍ଚଳରେ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ

**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଖଣ୍ଡଗିରି ଭାଗ ପକ୍ଷରୁ ଆଜି ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ହୋଇ ଯାଇଛି। ଏହି ଉତ୍ସବରେ ୫୦୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସେବକ ଶାରୀରିକ ବ୍ୟାୟାମ, ଯୋଗ ଆଦି ପ୍ରଦର୍ଶନ ପରେ ରୁଟ ମାର୍ଚ୍ଚ କରି ଖଣ୍ଡଗିରି ଅଞ୍ଚଳ ପରିକ୍ରମା କରିଥିଲେ। ଏହି ଉତ୍ସବର ମୁଖ୍ୟ ଅତିଥିଭାବେ ପ୍ରଫେସର ଆଲୋକ ଚନ୍ଦ୍ର ମହାନ୍ତି ଯୋଗଦେଇ ସନାତନ ଧର୍ମ ସଂରକ୍ଷଣ ପାଇଁ ସଂଘ କରୁଥିବା ପ୍ରୟାସକୁ ପ୍ରଶଂସା କରୁଥିଲେ। ବିଶିଷ୍ଟ ସାହିତ୍ୟିକ ପ୍ରଫୁଲ୍ଲ ରଥ କହିଥିଲେ ଯେ ରାଷ୍ଟ୍ରବାଦ ସହ ଦେଶ ଏବଂ ସମାଜର ସର୍ବାଙ୍ଗୀନ ବିକାଶ କରିବା ସଙ୍ଘର ଉଦ୍ଦେଶ୍ୟ। ମୁଖ୍ୟବକ୍ତାଭାବେ ପୁରୀ ବିଭାଗର ସମ୍ପର୍କ ପ୍ରମୁଖ ସୁବ୍ରତ ତ୍ରିପାଠୀ କହିଥିଲେ ଯେ ସଂଘ ହିନ୍ଦୁ ସମାଜକୁ ଐକ୍ୟ ବଦ୍ଧ କରି ଆଜି ଭବ୍ୟ ରୂପ ଦେଇଛି। ସଂଘ ଯେଉଁ କାର୍ଯ୍ୟକର୍ତ୍ତା ନିର୍ମାଣ କରିଛି ସେମାନେ ବିଭିନ୍ନ ସାମାଜିକ କ୍ଷେତ୍ରରେ ଯଶସ୍ୱୀ ହୋଇ ପାରିଛନ୍ତି ଓ ଶାଖାର ସାଧାରଣ ଖେଳ ଆଦି ଦ୍ୱାରା ସମାଜକୁ ଏକତା କରାଯାଇ ପାରିଛି। ଖଣ୍ଡଗିରି ଭାଗ କାର୍ଯ୍ୟବାହ ଶରତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

# ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବ

**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ସାହିତ୍ୟ ପତ୍ରିକା 'ଶାଶ୍ୱତ ପାହାଚ' ଆନୁକୂଲ୍ୟରେ ରବିବାର ଭୁବନେଶ୍ୱରସ୍ଥ ଭାରତୀୟ ବିଦ୍ୟାଭବନ ସଭାକକ୍ଷରେ ଏକ ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ କବି କମଳ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହକାର୍ଯ୍ୟକ୍ରମରେ ବହୁ କବି, କଥାକାର, ସାହିତ୍ୟିକ ତଥା ସାହିତ୍ୟପ୍ରେମୀ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ମମତା ଦାଶ ସାହିତ୍ୟରେ କବିତାର ଆବଶ୍ୟକତା ଓ ଆଧୁନିକ କବିତାର ସମକାଳୀନତା ପ୍ରସଙ୍ଗରେ ଗଭୀର ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ. ରମେଶ ପାଣି ସାହିତ୍ୟରେ ମୂଲ୍ୟବୋଧ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ସଭାପତି ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ ଗବେଷଣା ତଥା ପ୍ରବନ୍ଧ ଓ ସମ୍ପାଦନା ସାହିତ୍ୟର ଅନେକ ଅନାଲୋଚିତ ଦିଗ ଛୁଇଁ ଯାଇଥିଲେ। ସାହିତ୍ୟରେ ଉତ୍କର୍ଷତା ପାଇଁ ପ୍ରବନ୍ଧ କ୍ଷେତ୍ରରେ ଡ.ରମାକାନ୍ତ ରାଉତ, କବିତାରେ ରୋହିଣୀକାନ୍ତ ମୁଖାର୍ଜୀ,ଗଳ୍ପରେ ଅନ୍ନପୂର୍ଣ୍ଣା ମହାନ୍ତି, ଅନୁବାଦରେ ଡ. କନକ ମଞ୍ଜରୀ ପଟ୍ଟନାୟକ, ଉଦୀୟମାନ କବି ଭାବରେ ସ୍ୱୟଂପ୍ରଭା ରଥ, ଉଦୀୟମାନ ପ୍ରାବନ୍ଧିକ ଭାବରେ ମାଧବାନନ୍ଦ ପାତ୍ର, ଏବଂ ପ୍ରିୟ ପାଠକ ଭାବରେ ସଂଜୟ କୁମାର ବରାଳ। କବି ଓ ପ୍ରାବନ୍ଧିକ ସୁବ୍ରତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ଗଳ୍ପ ଓ ଅନୁବାଦ ସଂପାନ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ଯୁବ ଗାଳ୍ପିକ ମଦନ ମହାପାତ୍ର। ଆଲୋଚନାରେ ଅଂଶଗ୍ରହଣ କରିଥିଲେ ଅନୁବାଦକ ବଙ୍ଗାଳୀ ନନ୍ଦ ଓ ରମେଶ ପଟ୍ଟନାୟକ। ଗାଳ୍ପିକ ଭାବରେ ଅଜୟ ମହାପାତ୍ର ଓ ଗାୟତ୍ରୀ ଦାସ ପିଙ୍କି। ଶେଷ ଅଧିବେଶନରେ କବିତା ପାଠ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ କବି ମିନତୀ ମିଶ୍ର ଓ ବିପ୍ଳବ ରଞ୍ଜନ ପତି। ଯେଉଁ ପ୍ରମୁଖ କବିମାନେ କବିତା ପାଠ କରିଥିଲେ ସେମାନେ ହେଲେ ସର୍ବଶ୍ରୀ ବିଜୟ ମହାପାତ୍ର, ପ୍ରତିଭା ପରିଡ଼ା, ରାଜଲକ୍ଷ୍ମୀ ତ୍ରିପାଠୀ, ପ୍ରିୟଦର୍ଶିନୀ ମହାରଣା, ସରୋଜ ବଳ, ସଂଯୁକ୍ତା ଦାଶ,ଅକ୍ଷୟ ପାଳ, ସୁବ୍ରତ ଦାସ, ଭିକାରୀ ଧଳ, ଦୀପୁନ୍ ପୁହାଣ, ସୁରଞ୍ଜନ ପାତ୍ର, ଆଶିଷ ମହାପାତ୍ର, ନରହରି ମିଶ୍ର, ରାମଚନ୍ଦ୍ର ପଲାଇ, ଦେବେନ୍ଦ୍ର ବାଉରୀ, ଗିରିଜା ମିଶ୍ର, ଭାରତୀ ନାୟକ, କେ.ବିପ୍ଳବ, ମମତା ସାହୁ, ରବି କୁମାର ମହାନ୍ତି, ଅଶ୍ୱିନୀ ସୁତାର, କାର୍ତ୍ତିକ ସ୍ୱାଇଁ, ରୋହିଣୀକାନ୍ତ ମୁଖାର୍ଜୀ, ସ୍ୱୟଂପ୍ରଭା ରଥ ଓ ପ୍ରଦ୍ୟୁମ୍ନ ପଟ୍ଟନାୟକ। କବି ଗିରିଜା ମିଶ୍ର ଧନ୍ୟବାଦ ଦେଇଥିଲେ।

## ଓଡ଼ିଆ ସାଂସ୍କୃତିକ ମୂଲ୍ୟବୋଧକୁ ବିଶ୍ୱବିଦିତ କରିବା ଲକ୍ଷ୍ୟ

# ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ପାଳନ ହେବ 'ଓଡ଼ିଆ ପକ୍ଷ'



**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ଚଳିତ ବର୍ଷ ପ୍ରଥମ ଥର ପାଇଁ ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସ ପାଳନ ଠାରୁ ଆରମ୍ଭ କରି ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ଆଡ଼ମ୍ବରର ସହ 'ଓଡ଼ିଆ ପକ୍ଷ' ପାଳନ କରାଯିବ। ଏହି ଭବ୍ୟ ଏବଂ ଦିବ୍ୟ ସମାରୋହକୁ ପାଳନ କରିବା ପାଇଁ ବ୍ଲକ ସ୍ତରରୁ ନେଇ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। କାର୍ଯ୍ୟକ୍ରମରେ ଲୋକମାନଙ୍କୁ ସାମିଲ କରାଯିବ। ଓଡ଼ିଆ ସାଂସ୍କୃତିକ ମୂଲ୍ୟବୋଧ, ଚାଲି ଚଳଣି, ଗାଥା ଗୌରବ ଓ ଆମ ପରମ୍ପରାକୁ ପୁନଶ୍ଚ ବିଶ୍ୱ ବିଦିତ କରିବା ଲକ୍ଷ୍ୟରେ ଓଡ଼ିଆ ପକ୍ଷକୁ ପାଳନ କରାଯିବ ବୋଲି ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

ଆଜି ସଂସ୍କୃତି ଭବନ ଠାରେ ଆୟୋଜିତ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ୧ତାରିଖରେ ସ୍ୱତନ୍ତ୍ର ଭାଷା ଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ଉପଲକ୍ଷେ ରାଜ୍ୟ, ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ଓଡ଼ିଶା ଦିବସ ପାଳନ କରାଯିବ। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଦିବସ ପାଳନ କରାଯିବ। ସେହିପରି ୨ରେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରେ ନାମ ଲେଖାଯିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ କରାଯିବ। ୩ତାରିଖରେ ପାରମ୍ପରିକ ଓଡ଼ିଆ ପୋଷାକ ତଥା ଓଡ଼ିଶାର ହସ୍ତତନ୍ତ, ବୟନ ଶିଳ୍ପର ପ୍ରଚାର-ପ୍ରସାର ପାଇଁ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ପାରମ୍ପରିକ ପୋଷାକ ପରିଧାନ- 'ଆମ ପୋଷାକ ଆମ ପରିଚୟ' ଦିବସ ପାଳନ କରାଯିବ। ୪ରେ ରାଜ୍ୟର ବିଭିନ୍ନ ଦୋକାନ ବଜାରରେ ଓଡ଼ିଆ ନାମ ଫଳକର ବ୍ୟବହାର ପାଇଁ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ପକ୍ଷରୁ 'ଓଡ଼ିଆରେ ନାମ ଫଳକ ଅଭିଯାନ-ସଚେତନତା ପଦଯାତ୍ରା'ର ଆୟୋଜନ କରାଯିବ। ୫ରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଐତିହ୍ୟ ଗଣଦୌଡ଼ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ୬ତାରିଖରେ ଓଡ଼ିଶାରେ ଥିବା ଦେବାଳୟ ଓ ଐତିହ୍ୟ ସ୍ଥଳୀଗୁଡ଼ିକୁ ସର୍ବଦା ସ୍ୱଚ୍ଛ ରଖିବା ପାଇଁ ସ୍ୱଚ୍ଛତା ଅଭିଯାନର ଆୟୋଜନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ଓ ଗୃହ ଓ ନଗର ଉନ୍ନୟନ ବିଭାଗର ମିଳିତ ଆନୁକୂଲ୍ୟରେ ଏହାର ଆୟୋଜନ କରାଯିବ। ସେହିପରି ୭ତାରିଖରେ ଓଡ଼ିଆ ଭାଷାର ପ୍ରାରମ୍ଭିକ ପରିଚୟ ପ୍ରଦାନ କରୁଥିବା ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ନିମନ୍ତେ ବର୍ଣ୍ଣବୋଧ ବଣ୍ଟନ-ବର୍ଣ୍ଣବୋଧ ଉତ୍ସବ ଭାବେ ପାଳନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏହା ପାଳନ କରାଯିବ। ୮ତାରିଖରେ ରେଡ୍‌କ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ଦିନ ରକ୍ତଦାନ ଅଭିଯାନ ପାଳନ କରାଯିବ। ୯ତାରିଖରେ ଓଡ଼ିଆ ସାହିତ୍ୟ ଓ ପୁସ୍ତକ ପଠନକୁ ପ୍ରୋତ୍ସାହନ ଦେବା ପାଇଁ ଏହି ଦିନଟିକୁ 'ଆସ ବହିଟିଏ କିଣିବା' ଅଭିଯାନ ଭାବରେ ପାଳନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହେବ। ୧୦ତାରିଖରେ ଓଡ଼ିଶାର ଲୋକକଳାକୁ ବିଶ୍ୱ ବିଦିତ କରିବା ପାଇଁ 'ଲୋକକଳା ପାଇଁ ଦିନ ଟିଏ -ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା ଓ କଳାଗ୍ରାମ ପରିଦର୍ଶନ ଉତ୍ସବର ପାଳନ କରାଯିବ। ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହେବ। ୧୧ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏହି ଦିନରେ ଯୁବ ଲେଖକ ସମ୍ମିଳନୀର ଆୟୋଜନ କରାଯିବ। ୧୨ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା କରାଯିବ। ଖାଦ୍ୟ ପରମ୍ପରା ହେଉଛି ଆମ ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଂଶ। ୧୩ତାରିଖରେ ଏହି ଖାଦ୍ୟ ପରମ୍ପରାକୁ ପାଳନ କରିବା ପାଇଁ 'ପାରମ୍ପାରିକ ଖାଦ୍ୟ ପାଳନ ଅଭିଯାନ- ଆମ ରୁଚି ଆମ ଖାଦ୍ୟ' ଉତ୍ସବ ପାଳନ କରାଯିବ। ପଞ୍ଚାୟତିରାଜ ଓ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହା ଆୟୋଜନ କରାଯିବ। ଶେଷରେ ଏପ୍ରିଲ ୧୪ତାରିଖରେ ଓଡ଼ିଆ ନବବର୍ଷକୁ ମହା ଆଡ଼ମ୍ବର ସହକାରେ ପାଳନ କରାଯିବ ବୋଲି ସେ କହିଛନ୍ତି। ଏଥିସହ ସଫଳତାର ସହ ଓଡ଼ିଆ ପକ୍ଷ ପାଳନକୁ ସୁନିଶ୍ଚିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସୂରଜ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା ମଧ୍ୟ କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ସଚିବ ଓ ଆଭାସୀ ମାଧ୍ୟମରେ ଜିଲ୍ଲାପାଳମାନେ ଯୋଗ ଦେଇଥିଲେ। ଓଡ଼ିଆ ପକ୍ଷକୁ ଯେପରି ମହାଆଡ଼ମ୍ବରର ସହ ପାଳନ କରାଯିବ ଏବଂ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଯେପରି ଅଧିକରୁ ଅଧିକ ଲୋକ ସାମିଲ ହେବେ ତାହାକୁ ସୁନିଶ୍ଚିତ କରିବା ପାଇଁ ସଚିବ ଓ ଜିଲ୍ଲାପାଳମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଆରମ୍ଭ ହେଲା 'ଶ୍ରୀମଦ୍ଦେବି ଭାଗବତ ମହାପୁରାଣ'



**ଭୁବନେଶ୍ୱର,୩୦।୩/ଏନ୍ଏନ୍ଏସ୍:** ରାଜଧାନୀ ସହିଦନଗରସ୍ଥିତ ଖଣ୍ଡୁଆଳି ବୁଢ଼ୀ ଠାକୁରାଣୀ ପୀଠରେ ଆଜି ଠାରୁ 'ଶ୍ରୀମଦ୍ଦେବି ଭାଗବତ ମହାପୁରାଣ' ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ବସନ୍ତ ଋତୁରେ ଚୈତ୍ର ଶୁକ୍ଳପକ୍ଷରେ ନବ ରାତ୍ରି ପୂଜା ପାଳନ କରାଯାଉଥିବା ବାସନ୍ତିକ ଦୁର୍ଗାପୂଜା ଆମ ସଂସ୍କୃତି ତଥା ଆମ ପରମ୍ପରାରେ ଅନେକ ଗୁରୁତ୍ୱ ବହନ କରେ। ଚୈତ୍ରମାସ ଶୁକ୍ଳପକ୍ଷରେ ପାଳିତ ହେଉଥିବା ନଅ ଦିନ ବ୍ୟାପୀ ମା'ଙ୍କର 'ବାସନ୍ତିକ ଦୁର୍ଗାପୂଜା' ବା 'ନବରାତ୍ରୀ ଉତ୍ସବ' ସମଗ୍ର ଭାରତ ବର୍ଷରେ ଆଧ୍ୟାତ୍ମିକ ପରିବେଶରେ ଅତ୍ୟନ୍ତ ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରାଯାଇଥାଏ। ଏହି ନବରାତ୍ରୀ ସମୟରେ ସମସ୍ତ ନଅ ଦିନ ଦେବୀ ଶକ୍ତିଙ୍କ ନଅ ରୂପକୁ ପୂଜା କରାଯାଇଥାଏ। ମୁଖ୍ୟ ଉପଦେଷ୍ଟା ନିଶିକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ଶ୍ରୀଜଗନ୍ନାଥ ପ୍ରଧାନ, ମୁଖ୍ୟ ଅତିଥିଭାବେ ରାମଚନ୍ଦ୍ର ଦାସ ମହାପାତ୍ର ମୁଖ୍ୟ ବାଡ଼ଗ୍ରାହୀ ମା' ସୁଭଦ୍ରା ଶ୍ରୀମନ୍ଦିର ପୁରୀ, ପ୍ରବକ୍ତା ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ, ପଦ୍ମଶ୍ରୀ ଡ଼ ଅଶୋକ ମହାପାତ୍ର, ଡ଼ ଆରତି କର, ପ୍ରଭାକର ମଲ୍ଲିକ, ମନ୍ଦିର ସଭାପତି ଅର୍ଜୁନ ମଙ୍ଗରାଜ, ସମ୍ପାଦକ ସୁଧାଂଶୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଉମାନାଥ ମିଶ୍ର ଓ ସଭାପତି ଡ଼ ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ମଳୟ ରଞ୍ଜନ ମହାପାତ୍ର, ପ୍ରଣବ ପରିଜା, ସୁରେଶ ମିଶ. ତ୍ରିଲୋଚନ ନାୟକ, ବଂଶୀଧର ନାୟକ, ଶ୍ରୀନିବାସ ରାଓ, ଅକ୍ଷୟ ସାହୁ, ବିଜୟ ପଣ୍ଡା ଉପସ୍ଥିତ ରହି ଦେବୀଙ୍କ ସତସଙ୍ଗକୁ ସହଯୋଗ କରିଥିଲେ। ମା'ଙ୍କ ସତସଙ୍ଗ ଓ ଭଜନ କାର୍ଯ୍ୟକ୍ରମ ଆଦିଶକ୍ତି ଟ୍ରଷ୍ଟ ପକ୍ଷରୁ ଓଡିଶାର ବିଭିନ୍ନ ଜାଗାରେ କରାଯାଉଛି। ଭାରତୀ ଭୂଷଣ ପଟ୍ଟନାୟକ, ସ୍ୱର୍ଣ୍ଣଲତା ପାଣି, ଅନାମିକା ସ୍ୱାଇଁ ପଟ୍ଟନାୟକ, କେ.ଲକ୍ଷ୍ମୀନାରାୟଣ, ଦିବ୍ୟ ଦର୍ଶନ ବକ୍ସି ପ୍ରମୁଖ ମା'ଙ୍କ ଭଜନ ପରିବେଷଣ କରିଥିଲେ।

ଦୁର୍ଘଟଣାର କାରଣ ସାଜିଛି ଶିଳ୍ପାଞ୍ଚଳ ରେଳ ଓଭରବ୍ରିଜ୍

# ମାପଚୁପ୍‌ରେ ସୀମିତ ଉଚ୍ଛେଦ ପ୍ରକ୍ରିୟା, ଭିଡ଼ରେ ଫସୁଛନ୍ତି ଜନସାଧାରଣ

**ବ୍ରହ୍ମପୁର,୩୦।୩/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ୩୯ ନମ୍ବର ୱାର୍ଡ ଆଙ୍କୁଲି ଶିଳ୍ପାଞ୍ଚଳ ଛକରେ ଥିବା ରେଳ ଓଭରବ୍ରିଜ୍ ଦୁର୍ଘଟଣାର କାରଣ ସାଜିଛି। ଇଞ୍ଜିନିୟରିଂ ସ୍କୁଲରୁ ଶିଳ୍ପାଞ୍ଚଳ ଛକକୁ ସଂଯୋଗ କରୁଥିବା ଏହି ରେଳ ଓଭରବ୍ରିଜ୍ ଏବେ ଲୋକଙ୍କ ପାଇଁ ସମସ୍ୟାର କାରଣ ସାଜିଛି। ତ୍ରୁଟିପୂର୍ଣ୍ଣ ଭାବେ ନିର୍ମାଣ ହୋଇଥିବା ଏହି ବ୍ରିଜ୍ ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟିବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଏହାର ସ୍ଥାୟୀ ସମାଧାନ ପାଇଁ ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ପ୍ରତିକାର କରାଯାଉନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।



ଗତ ୨୦୧୩ ମସିହାରେ କେନ୍ଦ୍ର ରେଳ ବିଭାଗ ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ୪୩୨୯.୫୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ବ୍ରିଜ୍‌ର ଶୁଭ ଦିଆଯାଇଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବ୍ରିଜ୍ କାର୍ଯ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ବ୍ରିଜ୍ ନିର୍ମାଣ ସମୟରେ ଉଚ୍ଛେଦ ପ୍ରକ୍ରିୟାରେ ସମସ୍ୟା ସୃଷ୍ଟି କରିଥିଲା। ଆଜି ବହୁ ପ୍ରତୀକ୍ଷିତ ନୂତନ ରେଳ ଫ୍ଲାଇ ଓଭର ବ୍ରିଜ୍ ନିର୍ମାଣ ଫଳରେ ଲୋକଙ୍କ ଯାତାୟାତରେ ସୁବିଧା ହୋଇଛି ସତ, ହେଲେ ଶିଳ୍ପାଞ୍ଚଳ ଛକରୁ ଆଙ୍କୁଲି ୧୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପାର୍ଶ୍ୱ ରାସ୍ତାଟି ସଂକୀର୍ଣ୍ଣ ହୋଇପଡ଼ିଛି। ପୂର୍ବରୁ ୩୦ ଫୁଟ ଓସାର ବିଶିଷ୍ଟ ଥିଲା ଏହି ରାସ୍ତା। ରାସ୍ତା ସଂକୀର୍ଣ୍ଣ ହୋଇ ପଡ଼ିବାରୁ ପ୍ରତିଦିନ ଦୁର୍ଘଟଣା ଘଟିବା ସହ ଦୁଇ ପାର୍ଶ୍ୱରୁ ଚାରି ଚକିଆ କିମ୍ବା ଭାରି ଯାନ ଯିବା ଆସିବା ବେଳେ ସମସ୍ୟା ସୃଷ୍ଟି ହେଉଛି। ସବୁବେଳେ ବ୍ୟସ୍ତବହୁଳ ରହୁଥିବା ଏହି ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବାରୁ ଲୋକେ ବହୁ ସମୟ ଧରି ଗହଳିରେ ଫସି ରହୁଥିବା ଅଭିଯୋଗ ହେଉଛି। ଅଣଓସାରିଆ ରାସ୍ତାକୁ ପ୍ରଶସ୍ତିକରଣ କରିବା ପାଇଁ ବାରମ୍ବାର ଅଭିଯୋଗ ପରେ ବିଭାଗର ଅଧିକାରୀ ଆସି ଅନୁଧ୍ୟାନ କରିଥିଲେ। ରାସ୍ତା ପାର୍ଶ୍ୱରୁ କିଛି ଘର ଓ ଦୋକାନ ଗୃହକୁ ଆଂଶିକ ଉଚ୍ଛେଦ ପାଇଁ ମାପଚୁପ୍ କରି ଫେରିଥିଲେ। ଇତି ମଧ୍ୟରେ ଦୀର୍ଘ ମାସ ବିତିଥିଲେ ମଧ୍ୟ ମାପଚୁପରେ ହିଁ ପ୍ରଶାସନିକ ପଦକ୍ଷେପ ସୀମିତ ରହିଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଓଭ୍ରବ୍ରିଜ୍ ପାର୍ଶ୍ୱ ଶିଳ୍ପାଞ୍ଚଳ ଆଙ୍କୁଲି ରାସ୍ତା ୧୨ରୁ ୧୫ ଫୁଟ ରହିଥିବା କୁହାଯାଉଥିବା ବେଳେ ବଡ଼ ଗାଡ଼ି କିମ୍ବା ଭାରି ଯାନ ଗଲାବେଳେ ପାସ୍ ହେବାକୁ ବହୁ ସମୟ ଲାଗୁଛି। କୌଣସି ଜରୁରୀ କାର୍ଯ୍ୟରେ ଯିବାକୁ ଥିବା ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ସଂକୀର୍ଣ୍ଣ ରାସ୍ତା ପାର୍ଶ୍ୱରେ ଡ୍ରେନ୍ ରହିଥିବାରୁ ଲୋକଙ୍କ ପାଇଁ ଆଉ ଏକ ବିପଦର କାରଣ ସାଜିଛି। ଗାଡ଼ି ଚାଳକ ଟିକିଏ ଅସାବଧାନ ହେଲେ ଅଘଟଣର ଆଶଙ୍କା ରହୁଛି। ତେଣୁ ଯୁଦ୍ଧକାଳିନ ଭିତ୍ତିରେ ଓଣଓସାରିଆ ରାସ୍ତାକୁ ପ୍ରଶସ୍ତିକରଣ କରିବାକୁ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆନଗଲେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳର ଜନସାଧାରଣ ଚେତାବନୀ ଦେଇଛନ୍ତି।

# ଚାରାରୋପଣ କାର୍ଯ୍ୟକ୍ରମ



**ଆସିକା,୩୦।୩/ଏନ୍‌ଏନ୍‌ଏସ୍:** ଶ୍ରୀ ସତ୍ୟସାଇ ସେବା ସଂଗଠନ ଦ୍ୱାରା ଆୟୋଜିତ ଶ୍ରୀ ସତ୍ୟସାଇ ପ୍ରେମ ତରୁ କାର୍ଯ୍ୟକ୍ରମ ଅବସରରେ ଆଜି ପୁଡୁଗେଶ୍ୱରପଲ୍ଲୀ ସ୍ଥିତ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ନଭେମ୍ବର ୨୩ ତାରିଖରେ ଭଗବାନ ଶ୍ରୀ ସତ୍ୟ ସାଇବାବାଙ୍କ ଜନ୍ମ ଶତବାର୍ଷିକୀ ପାଳନ ହେବାକୁ ଥିବା ବେଳେ ଏହି ଅବସରରେ ଶ୍ରୀ ସତ୍ୟସାଇ କେନ୍ଦ୍ରୀୟ ନ୍ୟାସ ପକ୍ଷରୁ ସାରା ଦେଶରେ ଶ୍ରୀ ସତ୍ୟସାଇ ପ୍ରେମତରୁ କାର୍ଯ୍ୟକ୍ରମ ଅଧୀନରେ ଏକ କୋଟି ଚାରାରୋପଣ ଓ ଏହାର ରକ୍ଷଣାବେକ୍ଷଣ ପାଇଁ ପ୍ରୟାସ ଜାରି ରହିଛି। ଆସିକା ସତ୍ୟସାଇ ସେବା ସମିତି ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଚାରାରୋପଣ ଓ ରକ୍ଷଣାବେକ୍ଷଣ ପାଇଁ ବ୍ୟାପକ ପ୍ରୟାସ ଚାଲିଛି। ପ୍ରତ୍ୟେକଟି ଗଛ ଜିଓ ଟ୍ୟାଗିଂ କରାଯାଇ ଶ୍ରୀ ସତ୍ୟସାଇ ସେବା ସଂଗଠନର ୱେବ୍‌ସାଇଟ୍‌ରେ ଫଟୋ ସହ ଅପ୍‌ଲୋଡ୍ କରାଯିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସତସାଇ ସେବା ସମିତି ଆସିକା ଶାଖା ପକ୍ଷରୁ ପୁଡୁଗେଶ୍ୱରପଲ୍ଲୀ ଗ୍ରାମରେ ଗ୍ରାମସେବା ସଂକଳ୍ପ ଦିବସ ମଧ୍ୟ ପାଳିତ ହୋଇଥିଲା। ଓମ୍ କାରମ୍, ନଗର ସଂକୀର୍ତ୍ତନ, ସୁପ୍ରଭାତମ୍, ବେଦପାଠ, ନାରାୟଣ ସେବା, ଭଜନ କୀର୍ତ୍ତନ, ଆଳତୀ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଧିବିଧାନ ତଥା ନୀତିକାନ୍ତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ଆସିକା ସତ୍ୟସାଇ ସେବା ସମିତି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିର ଜିଲ୍ଲା ସେବା ସଂଯୋଜକ ଶିବ ନାହାକ, ଆବାହକ ବିଦ୍ୟାଧର ଖଣ୍ଟୁଆଳ, ଭଗବାନ ସତ୍ୟ ସାଇବାବାଙ୍କୁ ଶ୍ରଦ୍ଧାଳୁ ମନୋଜ କୁମାର ଦାଶ, ଧନଞ୍ଜୟ ମହାପାତ୍ର, ଶିବ ଖଣ୍ଟୁଆଳ, ପ୍ରଦୀପ ରାଉତ, ଭି.କ୍ରିଷ୍ଣାସ୍ୱାମୀ ରାଉ, ସନ୍ତୋଷ ବେହେରାଙ୍କ ସମେତ ବହୁ ଆଧ୍ୟାତ୍ମିକପ୍ରେମୀ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ନବ ବର୍ଷ ପାଳିତ



**ଫୁଲବାଣୀ,୩୦।୩/ଏନ୍‌ଏନ୍‌ଏସ୍:** କନ୍ଧମାଳ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ତରଫରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ନବ ବର୍ଷ ପାଳିତ ହୋଇଯାଇଛି। ବାଲିଗୁଡ଼ାର ତୀର୍ଥବାସୀ ଘଡ଼େଇ, କୋଟଗଡ଼ ବୁଲୁ ମଲ୍ଲିକ, ଉଦୟଗିରି, ରାଇକିଆ କାମଦେବ ବେହେରା, ଦାରିଙ୍ଗିବାଡ଼ି ପ୍ରଶାନ୍ତ କୁମାର ସାହୁ, ଖଜୁରୀପଡ଼ାରେ ଡ. ତ୍ରୈଲୋକ୍ୟନାଥ ସେନାପତି ଓ ବିଭିନ୍ନ ବ୍ଲକରେ ଶାଖା ସଂଯୋଜକଙ୍କ ଦ୍ୱାରା ସାହିତ୍ୟ ସମାବେଶ, ଆଲୋଚନାଚକ୍ର, କବିତା ପାଠ, ଯଜ୍ଞ ତଥା ଶୋଭାଯାତ୍ରାମାନ ଆୟୋଜିତ ହୋଇଥିଲା। ଜିଲ୍ଲା ସଦର ମହକୁମା ଫୁଲବାଣୀଠାରେ ଜିଲ୍ଲା ଲେଖକ ସାମ୍ମୁଖ୍ୟ, ଫୁଲବାଣୀର ମିଳିତ ଆନୁକୂଲ୍ୟରେ ନବ ବର୍ଷ ପାଳନ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ପାଠ ମାଧ୍ୟମରେ ଆୟୋଜିତ ହୋଇଛି। ଜିଲ୍ଲା ଲେଖକ ସମ୍ମୁଖ୍ୟର ସଭାପତି ରବୀନ୍ଦ୍ର ନାଥ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ କନ୍ଧମାଳର ସମ୍ପାଦକ କୈଳାସ ଚନ୍ଦ୍ର ଧଳ ଅତିଥିମାନଙ୍କ ପରିଚୟ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କନ୍ଧମାଳର ସହ ଜିଲ୍ଲା କାର୍ଯ୍ୟବାହ ନିରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ କନ୍ଧମାଳର ସଭାପତି ଡ. ଚିତ୍ତରଞ୍ଜନ ମିଶ୍ର, ଲେଖକ ସମ୍ମୁଖ୍ୟ ଉପସଭାପତି ଅଶୋକ କୁମାର ମିଶ୍ର, ବୁଦ୍ଧିଜୀବୀ ନବ କିଶୋର ରଥ ପ୍ରମୁଖ ଆମ ସଂସ୍କୃତି ପରମ୍ପରାରେ ନବ ବର୍ଷ ଉପରେ ଆଲୋଚନା କରିଥିଲେ। ପରେ ପରେ କବୟିତ୍ରୀ ପ୍ରେମଲତା ସାହୁଙ୍କ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ନବୀନ କିଶୋର ପଣ୍ଡା, ଦୁର୍ଯ୍ୟୋଧନ ପ୍ରଧାନ, ଡ. ପୂର୍ଣ୍ଣେନ୍ଦୁ ତ୍ରିପାଠୀ, ଡ. ନୃସିଂହାନନ୍ଦ ମହାପାତ୍ର, ନବ କିଶୋର ରଥ, କୈଳାସ ଚନ୍ଦ୍ର ଧଳ, ଡ. ଚିତ୍ତରଞ୍ଜନ ମିଶ୍ର, ହରପ୍ରିୟା ମିଶ୍ର, ଅଶୋକ ମିଶ୍ର, ରବୀନ୍ଦ୍ରନାଥ ମିଶ୍ର, ନୀଳକାନ୍ତି ସାହୁ, ଅଜୟ କୁମାର ପଟ୍ଟନାୟକ, ପୁଷ୍ପିତା ପଟ୍ଟନାୟକ, ବିରଞ୍ଚି ନାରାୟଣ ସାହୁ , ଗୌରୀ ପାଢ଼ୀ, ନିରୁପମା ମଣ୍ଡଳ, ସଦାଶିବ ପାତ୍ର, ନାଭିଦତ୍ୟ ଦିଗାଲ ପ୍ରମୁଖ କବିତା ପାଠ କରିଥିଲେ। ଲେଖକ ସାମ୍ମୁଖ୍ୟର ସମ୍ପାଦକ ପ୍ରସନ୍ନ ପଣ୍ଡା ଧନ୍ୟବାଦ୍ ଦେଇଥିଲେ। ଜିଲ୍ଲା ସଂଯୋଜକ ଏ. ସନ୍ତୋଷ କୁମାର ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



**ବୁଗୁଡ଼ା:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ଆଜି ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ପରିଚାଳନା ସମିତି କୋଷାଧ୍ୟକ୍ଷ ତ୍ରିଲୋଚନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷକ ଜୟନ୍ତ କୁମାର ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ଯୁଗ୍ମସମ୍ପାଦକ ସନ୍ତୋଷ କୁମାର ପାତ୍ର ଯୋଗ ଦେଇ ରାଷ୍ଟ୍ରୀୟ ନବବର୍ଷ ପାଳନ ଏବଂ ଏହାର ପୌରାଣିକ ଓ ଐତିହାସିକ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ଆଦ୍ୟାଶା ରାଣୀ ଡାକୁଆ ଓ ସ୍ନେହାରାଣୀ ପରିଡ଼ା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଛାତ୍ରୀ ଇପ୍ସିତା ପଣ୍ଡା ଅମୃତ ବଚନ ପ୍ରଦାନ କରିଥିଲେ। ଗୁରୁମା ତେଜସ୍ୱିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସହ-ପ୍ରଧାନାଚାର୍ଯ୍ୟା ସୁମତି ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଗୁରୁଜୀ ସଞ୍ଜୟ ଷଡ଼ଙ୍ଗୀ ଧନ୍ୟବାଦ୍ ଦେଇଥିଲେ। ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଶିଶୁ ମନ୍ଦିର ପରିସରରେ ଗୋପାଳ ଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ମୁଖ୍ୟ ଶିକ୍ଷକ ବ୍ରଜବନ୍ଧୁ ପ୍ରଧାନ ଗୈରିକ ଧ୍ୱଜା ରୋପଣ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ଜୟନ୍ତ କୁମାର ପଟ୍ଟନାୟକ ଯୋଗ ଦେଇ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଦୁର୍ଗା ପ୍ରସାଦ ଦାଶ ପରିଚାଳନା କରିଥିବା ବେଳେ ସ୍ୱୟଂ ସେବକ ପୂର୍ଣ୍ଣଚନ୍ଦ୍ର ବେହେରା ବ୍ୟକ୍ତିଗତ ସଙ୍ଗୀତ ଗାନ କରିଥିଲେ।

**ଶେରଗଡ଼:** ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଶେରଗଡ଼ ଖଣ୍ଡ ପକ୍ଷରୁ ଆଜି ରାଷ୍ଟ୍ରୀୟ ନବ ବର୍ଷ ପାଳିତ ହୋଇଯାଇଛି। ଅପରାହ୍ନରେ ସ୍ୱୟଂ ସେବକମାନେ ଶେରଗଡ଼ରେ ପଥ ସଂଚାଳନ କରିବା ପରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶେରଗଡ଼ ରାଜା ପୂର୍ଣ୍ଣ ଚନ୍ଦ୍ର ସିଂହଦେଓ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସାମୁଦ୍ରିକ ସୁରକ୍ଷା ସଭାପତି ପ୍ରତାପ ଚନ୍ଦ୍ର ଦାମଲ ଯୋଗଦେଇ ସ୍ୱୟଂ ସେବକମାନଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ପ୍ରମୁଖ ଗଣେଶ ପୋଲାଇ, ଖଣ୍ଡ କାର୍ଯ୍ୟକର୍ତ୍ତା କବିରାଜ ନାୟକ, ଯୋଗ ମହୋତ୍ସବ ସଂଯୋଜକ ହର ପ୍ରସାଦ ସ୍ୱାଇଁ, ବୌଦ୍ଧିକ ପ୍ରମୁଖ ଟୁଙ୍ଗୁରୁ ସ୍ୱାଇଁ, ବିସ୍ତାରକ କୃଷ୍ଣ ଚନ୍ଦ୍ର ଦାସ ପ୍ରମୁଖ ସାମିଲ ହୋଇଥିଲେ। ବିଜେପି ଆସିକା ସାଂଗଠନିକ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଗୋଠଗାଁ ସରପଞ୍ଚ କୃଷ୍ଣ ଚନ୍ଦ୍ର ସୁଆଁସିଆ, କୁମାରପାଣି ସରପଞ୍ଚ ଉଦୟ ନାଥ ପ୍ରଧାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେରଗଡ଼ ଖଣ୍ଡ ଆରଏସ୍‌ଏସ୍ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜିଲ୍ଲା ପୁଲିସର ଜନସମ୍ପର୍କ ଶିବିର

# ଗଞ୍ଜେଇ ଚାଷ ରୋକିବା ପାଇଁ ଆହ୍ୱାନ

**କନ୍ଧମାଳ,୩୦।୩/ଏନ୍‌ଏନ୍‌ଏସ୍:** ଗୋଛାପଡ଼ା ଥାନା ସଲାଗୁଡ଼ା ପଞ୍ଚାୟତ କୁମ୍ଭାରଖୋଲ ଖେଳ ପଡିଆରେ ଜିଲ୍ଲା ପୁଲିସ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଆୟୋଜିତ ହୋଇଛି। ଦିନକୁ ଦିନ ବଢି ଚାଲିଥିବା ବେଆଇନ ଗଞ୍ଜେଇ ଚାଷ ଓ ଚାଲାଣ ଯୋଗୁଁ ସାମାଜିକ ଅଶାନ୍ତି ଓ ଅପରାଧ ବୃଦ୍ଧି ପାଉଛି। ଚାଷୀଙ୍କୁ ଏଥିରୁ ନିବୃତ୍ତ ରହି ଷ୍ଟବେରି, ଡ୍ରାଗନ ଫ୍ରୁଟ୍, ମାଣ୍ଡିଆ, ମାଛ ଚାଷ ଓ ଗୋପାଳନରେ ମନୋନିବେଶ କରିବା ପାଇଁ ଆହ୍ୱାନ ଦିଆଯାଇଛି। ମୁଖ୍ୟଅତିଥି ଭାବେ କନ୍ଧମାଳ ଏସ୍‌ପି ହରିଶ ବିସି, ସମ୍ମାନିତ ଅତିଥି ଭାବେ ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ, ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦ, ପୂର୍ବତନ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଥାନା ଅଧିକାରୀ ଚିରଞ୍ଜୀବୀ ବେହେରା, ବନପାଳ ଦିଲ୍ଲୀପ କୁମାର ବିଶ୍ୱାଳ, କଂଗ୍ରେସ ନେତା ଘନ ଶବର, ସ୍ଥାନୀୟ ସରପଞ୍ଚ ରୋହିତ କହଁର, ସମିତି ସଭ୍ୟ, ବିଏସ୍‌ଏଫ୍ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସରକାରଙ୍କ ତରଫରୁ ଚାଷୀଙ୍କୁ ମିଳୁଥିବା ସହାୟତା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ପୁଲିସ ପ୍ରଶାସନ ପକ୍ଷରୁ ଯୁବକ ସଂଘମାନଙ୍କୁ ଫୁଟବଲ, ଭଲିବଲ, ଜର୍ସି ଏବଂ ମହିଳାମାନଙ୍କୁ ଶୀତ ବସ୍ତ୍ର, ଛତା, ଜୋତା, ପିଲାଙ୍କୁ ଖେଳ ଉପକରଣ, ପାଠ୍ୟ ପୁସ୍ତକ, ଖାତା ଆଦି ବଣ୍ଟନ କରାଯାଇଥିଲା। କଳାବିକାଶ କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ସଚେତନତା ମୂଳକ ନାଟକ 'ନୀଳ ଜହର' ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ଆଶା କର୍ମୀଙ୍କ ଅକାଳ ବିୟୋଗ

**ବୁଗୁଡା,୩୦।୩/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ଆଶା କର୍ମୀ ବନିତା ନାୟକ(୫୦)ଙ୍କ ଅକାଳ ବିୟୋଗ ଘଟିଛି। ସେ ଦୀର୍ଘ ଦିନ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବାବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ସୁବଳ ନାୟକ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ତାଙ୍କର ତିନି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଖବର ପାଇବା ପରେ ଆଶାକର୍ମୀମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଆଶାକର୍ମୀ ସଂଘ ସଭାନେତ୍ରୀ ସନ୍ତୋଷିନୀ ପଟ୍ଟ ନାୟକଙ୍କ ସମେତ ସଦସ୍ୟା ରଶ୍ମିତା ପ୍ରଧାନ, ଜ୍ୟୋତିର୍ମୟୀ ଆଚାରୀ ଓ ଗୌରୀ ପୋଲେଇ ପ୍ରମୁଖ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ପୂର୍ବରୁ ତାଙ୍କ ଚିକିତ୍ସା ନିମନ୍ତେ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ମୃତକଙ୍କ ପରିବାରକୁ ସଂଘ ପକ୍ଷରୁ କିଛି ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସଭାନେତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଆଜି ପୂର୍ବାହ୍ନରେ ମା' ବାଙ୍କେଶ୍ୱରୀ ପୀଠରେ ବନିତାଙ୍କ ବିୟୋଗରେ ଆଶାକର୍ମୀ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି।



# ବିଭିନ୍ନ ସ୍ଥାନରେ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ

**ଆସିକା,୩୦।୩/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସ୍ଥିତ ରିସିଗାଁ ଶ୍ରୀକୃଷ୍ଣ ନଗର ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆସିକା ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ତହସିଲ ଅଫିସ କାର୍ଯ୍ୟାଳୟର ପଡ଼ିଆରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶତାଧିକ ଜନତା ଯୋଗଦେଇ ଆଭାସି ମାଧ୍ୟମରେ ଏଲ୍‌ଇଡି ପରଦାରେ ଏହି ଜନକଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମକୁ ଦେଖିଥିଲେ। ଆସିକା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିପିନା ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ବିଧାୟକ ସରୋଜ କୁମାର ପାଢୀ ଯୋଗ ଦେଇଥିଲେ। ଆସିକା ବ୍ଲକ ପରିସରଭୁକ୍ତ ୨୭ଟି ପଞ୍ଚାୟତର ଯୋଗ୍ୟ ହିତାଧିକାରୀମାନେ ଏହି ଯୋଜନାର ସୁଫଳ ପାଇବା ଉପରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ବିଡିଓ ଲିପିନା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆସିକା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଚୟନ ହୋଇଥିବା ୮୯ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଗ୍ରାମାଞ୍ଚଳର ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ସହିଦ୍ ପରିବାର, ଘରପୋଡି, ହାତୀ ଉପଦ୍ରବ, ବନ୍ୟାବାତ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ ଏହି ଯୋଜନାରେ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବା ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ କର୍ମଚାରୀ ସନ୍ଦୀପ କୁମାର ବେହେରା, ଟିକିନା ବିଶ୍ୱାଳ, ବାବୁରାମ ନାୟକ, ଅଶୋକ କୁମାର ସେଠୀ, ପ୍ରିୟମ୍ବଦା କହଁର, ଆକାଶିନୀ ନାୟକ, ରାଜଶ୍ରୀ ସାହୁ, ଚିନ୍ମୟୀ କୁମାରୀ ରାଉତ, ଶର୍ମିଷ୍ଠା ଦଳବେହେରା, ସୌଦାଗର ଦଳେଇ, ଦେବେନ୍ଦ୍ର କୁମାର ପାତ୍ର, ଅଶୋକ କୁମାର ସେଠୀ, ପ୍ରଭାତୀ ପାତ୍ର, ସନ୍ତୋଷ କୁମାର ସାହୁ, ତାରିଣୀ ପ୍ରସାଦ ସାହୁ, ପ୍ରିୟଦର୍ଶିନୀ ପଣ୍ଡା, ତାରିଣୀ ମହାରଣା, ସୁକାନ୍ତ କୁମାର ନାୟକ, ଅନିତା ମହାରଣା, ସନ୍ତୋଷିନୀ ପ୍ରସାଦ, ପରମେଶ୍ୱର ମଳିକ, ନନ୍ଦିନୀ କୁମାରୀ ଦାଶ, ସୁନୀଲ୍ କୁମାର ମିଶ୍ରଙ୍କ ସମେତ ବହୁ କର୍ମଚାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ଏସ୍. ରେଶ୍ମା ଦୋରା, ବିଜେପି ନେତା ଶିବ କୁମାର ନାୟକ, ଭଗବାନ ସାହୁ, ଶଙ୍କର ମହାନ୍ତି, ରବୀନ୍ଦ୍ରନାଥ ବାରିକ, ରବୀନ୍ଦ୍ର ଗୌଡ଼, ଶଶାଙ୍କ ଶେଖର ଚର୍ଚ୍ଚି, ନୀଳମଣି ଗୌଡ଼, ସନ୍ତୋଷ କୁମାର ସ୍ୱାଇଁ, ରାଜୀବ ପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ ନିର୍ବାଚିତ ପ୍ରତିନିଧି ଯୋଗ ଦେଇଥିଲେ।



**ଛତ୍ରପୁର:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ରିସିଗାଁ ଶ୍ରୀକୃଷ୍ଣ ନଗର ପଡ଼ିଆଠାରେ ରବିବାର ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଛତ୍ରପୁର ସ୍ଥିତ ଅନଶ୍ଳୋ ଖେଳ ପଡ଼ିଆଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାର ୪୦୫୪ଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ହିତାଧିକାରୀଙ୍କୁ ଘର ନିର୍ମାଣ ପାଇଁ ୩ଟି ପର୍ଯ୍ୟାୟରେ ମୋଟ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯିବ। ଏହି ଯୋଜନା ଦ୍ୱାରା ଆମ ଓଡ଼ିଶା ଏବଂ ପକ୍କାଘର ଆଶା ପୂରଣ ହେବ ବୋଲି କୁହାଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ, ବନ୍ୟା ବାତ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତରେ ଗୃହ ମଞ୍ଜୁର କରାଯିବ। କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଜେନା, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତା, ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଛତ୍ରପୁର ଏନ୍‌ଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଏସ୍ ସାରଦା ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ବହୁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।





**ପୁରୁଷୋତ୍ତମପୁର :** ପୁରୁଷୋତ୍ତମପୁର ବ୍ଲକରେ ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରାଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି। ବିଡିଓ ଶରତ ଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ଆସିକା ସାଂସଦଙ୍କ ପ୍ରତିନିଧି ଅନୀଲ କୁମାର ପଣ୍ଡା ଓ ଖଲ୍ଲିକୋଟ ବିଧାୟକ ପ୍ରତିନିଧି କୋରନାଥ ସ୍ୱାଇଁ, ବ୍ଲକ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ସାବତ ଓ ବିପିସି ଶ୍ରୀକାନ୍ତ କୁମାର ଦଳ ବେହେରା ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡିଓ ନିରାକାର ଜେନା, ୨୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସଭ୍ୟ, ବ୍ଲକ ଜିପିଓ ମୀନକେତନ ବେହେରା, ସିପି ବରୁଣ ପାତ୍ରଙ୍କ ସହ ଏମ୍‌ବିକେ, ସିଆର୍‌ସି, ଯନ୍ତ୍ରୀ, ପଞ୍ଚାୟତ ପିଇଓ, ଏଡିଓ, ବିପିଏମ୍, ବିଏସ୍‌ଏସ୍‌ଓ, କାହ୍ନୁ ଚରଣ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦାସକାଠିଆ ମାଧ୍ୟମରେ ଅନ୍ତ୍ୟୋଦୟ ଗୃହ ଯୋଜନା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ବ୍ଲକର ମୋଟ ୨୩୯ ହିତାଧିକାରୀଙ୍କ ମଧ୍ୟରୁ ଆଜି ୫୨ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

**ନିତି ଭାରତୀ** — ଅନୁଶାସନ ଓ ଏକତା ହିଁ କୌଣସି ଦେଶର ଶକ୍ତି ହୋଇଥାଏ । - ଲାଲ୍ ବାହାଦୁର ଶାସ୍ତ୍ରୀ ।

ନିତିଦିନ NITIDIN
ସୋମବାର , ୩୧ ମାର୍ଚ୍ଚ, ୨୦୨୫

# ୟୁରୋପ୍‌ର ସୁରକ୍ଷା ଚିନ୍ତା

ଏବେ ଟ୍ରମ୍ପଙ୍କ ପ୍ରତି ବିଶ୍ୱର ପ୍ରତିଟି ରାଷ୍ଟ୍ରର ଭୟ ସୃଷ୍ଟି ହୋଇଯାଇଛି । ଯେତେବେଳେ ସେ ଜେଲେନ୍‌ସ୍କିଙ୍କ ସହିତ ବାର୍ତ୍ତାଳାପ କରୁଥିଲେ ସେ କଥାରେ କଥାରେ କହିଦେଇଥିଲେ ୟୁକ୍ରେନ୍‌ର ଜାପୋରିଝଝିଆ ନ୍ୟୁକ୍ଲିଅର ପାୱାର୍ ପ୍ଲାଣ୍ଟକୁ ରୁଷିଆମୁକ୍ତ କଲାପରେ ସେ ତା'ର ଅପରେସନ୍ ଆରମ୍ଭ କରିବେ ଅର୍ଥାତ୍ ୟୁରୋପ୍‌ର ସବୁଠୁ ବିଶାଳ ଏଇ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ରର ବିଜୁଳି ଯୋଗାଣ ଆଦି କରିବାରେ ତାଙ୍କର ଅସୁବିଧା ନାହିଁ । ଏଥିରେ ଜେଲେନ୍‌ସ୍କି କ୍ଷୁବ୍ଧ ହୋଇଛନ୍ତି ଓ ସେ ବାବଦରେ ଟ୍ରମ୍ପଙ୍କ ସହିତ ଆଲୋଚନା କରିବେ ନାହିଁ ବୋଲି ମନା କରିଦେଇଛନ୍ତି । ସେହିପରି ନାଟୋରୁ ଆମେରିକା ନିଜକୁ ଦୂରେଇ ନବାକୁ ଘୋଷଣା କରିବା ପରେ ସମଗ୍ର ନାଟୋ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ



ତପୋଧନ ପଣ୍ଡା

ଅଜଣା ଆତଙ୍କ ସୃଷ୍ଟି ହୋଇଯାଇଛି । କାରଣ ଆମେରିକାର ନ୍ୟୁକ୍ଲିଅର ଛତ୍ରଛାୟା ତଳେ ସେମାନେ ରହି ରୁଷିଆକୁ ଧମକ ଦେଉଥିଲେ । ସବୁଠୁ ଅଧିକ ଅର୍ଥ, ଅସ୍ତ୍ରଶସ୍ତ୍ର ଇତ୍ୟାଦି ନାଟୋକୁ ଯୋଗାଉଥିଲା ଆମେରିକା । ଏବେ ସଦ୍ୟ ଶାନ୍ତିଚୁକ୍ତିକୁ ଭଙ୍ଗକରି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଗାଜାଷ୍ଟ୍ରିପ୍‌ର ହମାସ୍ ଗୋଷ୍ଠୀ ଉପରେ ଭୟଙ୍କର ଆକ୍ରମଣ ଆରମ୍ଭ କରିବା ପରିପ୍ରେକ୍ଷୀରେ ହ୍ୱାଇଟ୍ ହାଉସ୍ ତରଫରୁ କୁହାଯାଇଛି । ଆକ୍ରମଣ ଆରମ୍ଭ କରିବା ପୂର୍ବରୁ ସେ ଟ୍ରମ୍ପଙ୍କ ସହିତ ଯୋଗାଯୋଗ କରିଥିଲେ ଓ ଟ୍ରମ୍ପ ସବୁଜ ସଙ୍କେତ ଦେଇଥିଲେ । ଏ ପାଖରେ ପାକିସ୍ତାନ ପ୍ରତି ତାଙ୍କର କାହିଁକି ଦରଦ ଉଛୁଳି ପଡ଼ିଲା କେଜାଣି ତାକୁ ଆର୍ଥିକ ସାହାଯ୍ୟ ଦବାକୁ ମନ ବଳାଇଲେ । ଏତ ଗଲା ଗୋଟିଏ କଥା, ଆର କଥାଟି ହେଲା ତାଙ୍କର ଟାରିଫ୍ ଘୋଷଣା । ସେ କଥା ପରେ ଆଲୋଚିତ ହେବ ।

ଟ୍ରମ୍ପଙ୍କ ଏତାଦୃଶ ସହଯୋଗ ହ୍ରାସ ୟୁରୋପୀୟ ଦେଶଗୁଡ଼ିକୁ ବ୍ୟଥିତ କରିଛି । ନିଜ ନିଜ ରାଷ୍ଟ୍ରର ସୁରକ୍ଷା ଚିନ୍ତା ଏବଂ ଧନଜୀବନ ବଞ୍ଚାଇବା ପାଇଁ ସେମାନେ ସତର୍କ ହବାକୁ ଆରମ୍ଭ କରିଛନ୍ତି । ତେବେ ଭୟ କାହାକୁ ? ଭୟ ରୁଷିଆକୁ । କାରଣ ଯଦି ସମ୍ଭାବ୍ୟ ଆକ୍ରମଣ ରୁଷିଆ କରେ ସେମାନଙ୍କୁ ସୁରକ୍ଷା ଦବ କିଏ ? ସେମାନେ ମିଳିତ ଭାବରେ ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ୟୁକ୍ରେନ୍‌କୁ ୫୧ ବିଲିୟନ ଡଲାର୍‌ର ଅସ୍ତ୍ରଶସ୍ତ୍ର ଯୋଗାଇଛନ୍ତି ଯୁଦ୍ଧରେ ରୁଷିଆକୁ ପରାଜୟ କରିବା ପାଇଁ । ସେମାନେ ମଧ୍ୟ ଜାଣିଛନ୍ତି କେବଳ ଆମେରିକାର ବାଇଡେନ୍ ପ୍ରଶାସନ ୬୭ ବିଲିୟନ୍ ଡଲାର୍‌ର ଅସ୍ତ୍ରଶସ୍ତ୍ର ଯୋଗାଣ ଦେଇଛି । ଅର୍ଥାତ୍ ୟୁକ୍ରେନ୍ ୩ ବର୍ଷ ଧରି ଯୁଦ୍ଧ ଜାରି ରଖିପାରିଛି ଏଇସବୁ ମିଳିତ ସାହାଯ୍ୟ ପାଇ । ଯଦି ଆମେରିକା ସାହାଯ୍ୟ କରି ନଥାନ୍ତା ତାହେଲେ ୟୁରୋପ୍‌ର ୨୭ରୁ ଉର୍ଦ୍ଧ୍ୱ ରାଷ୍ଟ୍ରର ମିଳିତ ସହଯୋଗ କିଛି ହୋଇନଥାନ୍ତା ଓ ରୁଷିଆ ସଂପୂର୍ଣ୍ଣ ୟୁକ୍ରେନ୍‌କୁ ଦଖଲ କରି ନେଇଥାନ୍ତା । ରୁଷିଆ ଦଖଲ କରି ନେଇଛି ୟୁକ୍ରେନ୍‌ର ଏକ ପଞ୍ଚମାଂଶ । ଏଥିରୁ ସେମାନେ ସ୍ପଷ୍ଟ ବୁଝି ପାରିଛନ୍ତି ଆମେରିକାର ସହଯୋଗ ବିନା ସେମାନଙ୍କ ରାଷ୍ଟ୍ରଗୁଡ଼ିକ ରୁଷିଆ ଆଗରେ କିଛି ନୁହେଁ । ତେଣୁ ୟୁରୋପ୍ ନିଜର ସୁରକ୍ଷାକୁ ଅଗ୍ରାଧିକାର ଦେଇଛି 'ଫର୍ ୱର୍ଷ୍ଟ କେସ୍ ସିନାରିଓ'- ଯଦି ରୁଷିଆ ଆକ୍ରମଣ କରେ ପ୍ରତିଶୋଧ ନବା ପାଇଁ । ତେଣୁ ନିଜକୁ ପ୍ରସ୍ତୁତ କରୁଛନ୍ତି ବଙ୍କର ନିର୍ମାଣ ଓ ନିଜ ଅଧିବାସୀଙ୍କୁ ଯୋଗାଇଦବାକୁ ସର୍ଭାଇଭାଲ୍ ମାନୁଆଲ୍ସ ଅର୍ଥାତ୍ ସମ୍ଭାବ୍ୟ ଆକ୍ରମଣରୁ ନିଜକୁ ସୁରକ୍ଷା ଦେବେ କିପରି ଭାବରେ । ନିଜର ମିଲିଟାରୀକୁ ଉନ୍ନତିକରଣ କରିବା ଉପରେ ପ୍ରାଧାନ୍ୟ ଦବାକୁ ଚିନ୍ତା କରୁଛନ୍ତି । ଏହି କ୍ଲବ୍‌ରେ ଫ୍ରାନ୍ସ ସଦ୍ୟ ଯୋଗଦାନ କରିଛି, ଆଗରୁ କରୁନଥିଲା କାରଣ ଏହା ଏକ ପରମାଣୁ ଶକ୍ତିସଂପନ୍ନ ରାଷ୍ଟ୍ର ବୋଲି ନିଜକୁ ସୁରକ୍ଷିତ ମଣୁଥିଲା ।

ସର୍ଭାଇଭାଲ୍ ମାନୁଆଲ୍ ହେଲା ଏକ ଗାଇଡ୍ ଯାହା ଲୋକଙ୍କୁ ବତାଇଦବ କିପରି ନିଜକୁ ସୁରକ୍ଷା ଦେଇପାରିବ ଯଦି ହଠାତ୍ ଯୁଦ୍ଧ ଆରମ୍ଭ ହୋଇଯାଏ । ଏଥିରେ କ'ଣ ସବୁ ଥିବ ? ଏବଂ କେଉଁ ରାଷ୍ଟ୍ରମାନେ ଆଗେଇ ଆସିଛନ୍ତି ଏପରି କରିବାକୁ ? ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରନ୍ ନିଜର ଏୟାର୍‌ଫୋର୍ସ ଉନ୍ନତିକରଣ କରୁଛନ୍ତି, ଅଧିକ ଶକ୍ତିଶାଳୀ କରୁଛନ୍ତି । ସେ ଆମେରିକା ପାଖରୁ ଉନ୍ନତ ଧରଣର ଫାଇଟର୍ ଜେଟ୍ କ୍ରୟ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି କାରଣ ଯଦି ଆମେରିକା ଫ୍ରାନ୍ସକୁ ସାହାଯ୍ୟ ନକରେ ନିଜେ ନିଜକୁ ପ୍ରସ୍ତୁତ ରଖିବାକୁ ସମର୍ଥ ହେବ । ଏହା ଐତିହାସିକ ଓ ଆବଶ୍ୟକ ନିଜ ରାଷ୍ଟ୍ରର ସୁରକ୍ଷା ପାଇଁ । ଏହା ମଧ୍ୟ ଏକ ସୁଯୋଗ ନିଜକୁ ଶକ୍ତିଶାଳୀ କରିବା ପାଇଁ । କେବଳ ଏତିକି ନୁହେଁ । ପ୍ରତି ଘରକୁ ଏକ ସର୍ଭାଇଭାଲ୍ କିଟ୍ ପ୍ରଦାନ କରିବାକୁ ମସୁଧା କରୁଛନ୍ତି । ଏହା କିପରି- ଏହା ଏକ ୨୦ ପୃଷ୍ଠାର ବୁକ୍‌ଲେଟ୍ । ଏଥିରେ ଗୋଟେ ଏମର୍ଜେନ୍ସି ନମ୍ବର ରହିବ, ରିମାଇଣ୍ଡର୍ ଯଥା ନିଜ ଗୃହର ଦ୍ୱାର,



ଝରକା ଆଦି ବନ୍ଦ କରିବାକୁ ଯଦି ନ୍ୟୁକ୍ଲିଅର ଆକ୍ରମଣ ହୁଏ । ତା' ସହିତ ନିଜର ଆତ୍ମରକ୍ଷା ପାଇଁ ଟର୍ଚ୍ଚ, ବ୍ୟାଟେରି, ପାଣି, ଖାଦ୍ୟ ବିଶେଷ ଭାବରେ ଶୁଖିଲା ଖାଦ୍ୟ ଏବଂ ମୌଳିକ ଆବଶ୍ୟକୀୟ ଔଷଧପତ୍ର, ଇଞ୍ଜେକ୍‌ସନ୍ ଇତ୍ୟାଦି । ଅବଶ୍ୟ କୁହାଯାଇଛି ଏହା କେବଳ ଆକ୍ରମଣ ପାଇଁ ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ, ସାଇବର ଆଟାକ୍ ବା ଟେକ୍ନୋଲଜିକାଲ୍ ବି ହୋଇପାରେ, ନିଜର ତଥା ଦେଶର ସୁରକ୍ଷା ପାଇଁ ନିହାତି ଆବଶ୍ୟକ । କେହି ଜାଣନ୍ତି ନାହିଁ ଆଗତ ମାସଗୁଡ଼ିକରେ କ'ଣ ଘଟିବ ! ସେହିପରି ଜର୍ମାନୀ । ଏହା ନିଜ ମିଲିଟାରୀକୁ ଶକ୍ତିଶାଳୀ କରିବାକୁ ମସୁଧା କରିଛି । ଏହା ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରେ ସବୁଠୁଁ ଶକ୍ତିଶାଳୀ ଅର୍ଥ ବ୍ୟବସ୍ଥା ସଂପନ୍ନ ରାଷ୍ଟ୍ର । ଏହା ଏବେ ଅନେକଗୁଡ଼ିଏ ବିଶାଳ ବଙ୍କର ନିର୍ମାଣ କରିବ ଓ ତା'ର ସୂଚୀ ପ୍ରଦାନ କରିଛି କେଉଁଠି କିପରି ହେବ । ଏହା ଏମର୍ଜେନ୍ସି ଆଶ୍ରୟସ୍ଥଳ ହେବ । ଏହା ଭିତରେ ଅଛି ଅଣ୍ଡର୍‌ଗ୍ରାଉଣ୍ଡ ଟ୍ରେନ୍ ଷ୍ଟେସନ୍, କାର୍‌ପାର୍କ ଏବଂ କୋଠାଘର । ସେଥିପାଇଁ ଡିଜିଟାଲ୍ ଡାଇରେକ୍ଟୋରି, ଏହା ଲୋକଙ୍କୁ ସାହାଯ୍ୟ କରିବ ମାର୍ଗଦର୍ଶିକା ଭାବରେ । ସହଜରେ ଜାଣିହେବ କେଉଁଠି କ'ଣ ଅବସ୍ଥିତ ସହଜରେ ପହଞ୍ଚି ପାରିବା ପାଇଁ । ସେହିପରି ପୋଲାଣ୍ଡ୍ ସରକାର ସର୍ଭାଇଭାଲ୍ ଗାଇଡ୍ ପ୍ରସ୍ତୁତ କରୁଛି ଯଦି ଯୁଦ୍ଧ ଆରମ୍ଭ ହୋଇଯାଏ । ଡେନ୍‌ମାର୍କ, ସ୍ୱିଡେନ୍, ଫିନ୍‌ଲ୍ୟାଣ୍ଡ, ନରୱେ ମଧ୍ୟ ପଛରେ ପଡ଼ିନାହାନ୍ତି । ସେମାନେ କେବଳ ଆଶା କରୁଛନ୍ତି ଏଭଳି ପରିସ୍ଥିତି ଯେପରି ନ ସୃଷ୍ଟି ହୁଏ । କିନ୍ତୁ ଯଦି ସୁରକ୍ଷା ଆବଶ୍ୟକ ପଡ଼େ ତାହେଲେ ନିଜକୁ ପ୍ରସ୍ତୁତ ରଖିବା ସବୁ ପରିଣାମଦର୍ଶୀଙ୍କର କାମ ।

ଆର ଘଟଣାଟି ହେଲା ଟ୍ରମ୍ପଙ୍କ ଟାରିଫ୍ ମାଡ଼ । ଆମ ଦେଶ ସମେତ କୌଣସି ଦେଶ ବି ବାଦ୍ ପଡୁନାହାନ୍ତି । ଶତ୍ରୁ, ମିତ୍ର ଏକାକାର । ତାଙ୍କ ଦେଶ ଆଣୁଥିବା ସବୁ ଆଲୁମିନିୟମ୍, ଷ୍ଟିଲ୍ ଉପରେ ୨୫ ପ୍ରତିଶତ ଟ୍ୟାକ୍ସ ଭିଡ଼ିଛନ୍ତି । ଯାହାଦ୍ୱାରା କି ଅଧିକ ଅର୍ଥ ସେମାନେ ଦେବେ । ସେ ଚାହାନ୍ତି ତାଙ୍କ ଦେଶର କମ୍ପାନୀମାନେ ନିଜ ଦେଶରୁ ଉତ୍ପାଦିତ ଷ୍ଟିଲ୍, ଆଲୁମିନିୟମ୍ ବ୍ୟବହାର କରନ୍ତୁ । ବାହାରୁ କ୍ରୟ କରନ୍ତୁ ନାହିଁ । ଚୀନ୍‌ର ଉତ୍ପାଦ ଉପରେ ସେ ୨୦ ପ୍ରତିଶତ ଟାରିଫ୍ ଘୋଷଣା କରିଥିବାରୁ ଚୀନ୍ ପ୍ରତିବଦଳରେ ୧୫ ପ୍ରତିଶତ ଟାରିଫ୍ ଭିଡ଼ିଛି ଆମେରିକାର ଉତ୍ପାଦଗୁଡ଼ିକ ଉପରେ । ସେହିପରି କାନାଡ଼ା । ତାଇୱାନ୍ ଉପରେ ୫୦ ପ୍ରତିଶତ ଟାରିଫ୍ । ଆମେରିକାର ହ୍ୱିସ୍କି ଉପରେ ୟୁରୋପୀୟ ରାଷ୍ଟ୍ର ୫୦ ପ୍ରତିଶତ ଟାରିଫ୍ ଘୋଷଣା କରିବାକୁ ମସୁଧା କରୁଥିବା ବେଳେ ଟ୍ରମ୍ପ ସେମାନଙ୍କ ଦେଶରୁ ଆମେରିକା ଆଣୁଥିବା ସାମ୍ପେନ୍, ୱାଇନ୍ ଓ ଅନ୍ୟାନ୍ୟ ଆଲ୍‌କୋହଲ୍‌ଗୁଡ଼ିକ ଉପରେ ୨୦୦ ପ୍ରତିଶତ ଟାରିଫ୍ ଘୋଷଣା କରିବାକୁ ଧମକ ଦେଇଛନ୍ତି । ଫଳରେ ୟୁରୋପୀୟ ଦେଶଗୁଡ଼ିକ ନିଜ ନିଜର ଟାରିଫ୍ ଘୋଷଣାକୁ ଭୟରେ ସ୍ଥଗିତ ରଖିଛନ୍ତି ଆରମାସ ମଝାମଝି ପର୍ଯ୍ୟନ୍ତ । ଏ ଭିତରେ ସେମାନେ ଚିଠା ପ୍ରସ୍ତୁତ କରିବେ ସେମାନଙ୍କର କେଉଁ ଉତ୍ପାଦଗୁଡ଼ିକ ସତରେ ପ୍ରଭାବିତ ହେବ, ତା'ପରେ ଆଲୋଚନା କରିବେ ଟାରିଫ୍ ହ୍ରାସ ପାଇଁ । ଅଧିକନ୍ତୁ ଟ୍ରମ୍ପ ୬ଟି ନିଜ ଦେଶର ବିଶ୍ୱବିଦ୍ୟାଳୟରେ ପଢୁଥିବା ଚୀନ୍ ବିଦ୍ୟାର୍ଥୀଙ୍କର ଅନେକ ଅତିରିକ୍ତ ବିବରଣୀ ମାଗିଛନ୍ତି ନିଜ ଦେଶର ସୁରକ୍ଷା ବଳି ପଡୁଥିବାର ଆଶଙ୍କା କରି । ଚୀନ୍ ଏଥିରେ ଅତ୍ୟନ୍ତ କ୍ଷୁବ୍ଧ ହୋଇଛି । ମୋଟ ଉପରେ ସମଗ୍ର ବିଶ୍ୱରେ ଟ୍ରମ୍ପଙ୍କ ଏତାଦୃଶ ମନ୍ତବ୍ୟ, ଆଚରଣ ସୁରକ୍ଷା ପ୍ରତ୍ୟାହାର ଆଦି ପଦକ୍ଷେପ କୋକୁଆ ଭୟ ସୃଷ୍ଟି କରିବା ଆରମ୍ଭ କରିଛି । ଏହାଦ୍ୱାରା ଆମେରିକାର ଅର୍ଥ ବ୍ୟବସ୍ଥା ପ୍ରଭାବିତ ହେବ ସେ କଥା ସେ ଚିନ୍ତା କରୁନାହାନ୍ତି । ■

ଭି.ଆଇ.ଏମ୍-୭୪୧
ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ- ୯୪୩୭୩୦୭୪୮୬

# ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ !

'ନିଜ ପରିସ୍ଥିତି ପାଇଁ ନିଜକୁ ଦୋଷ ଦେବା ପାଇଁ ଇଚ୍ଛା ନାହିଁ ଯଦି ତେବେ ନିଜ ଗ୍ରହ, ନକ୍ଷତ୍ରମାନଙ୍କୁ ଦୋଷ ଦିଅନ୍ତୁ ।'ଏ ତ ଥିଲା ମଜା କଥାଟିଏ, କିନ୍ତୁ ଅନେକ ସମୟରେ ଆମେ ଶୁଣିବାକୁ ପାଆନ୍ତି ଯେ ଗ୍ରହ ଚଳନର ପ୍ରତ୍ୟକ୍ଷ ପ୍ରଭାବ ଆମ ଜୀବନକୁ ପ୍ରଭାବିତ କରେ । ଏପରିକି ଗ୍ରହ ଚଳନ ଯୋଗୁ ପାଣିପାଗ ମଧ୍ୟ ପ୍ରଭାବିତ ହୁଏ । ଗ୍ରହ, ନକ୍ଷତ୍ରମାନଙ୍କୁ ନେଇ କେତେ କେତେ କଥା ପୁଣି କୁହନ୍ତି ଜ୍ୟୋତିଷ ଶାସ୍ତ୍ର । ରିଷ୍ଟ ଖଣ୍ଡନ ଓ ଗ୍ରହ ଶାନ୍ତି ପାଇଁ ଅନେକ ପୂଜାପାଠ କରି ତାହାର ପ୍ରତିକାର ମଧ୍ୟ କରାଯାଏ । ତେବେ ଜ୍ୟୋତିଷ ଶାସ୍ତ୍ର ଉପରେ କେହି ଅଗାଧ ବିଶ୍ୱାସ ରଖି ସେହି ଅନୁସାରେ କାର୍ଯ୍ୟ କରୁଥିଲା ବେଳେ ଆଉ କେହି ଏହାକୁ ସମ୍ପୂର୍ଣ୍ଣ ଅବିଶ୍ୱାସ କରି ଏହାକୁ ଅନ୍ଧବିଶ୍ୱାସ ବୋଲି କହେ ।

ମାତ୍ର ଭୂତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ନିଜର ମତାମତ ରଖୁଥିବା ଜ୍ୟୋତିଷମାନଙ୍କ କଥା ଶତ



ଛନ୍ଦା ମିଶ୍ର

ପ୍ରତିଶତ ସତ ହେବା କ୍ୱଚିତ ଦେଖାଯାଏ । କୁହାଯାଏ ଜ୍ୟୋତିଷ ଶାସ୍ତ୍ରକୁ କାଳେ ମା' ଗିରିଜାଙ୍କର ଅଭିଶାପ ମିଳିଛି । ଏହାକୁ ନେଇ ଚମତ୍କାର କାହାଣୀଟିଏ ରହିଛି । ଏକଦା ଜ୍ୟୋତିଷ ଶାସ୍ତ୍ର ଶିକ୍ଷା କରିବା ପାଇଁ ବିଘ୍ନ ବିନାଶକ ଗଣେଶଙ୍କୁ, ପିତା ମହାଦେବ ନେଇ ଗୁରୁଙ୍କ ପାଖରେ ଛାଡି ଆସିଲେ । ସେହିଦିନ ହିଁ ଜରୁରୀ ବୈଠକ ଅନୁଷ୍ଠିତ କରିଥିଲେ ଇନ୍ଦ୍ର । ମହାଦେବ, ସଭାରେ ପହଞ୍ଚି, ସେଠାରେ ପୁତ୍ର ଗଣେଶଙ୍କୁ ଦେଖି ହେଲେ ଅସନ୍ତୁଷ୍ଟ । କହିଲେ, ଶିକ୍ଷା ସମାପ୍ତ ନ କରି ଗୁରୁକୁଳରୁ ଆସିବା ପାଇଁ ବାରଣ କରିବା ସତ୍ତ୍ୱେ ତୁମେ, ସେଠାରୁ ଚାଲି ଆସିଲ କିପରି ? ଗଣେଶ ପ୍ରତ୍ୟୁତ୍ତରରେ, ସେ ବିଦ୍ୟା ସମାପ୍ତ କରି ହିଁ ଗୁରୁକୁଳରୁ ଆସିଛନ୍ତି ବୋଲି କହିଲେ । ତାଙ୍କ କଥାକୁ ଅବିଶ୍ୱାସ କରି ପିତା, ପରୀକ୍ଷା ନେବା ପାଇଁ ପ୍ରଶ୍ନ କଲେ, ଆଚ୍ଛା କୁହତ ମାଆ ଏବେ କ'ଣ କରୁଛନ୍ତି ? ପିତାଙ୍କ ଠାରୁ ଏପରି ପ୍ରଶ୍ନରେ ଗଣେଶ ପଡିଲେ ଦ୍ୱନ୍ଦ୍ୱରେ, ସତ କହିଲେ ମାତାଙ୍କୁ ଅପମାନ ହୋଇପାରେ, ମିଛ କହିଲେ ଗୁରୁ ତଥା ବିଦ୍ୟାଙ୍କୁ ଅସମ୍ମାନ ହେବ । ଶେଷରେ ସେ ସତ୍ୟର ପକ୍ଷ ନେଲେ । ଆଉ କହିଲେ, ଏବେ ସାୟଂକାଳରେ ମାତା ରଜସ୍ୱଳା ହୋଇ ସ୍ନାନ କରିବାକୁ ଯାଇଛନ୍ତି । ଖୋଦ୍ ମହାଦେବଙ୍କ ସମେତ ସମସ୍ତ ଦେବତା ଅସହଜ ବୋଧ କଲେ । କିନ୍ତୁ ମାତା ଗିରିଜାଙ୍କ ନିକଟରେ ଏହି ଖବର ଯେତେବେଳେ ପହଞ୍ଚିଲା ସେ କ୍ରୋଧାନ୍ୱିତ ହୋଇ ଅଭିଶାପ ଦେଲେ ଯେ, ଏହି ବିଦ୍ୟା କେବେ ବି ସମ୍ପୂର୍ଣ୍ଣ ସତ ହେବ ନାହିଁ । ବୋଧହୁଏ ଏଇଥିପାଇଁ ପ୍ରଭୁ ଶ୍ରୀରାମଙ୍କ ରାଜ୍ୟାଭିଷେକର ସମସ୍ତ ପ୍ରସ୍ତୁତି ସରିଥିଲେ ବି ପରଦିନ ତାଙ୍କୁ ବନ ଗମନ କରିବା ପାଇଁ ପଡିଥିଲା । ରାଜ୍ୟାଭିଷେକ ପୂର୍ବରୁ କ'ଣ ତାଙ୍କର ଜାତକ ଗଣନା କରାଯାଇ ନଥିବ !

ତେବେ ସମ୍ପୂର୍ଣ୍ଣ ସତ ହେଉ ବା ଆଂଶିକ ସତ୍ୟ, ଏହି ବିଦ୍ୟା ପ୍ରତି କିନ୍ତୁ ଆମ ଭାରତୀୟଙ୍କ ଆକର୍ଷଣ ଖୁବ୍ ଅଧିକ । ତେଣୁ ସକାଳୁ ଖବରକାଗଜରୁ ପ୍ରଥମେ ରାଶିଫଳ ଦେଖିବା ଆମମାନଙ୍କର ପ୍ରଧାନ କାମ ଅଟେ । ଆଜି ଆମମାନଙ୍କ ଜୀବନକୁ ପ୍ରଭାବିତ କରୁଥିବା ସେହି ଗ୍ରହ, ନକ୍ଷତ୍ରମାନଙ୍କୁ ସମର୍ପିତ ହୋଇଥିବା ନବଗ୍ରହ ମନ୍ଦିରକୁ ଯିବା ପାଇଁ ଆମେ ସକାଳୁ ବାହାରି ପଡ଼ିଥିଲୁ । ଗୌହାଟୀର ଚିତ୍ରାଞ୍ଚଳ ପାହାଡ଼ ଉପରେ ଅବସ୍ଥିତ ଏହି ନବଗ୍ରହ ମନ୍ଦିରଟି କେଉଁ ଆଦିମ କାଳରୁ ରହିଛି । ତେବେ ଭୂମିକମ୍ପରେ ବେଶ୍ କ୍ଷତିଗ୍ରସ୍ତ ହୋଇଥିବା ଏହି ମନ୍ଦିରଟିର ପୁନଃନିର୍ମାଣ କରିଥିଲେ ଅହୋମ ରାଜା ରାଜେଶ୍ୱର ସିଂହ, ଅଠରଶହ ଶତାବ୍ଦୀରେ । ଏହା ଆଜି ବି ଜ୍ୟୋତିଷ ଶାସ୍ତ୍ର ଓ ଜ୍ୟୋତିର୍ବିଜ୍ଞାନ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କ ପାଇଁ ଏକ ପ୍ରମୁଖ ଶିକ୍ଷାକେନ୍ଦ୍ର । ଯେଉଁଥି ପାଇଁ ପୂର୍ବେ ଆସାମର ନାମ ପ୍ରାଗ୍ ଜ୍ୟୋତିଷପୁର ଥିଲା ବୋଲି ମାନ୍ୟତା ରହିଛି ।

ଅଳ୍ପ କିଛି ପାହାଚ ଚଢି ଉପରକୁ ଗଲାପରେ ମନ୍ଦିର ପାର୍ଶ୍ୱରେ ରହିଚି ଜ୍ୟୋତିର୍ବିଜ୍ଞାନୀ ଓ ଜ୍ୟୋତିଷମାନଙ୍କ ପାଇଁ ଗବେଷଣାଗାର । ପରେ ପରେ ମୁଖ୍ୟ ମନ୍ଦିର । ମୁଖ୍ୟ ମନ୍ଦିର ଭିତରକୁ ଯିବା ପୂର୍ବରୁ ସମ୍ମୁଖରେ ଶିବଲିଙ୍ଗ, ଗଣେଶ ଓ ନାରାୟଣଙ୍କୁ ଦର୍ଶନ କରି ଭିତରକୁ ଯିବାକୁ ହୁଏ । ସେଠାରେ ଅଖଣ୍ଡ ଦୀପଟିଏ ଅହରହ ଜଳୁଥାଏ । ମନ୍ଦିର ଭିତରେ କୌଣସି ବିଜୁଳି ଆଲୋକର ବ୍ୟବସ୍ଥା ଆଜି ବି ନିଷିଦ୍ଧ ରହିଚି । ଛୋଟ ଗୋଟେ ଝରକା ଦେଇ ତଥା ମନ୍ଦିର ମଧ୍ୟରେ ଥିବା ଦୀପଗୁଡିକର ଆଲୋକରେ ମନ୍ଦିର ହୋଇଥାଏ ଆଲୋକିତ । ଏଠାରେ ନବଗ୍ରହଙ୍କୁ ଶିବଲିଙ୍ଗ ଆକାରରେ ପୂଜା କରାଯାଏ । ମଝିରେ ସୂର୍ଯ୍ୟ ଓ ତାଙ୍କ ଚାରିପଟେ ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ ଓ କେତୁ । ସୂର୍ଯ୍ୟଙ୍କୁ ଲାଲ୍, ଚନ୍ଦ୍ରଙ୍କୁ ଶୁଭ୍ର, ମଙ୍ଗଳଙ୍କୁ ଲାଲ୍, ବୁଧଙ୍କୁ ସବୁଜ, ବୃହସ୍ପତିଙ୍କୁ ହଳଦିଆ, ଶୁକ୍ରଙ୍କୁ ନୀଳ, ଶନିଙ୍କୁ କଳା, ରାହୁଙ୍କୁ ବାଇଗଣି ଓ କେତୁଙ୍କୁ ପାଉଁଶିଆ ରଙ୍ଗର କପଡା ପିନ୍ଧା ଯାଇଥାଏ । କିଛି ଲୋକ ପୂଜାରୀଙ୍କ ଦ୍ୱାରା ଗ୍ରହ ପୂଜା କରାଉଥାନ୍ତି । ଦୀପ ତଥା ଶନି ଗ୍ରହଙ୍କୁ ଉତ୍ସର୍ଗ କରାଯାଉଥିବା ତେଲ ପଡି ମନ୍ଦିରର ଚଟାଣ ଖସଡା ହୋଇଥାଏ । କିନ୍ତୁ ମନ୍ଦିରର ପ୍ରାଚୀନତା ଓ ପବିତ୍ରତା, ପରିବେଶକୁ ଏକ ଭିନ୍ନ ପ୍ରକାରର ପ୍ରଶାନ୍ତି ପ୍ରଦାନ କରୁଥାଏ ।

ଏଠାରୁ ବାହାରିଲା ବେଳକୁ ମୁଣ୍ଡ ଉପରେ ସୂର୍ଯ୍ୟ, ପ୍ରଖର ହୋଇ ସାରିଥାନ୍ତି । ଏହାପରେ ଆସାମର ମ୍ୟୁଜିୟମ୍ ଦେଖି ଯିବାର ଯୋଜନା ଥିଲା, ତା' ପୂର୍ବରୁ ମଧ୍ୟାହ୍ନ ଭୋଜନ ସାରିଦେଲୁ । ବିରାଟ ପରିସରରେ ଆସାମ ରାଜ୍ୟର ସଂଗ୍ରହାଳୟଟି ଅବସ୍ଥିତ । ବାହାରେ ସୁନ୍ଦର୍ ଶ୍ୟାମଳ ବଗିଚା ଓ ଭିତରେ ଆସାମର ଇତିହାସ ଠାରୁ ସଂସ୍କୃତି ପର୍ଯ୍ୟନ୍ତ ସବୁକିଛି ବଖାଣୁଥିବା ଚିଜଗୁଡିକୁ ସଜ୍ଜିତ କରି ରଖାଯାଇଚି । ପୂର୍ବେ ବ୍ୟବହାର କରାଯାଉଥିବା ବାସନକୁସନରୁ ନେଇ ହାତ ହତିଆର, ସେଠାକାର ସ୍ଥାପତ୍ୟ, କଳା, ଗ୍ରାମ୍ୟ ଜୀବନ ଆଦି ହୋଇଛି ପ୍ରଦର୍ଶିତ । ତେବେ ତାହାକୁ ଦେଖି ମନେହେଲା, ଆମ ଓଡିଶାର ସଂଗ୍ରହାଳୟ



ଏହାଠାରୁ ଅଧିକ ସୁବ୍ୟବସ୍ଥିତ । କିନ୍ତୁ ଏହି ସଂଗ୍ରହାଳୟର ଗୋଟିଏ କଡ଼ରେ ଥିଲା ଆସାମର ବରପୁତ୍ର ଭୂପେନ୍ ହଜାରିକାଙ୍କୁ ସମର୍ପିତ ଛୋଟ ଗୋଟିଏ ସଂଗ୍ରହାଳୟ । ଯେଉଁଠି ତାଙ୍କ ସଙ୍ଗୀତର ତରଙ୍ଗରେ ନିମଜ୍ଜିତ ହୋଇ ଶ୍ରଦ୍ଧାଳୁଟିଏ ତାଙ୍କ ନିତ୍ୟ ବ୍ୟବହୃତ ଜିନିଷ, ତାଙ୍କ ଜୀବନୀ ଆଧାରିତ ଚିତ୍ରଗୁଡିକୁ କରିପାରିବ ନିରୀକ୍ଷଣ । ଆମେ ଆସାମ ଯିବାର ଅଳ୍ପ କିଛି ଦିନ ପୂର୍ବେ ହିଁ ସେ ଇହଧାମ ତ୍ୟାଗ କରିଥିଲେ । ଏବେ ତାଙ୍କ ପାଇଁ ସ୍ୱତନ୍ତ୍ର ଗୋଟିଏ ବିଶାଳ ସଂଗ୍ରହାଳୟ କରାଯାଇଚି ବୋଲି ଶୁଣିଥିଲି । ଭାବୁଥିଲି, ଆମ ଓଡିଶାର ବରପୁତ୍ରମାନଙ୍କର ଏପରି ସଂଗ୍ରହାଳୟଟିଏ ଆମର ଏଠି ହୁଅନ୍ତା ନାହିଁ ! ଯେଉଁଠି ଓଡିଶାକୁ ସମୃଦ୍ଧ କରିଥିବା ସେହି ପ୍ରଥିତଯଶାମାନଙ୍କ ବିଷୟରେ ଆମ ପିଲାଏ ଜାଣିପାରନ୍ତେ !

ଅପରାହ୍ନ ତିନିଟା ବାଜି ସାରିଥିଲା । ପରବର୍ତ୍ତୀ ଗନ୍ତବ୍ୟସ୍ଥଳ ଥିଲା, ବଶିଷ୍ଠ ମନ୍ଦିର । ହଁ ଋଷି ବଶିଷ୍ଠଙ୍କୁ ସମର୍ପିତ ଏହି ମନ୍ଦିରଟି ପ୍ରାକୃତିକ ପରିବେଶ ଭିତରେ ଏକ ଅତ୍ୟନ୍ତ ମାନସିକ ଓ ଶାରୀରିକ ଶାନ୍ତି ପ୍ରଦାନକାରୀ ସ୍ଥାନଟିଏ । ଏଠାରେ ବଶିଷ୍ଠ ମୁନିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ମା' ଗଙ୍ଗା, ତ୍ରିଧାରା ରୂପରେ ବହି ଯାଉଛନ୍ତି । ସନ୍ଧ୍ୟାଞ୍ଚଳ ପାହାଡ଼ ଉପରେ ଅବସ୍ଥିତ ଏହି ଆଶ୍ରମଟିରେ ବ୍ରହ୍ମାଙ୍କ ମାନସପୁତ୍ର ବଶିଷ୍ଠ ମୁନି ନିଜ ଶେଷ ସମୟ ପର୍ଯ୍ୟନ୍ତ ଅବସ୍ଥାନ କରୁଥିଲେ ବୋଲି ବିଶ୍ୱାସ ରହିଛି । ଜନଶ୍ରୁତି ଅନୁସାରେ ବଶିଷ୍ଠ ମୁନି, ନୀଳାଞ୍ଚଳ ପାହାଡ଼ ଉପରକୁ ଯାଇ ମାଆ କାମାକ୍ଷାଙ୍କ ଦର୍ଶନ କରିବାକୁ ଚାହୁଁଥିଲେ । ମାତ୍ର ସେତେବେଳେ ପ୍ରବଳ ପ୍ରତାପୀ ରାଜା ନରକାସୁର ତାଙ୍କୁ ଘୋର ଅପମାନିତ କରିବା ସହ ମାଆଙ୍କ ଦର୍ଶନରୁ କଲା ବଞ୍ଚିତ । ମୁନି, ସେଠାରୁ ଆସି ଏହି ଜନଶୂନ୍ୟ ସନ୍ଧ୍ୟାଞ୍ଚଳ ପାହାଡ଼ ଉପରେ ବସି ଶିବଙ୍କ ତପସ୍ୟାରେ ମଗ୍ନ ରହିଲେ । ଯେଉଁ ଶିବଲିଙ୍ଗଙ୍କୁ ବଶିଷ୍ଠ ମୁନି ପୂଜା କରୁଥିଲେ, ତାହା ଆଜି ବି ସେଠାରେ ରହିଛନ୍ତି, ଯାହା ସବୁବେଳେ ଜଳପୂର୍ଣ୍ଣ ହୋଇ ରହିଥାଏ । ଏହି ଆଶ୍ରମରେ ଶିବ ଓ ଶକ୍ତି ଦୁହେଁ ବିରାଜିତ । ଏହି ପାହାଡ଼ ଉପରେ ରକ୍ତଶିଳା ପୀଠରେ ମାଆ ଦୁର୍ଗା ପଞ୍ଚଯୋନୀ ସ୍ୱରୂପା, ପଞ୍ଚ ପୁଷ୍କରିଣୀ ରୂପେ ବିରାଜିତା । ଏଠାରେ ଋଷି ବଶିଷ୍ଠଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ମଧ୍ୟ ରହିଚି । କୁହାଯାଏ ଥରେ କୌଣସି କାରଣରୁ ବଶିଷ୍ଠ ଋଷି ଓ ମହାରାଜା ନିମିଙ୍କ ଭିତରେ ମନାନ୍ତର ହୋଇ ଉଭୟ ଉଭୟଙ୍କୁ ଦେହହୀନ ହେବାର ଅଭିଶାପ ଦେଇଦେଲେ । ନିଜ ଦେହ ଫେରି ପାଇବା ପାଇଁ ବଶିଷ୍ଠ ମୁନି ବ୍ରହ୍ମାଙ୍କ ଉପଦେଶରେ ବିଷ୍ଣୁଙ୍କୁ ତପସ୍ୟା କରି ସନ୍ତୁଷ୍ଟ କଲେ । ତା'ର ଫଳସ୍ୱରୂପ ସନ୍ଧ୍ୟାଞ୍ଚଳ ପାହାଡ଼ ଉପରେ ଆଜି ବି ରହିଚି ଅମୃତ ନୟନ କୁଣ୍ଡ, ଯେଉଁଥିରେ ଗଙ୍ଗାଙ୍କ ନିବାସ ବୋଲି ବିଶ୍ୱାସ ରହିଛି । ଯେଉଁଠି ସ୍ନାନ କରି ବଶିଷ୍ଠ ମୁନି ନିଜର ଦେହ ଫେରି ପାଇଥିଲେ । ସେଠାରୁ ମାଆ ଗଙ୍ଗା, ସନ୍ଧ୍ୟା, ଲଳିତା ଓ କାନ୍ତା ନାମ ଧରି, ତ୍ରିଧାରା ରୂପେ ହେଉଛନ୍ତି ପ୍ରବାହିତ । ସନ୍ଧ୍ୟାଞ୍ଚଳ ପାହାଡ଼ ଶୀର୍ଷରୁ ଉତ୍ପନ୍ନ ହୋଇ ତ୍ରିଧାରା, ବଶିଷ୍ଠ ମୁନିଙ୍କ ଆଶ୍ରମ ଦେଇ ବ୍ରହ୍ମପୁତ୍ର ନଦୀରେ ମିଶି ଯାଇଛନ୍ତି । ମକର ସଂକ୍ରାନ୍ତି ଓ ମାଘ ପୂର୍ଣ୍ଣିମାରେ ଏଠାରେ ବଡ ଧରଣର ପୂଜା କରାଯାଏ । ଶ୍ରଦ୍ଧାଳୁ ଏଠାରେ ବୁଡ଼ ପକାନ୍ତି । ଶ୍ରାବଣ ମାସରେ ଏଠାରୁ ଜଳ ନେଇ ବିଭିନ୍ନ ଶିବଲିଙ୍ଗରେ ଚଢାଇବାକୁ ମାନସିକଧାରୀମାନେ ଭିଡ କରନ୍ତି ।

ସନ୍ଧ୍ୟାଞ୍ଚଳ ପାହାଡ଼ ଉପରେ ସନ୍ଧ୍ୟାଙ୍କ ଆଗମନ, ହୃଦୟକୁ ଭିନ୍ନ ଏକ ପୁଲକରେ କରୁଥିଲା ପୁଲକିତ । ଅପୂର୍ବ ଏକ ସନ୍ତୁଷ୍ଟି ମନକୁ କରିଥିଲା ଆଚ୍ଛନ୍ନ । କାଲି ଭୋର୍‌ରୁ ଯିବାର ଥିଲା ମେଘାଳୟ । ମେଘର ଦେଶ । ଜଲ୍‌ଦି ଜଲ୍‌ଦି ହୋଟେଲକୁ ଫେରି ଜିନିଷପତ୍ର ସଜାଡି, ଜଲ୍‌ଦି ଶୋଇ ପଡ଼ିବାକୁ ହେବ । ଅବଶ୍ୟ ଦିନସାରା ଯେତେ ଚାଲବୁଲ ହୋଇଛି, ଖଟରେ ପଡୁ ପଡୁ ନିଦ ମାଉସୀ ଯେ କୋଳେଇ ନେବେ, ସେଥିରେ କୌଣସି ସନ୍ଦେହ ନଥିଲା । ■

ଫୋନ୍-୯୪୩୭୪ ୫୩୬୧୦

# ବିଧାନସଭା ହିଁ ଗଣତନ୍ତ୍ରର ମନ୍ଦିର

ଗତ ସପ୍ତାହରେ ବିଧାନସଭାରେ ଦୁଇଟି ଘଟଣା ଜନତାଙ୍କୁ ଆଚମ୍ବିତ କରିଛି । ପ୍ରଥମଟି ହେଲା, ଗତ ୭ ମାର୍ଚ୍ଚରୁ ଗୃହକାର୍ଯ୍ୟର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବା ଉତ୍ତାରୁ ବିରୋଧୀ କଂଗ୍ରେସ ସଦସ୍ୟ ବିଭିନ୍ନ ତରିକା ଅବଲମ୍ବନ କରି ପ୍ରତିବାଦ କରିଥିଲେ । ଫ୍ଲାଗ୍ କାର୍ଡ, ପୋଷ୍ଟର୍, ବ୍ୟାନର୍ ଧରି ପ୍ରତିବାଦ କରୁଥିଲେ । ମାତ୍ର ୨୦ ମାର୍ଚ୍ଚରୁ କଳା ବ୍ୟାଜ୍, କଳାପୋଷାକ ପରିଧାନ କରି ହ୍ୱିସିଲ୍, ତୂରୀ, ଘଣ୍ଟା ଓ ବଂଶୀ ବଜାଇ ଗୃହକାର୍ଯ୍ୟରେ ବାଧା ପହଞ୍ଚାଇଥିଲେ । ଏଥିପାଇଁ ପ୍ରଥମେ ୧୨ ଓ ପରେ ଆଉ ୨ ଜଣ କଂଗ୍ରେସ ସଭ୍ୟଙ୍କୁ ନିଲମ୍ବିତ କରିଥିଲେ ବାଚସ୍ପତି ସୁରମା ପାଢ଼ୀ । ବିଜେଡି ପକ୍ଷରୁ ଦଳର ଉପନେତା ପ୍ରସନ୍ନ କୁମାର ଆଚାର୍ଯ୍ୟ କହିଥିଲେ, ବିଧାନସଭା ଅପବିତ୍ର ହୋଇଯାଇଛି । ପୂର୍ବରୁ ଗୃହ ଭିତରକୁ ପୁଲିସ୍ କେବେ ମଧ୍ୟ ପ୍ରବେଶ କରିନଥିଲା । ହେଲେ ଏବର ବିଜେପି ସରକାରଙ୍କ ସମୟରେ ବିଧାନସଭାରେ ପୁଲିସ୍ ପ୍ରବେଶ କରି ବିଧାୟକଙ୍କ ଉପରକୁ ଆକ୍ରମଣ କରିଥିଲେ । ଏହାଦ୍ୱାରା ପବିତ୍ର ଗୃହ ଅପବିତ୍ର ହୋଇଛି । ଏହାକୁ କେନ୍ଦ୍ର କରି ରାଜ୍ୟରେ ନାରୀ ନିର୍ଯାତନା ବଢୁଥିବା ଅଭିଯୋଗ କରି କଂଗ୍ରେସ ପକ୍ଷରୁ ଗୁରୁବାର ଲୋୟର୍ ପିଏମ୍‌ଜିରେ ଆନ୍ଦୋଳନ କରାଯାଇଥିଲା । କଂଗ୍ରେସ କର୍ମୀମାନେ ବିଧାନସଭା ଘେରାଉ କରିବା ଉଦ୍ଦେଶ୍ୟରେ ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିବାକୁ ଉଦ୍ୟମ କରିବା ସମୟରେ ପୁଲିସ୍ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା । ଏହି ସମୟରେ ପୁଲିସ୍ ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ହେବା ପରେ ଅଣାୟତ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା । ଫଳରେ ଲୋୟର୍ ପିଏମ୍‌ଜି ଏକପ୍ରକାର ରଣକ୍ଷେତ୍ରରେ ପରିଣତ ହୋଇଥିଲା । ପୁଲିସ୍ ଉପରକୁ କଂଗ୍ରେସ କର୍ମୀମାନେ ଟେକା ପଥର ମାଡ଼ କରିଥିଲେ, ଚେୟାର୍ ଓ ବୋତଲ ମଧ୍ୟ ଫିଙ୍ଗି ଥିଲେ । କଂଗ୍ରେସ କର୍ମୀଙ୍କ ଆକ୍ରମଣରେ ୧୫ ଜଣ ପୁଲିସ୍ କର୍ମଚାରୀ ଆହତ ହୋଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ବାଧହୋଇ ପୁଲିସ ଲାଠିଚାର୍ଜ କରିବା ସହ ପାଣିମାଡ଼ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା । ପୁଲିସ୍ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହେଇଥିଲା ।

ଦ୍ୱିତୀୟ ଘଟଣାଟି ହେଲା ଯେ ବିଜେଡି ସଭ୍ୟମାନେ ବିଧାନସଭାରେ ଗଙ୍ଗା ଜଳ ସିଞ୍ଚି ପବିତ୍ର କରିବା ପରେ ଗୃହ ପ୍ରବେଶ କରିଥିଲେ । ହେଲେ ଗୃହ ମଧ୍ୟରେ ଏପରି ନ କରିବାକୁ ପରାମର୍ଶ ଦେଇଥିଲେ ବାଚସ୍ପତି ସୁରମା ପାଢ଼ୀ । ଅନ୍ୟପକ୍ଷରେ ବିଧାନସଭା ଏକ ପବିତ୍ର ଗୃହ, ଏଠାରେ ଗଙ୍ଗା ଜଳ ସିଞ୍ଚି ପବିତ୍ର କରିବାର କୌଣସି କାରଣ ନାହିଁ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରି ପ୍ରକାଶ କରିଥିଲେ । ବିରୋଧୀ ବିଜେଡି ବିଧାୟକମାନେ ଏଭଳି କାର୍ଯ୍ୟ ଠିକ୍ ବୋଲି ବିଭିନ୍ନ ମତ ରଖିବା ଫଳରେ ବିଜେଡି ସଭ୍ୟଙ୍କ ଏହି ଗଙ୍ଗା ଜଳ ସିଞ୍ଚାକୁ ନେଇ ଗୃହ ଭିତରେ ଓ ବାହାରେ ଚର୍ଚ୍ଚାର ବିଷୟ ହୋଇଛି ।

ଆଜିକାଲି ବିଧାନସଭାରେ ଏଭଳି ଘଟଣା ଘଟିବା କିଛି ନୂଆ କଥା ନୁହେଁ, ଆଗରୁ ମଧ୍ୟ ବିଧାନସଭା ଗୃହ ଭିତରେ ଘଣ୍ଟ ବାଡେଇ ମାନ୍ୟବର ବିଧାୟକମାନେ ପ୍ରତିବାଦ କରିଥିଲେ । ଏଥର ଗଙ୍ଗାଜଳ ସିଂଚନ ବୋଧହୁଏ ଏକ ନୂଆ ପଦ୍ଧତି ବୋଲି ପ୍ରତୀୟମାନ ହେଉଛି । ପ୍ରତିବାଦ କରିବା ବିରୋଧୀ ଦଳର ଗଣତାନ୍ତ୍ରିକ ଅଧିକାର ରହିଛି,ଏଥିରେ କିଛି ଭାବିବାର ନାହିଁ । କିନ୍ତୁ ଏଭଳି ପ୍ରତିବାଦ ପରୋକ୍ଷରେ ଜନତାଙ୍କ ଭିତରେ ହାସ୍ୟରୋଳ ସୃଷ୍ଟି କରେ, ବିଷୟବସ୍ତୁର ଗୁରୁତ୍ୱ ହ୍ରାସ ପାଏ । ନାରୀ ନିର୍ଯାତନାକୁ ନେଇ ତୁମୁଳକାଣ୍ଡ ଘଟିବା ମଧ୍ୟ ନୂଆ ଘଟଣା ନୁହେଁ । ଅତୀତରେ ସବୁ ଦଳର ସରକାରଙ୍କ କାର୍ଯ୍ୟକାଳ ଭିତରେ ନାରୀ ନିର୍ଯାତନା ଓ ଦୁଷ୍କର୍ମକୁ ପାଥେୟ କରି ଦିନ ଦିନ ନୁହେଁ ମାସ ମାସ ଧରି ବିଧାନସଭା ଭିତରେ ଓ ବାହାରେ କେତେ ପ୍ରତିବାଦ ହେଇଛି ତାହାର ବର୍ଣ୍ଣନା କରିବା ଆଦୌ ଏଠାରେ ଆବଶ୍ୟକତା ନାହିଁ । ତା'ବାଦେ ପ୍ରଶ୍ନ ଉଠେ, କିଏ କାହାକୁ ପବିତ୍ର କରୁଛି ? ମାଟି, ପଥର, ଘରଦ୍ୱାର ଭଳି ଜିନିଷ ପାଖରେ କ'ଣ ପବିତ୍ର-ଅପବିତ୍ରର ଶବ୍ଦ ପ୍ରଯୁଜ୍ୟ ହେଇପାରିବ ? ମଣିଷ ନିଜେ ନିଜକୁ ପବିତ୍ର କରିପାରିବ ନିଜର କୃତକର୍ମ ପାଇଁ ? ତାହା ନ କରି ବିଧାନସଭାରେ ଗଙ୍ଗାଜଳ ସିଞ୍ଚିଲେ, ବିଧାନସଭା ପବିତ୍ର ହୁଏନି ବରଂ ସତ୍ୟ ଓ ପବିତ୍ର ଆଚରଣ ମଣିଷକୁ ଶୁଦ୍ଧ କରିଥାଏ । ଅବଶ୍ୟ ମଣିଷ ଦିନକୁ ଦିନ ଅତି ସୃଜନଶୀଳ ହେଉଛି, ନୂଆ ନୂଆ ମାର୍ଗ ଆପଣେଇ ସବୁକ୍ଷେତ୍ରରେ ନିଜର ପାରିବାପଣିଆ ଦେଖାଉଛି । ସେହି ପ୍ରବୃତ୍ତି ବି ଆମ ମାନ୍ୟବର ବିଧାୟକଙ୍କ ଭିତରେ ଫୁଟି ଉଠିବା ସ୍ୱାଭାବିକ । କିନ୍ତୁ ମନେରଖିବା ଉଚିତ ଯେ ବିଧାୟକମାନେ ଗଣତନ୍ତ୍ରରେ ଜଣେ ଜଣେ ନିର୍ବାଚିତ ପ୍ରତିନିଧି । ସେମାନଙ୍କର ପ୍ରତ୍ୟେକ ଆଚରଣ ଓ ବ୍ୟବହାର ସାଧାରଣ ଜନତାଙ୍କ ଉପରେ ପ୍ରଭାବ ପକାଉଛି, ଯାହାଫଳରେ ସାଧାରଣ ଲୋକେ ବିଶୃଙ୍ଖଳା କରିବାର ସମ୍ଭାବନା ଜାତ ହୁଏ । ବାହାରେ ସେମାନେ ବି ତଦ୍ରୂପ ଆଚରଣ କରିବାରେ ପଛଘୁଞ୍ଚା ଦେଉନାହାନ୍ତି । ବିଧାନସଭା ନିଶ୍ଚିତ ଭାବେ ଏକ ପବିତ୍ରଗୃହ, ଏଥିରେ କାହାର ତିଳେମାତ୍ର ସଂଶୟ ନାହିଁ । ମାନ୍ୟବର ବିଧାୟକମାନଙ୍କର ସତ୍ୟ ଓ ନ୍ୟାୟ ଆଚରଣ ଦ୍ୱାରା ହିଁ ବିଧାନସଭା ଗରିମାମୟ ଓ ପବିତ୍ର ହୁଏ । ଏହି କଥାଟି ପ୍ରତ୍ୟେକ ବିଧାୟକ ଅବଶ୍ୟ ଜାଣନ୍ତି, ସେମାନଙ୍କୁ ଶିକ୍ଷା ଦେବାର ଆମର ଅଭିପ୍ରାୟ ନୁହେଁ । ତା'ବାଦେ, ଗୋଟିଏ ଦଳର ଚବିଶ ବର୍ଷ ଶାସନର ଅନ୍ତ ଘଟିବା ପରେ ନୂଆ ସରକାର ଶାସନଭାର ମାତ୍ର ନଅ ମାସ ହେଲା ନେଇଛନ୍ତି । ସେମାନଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ବିରୋଧୀ ଦଳର ଭୂମିକା ନୁହେଁ କି ? ନାରୀ ନିର୍ଯାତନା ବା ଦୁଷ୍କର୍ମକୁ କେଉଁ ରାଜନୈତିକ ଦଳ ଜାଣିଶୁଣି ପ୍ରଶ୍ରୟ ଦିଅନ୍ତି ନାହିଁ । ଏଥିପାଇଁ ପୁଲିସ୍‌କୁ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ହୁଏ । ସରକାର ପ୍ରଶାସନକୁ ଖୁବ୍ କ୍ରିୟାଶୀଳ କରିବା ଉଚିତ । ସରକାର ନିଶ୍ଚିତ ପଦକ୍ଷେପ ନେଉଥିବେ, ଏଥିରେ ସନ୍ଦେହର ଅବକାଶ ନାହିଁ । ବିରୋଧୀ ଦଳର ମାନ୍ୟବର ବିଧାୟକମାନେ ପ୍ରତିବାଦ କରିବା ଏବଂ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରିବା ସେମାନଙ୍କର ସାମ୍ବିଧାନିକ ଅଧିକାର । ତା'ର ଅର୍ଥ ନୁହେଁ ଘଣ୍ଟ ବାଡେଇବା, ଗଙ୍ଗାଜଳ ସିଞ୍ଚିବା ବା ଗୃହ ଭିତରେ ଉଭୟ ସରକାରୀ ଓ ବିରୋଧୀ ବିଧାୟକ ଠେଲାପେଲା ହୋଇ ଗୃହକୁ ଅଚଳ କରିବା । ଆରୋପ ଓ ପ୍ରତ୍ୟାରୋପର ପ୍ରବଳତା ଏତେ ପ୍ରଖର ଯେ ଯାହା ଭିତରେ ପ୍ରକୃତ ଘଟଣାର ଅସଲି ସ୍ୱର ଲୁଚିଯାଉଛି । ସତ୍ୟ କୋଣଠେସା ହେଇଯାଉଛି । ମିଥ୍ୟା ଓ ବାକ୍‌ପଟୁତା ଅଯଥାରେ କାୟା ବିସ୍ତାର କରିବାରେ ଲାଗୁଛି । କେହି କାହାର କଥା ଶୁଣି ପାରନ୍ତି ନାହିଁ ହଟ୍ଟଗୋଳ ଭିତରେ, ବିଚରା ସାଧାରଣ ଜନତା କିନ୍ତୁ ଏମନ୍ତ ପରସ୍ପର ବିରୋଧାଭାଷ ଭିତରେ ସ୍ତବ୍ଧ ହେଇଯାଏ । ଆମର ବିରୋଧୀଦଳର ମାନ୍ୟବର ବିଧାୟକମାନେ ଯେତେ ସତ୍ୟକୁ ଆଶ୍ରୟ କରି ପ୍ରତିବାଦ ଓ ସମାଲୋଚନା କରିବେ ଏବଂ ସରକାରୀ ଦଳର ମାନ୍ୟବର ବିଧାୟକମାନେ ପ୍ରକୃତ ତଥ୍ୟକୁ କାୟମନୋବାକ୍ୟରେ ଉପସ୍ଥାପନ କରିବେ ଓ ଦୋଷୀକୁ ଦଣ୍ଡ ଦେବାରେ ଆଗୁସାର ହେବେ, ଆମ ବିଧାନସଭାର ଗୌରବ ଭିତରେ ଓ ବାହାରେ ସେତେ ଉଜ୍ଜ୍ୱଳ ହେବ ହିଁ ହେବ । ଏମନ୍ତ ପରିପ୍ରେକ୍ଷୀରେ ସନ୍ଥକବି ଭୀମଭୋଇ ଯଥାର୍ଥରେ ଗାଇଛନ୍ତି -'କି ଅବା ନାରୀ ସେ କି ଅବା ପୁରୁଷ ସମସ୍ତେ ଭାଷନ୍ତୁ ସତ୍ୟ, ଅନ୍ତର୍ଗତରୁ ସଂଶୟ ଛେଦ କରି ଧରନ୍ତୁ ନିଷ୍କାମ ପଥ । ଏତେ ବଡ ଧର୍ମ ବିଅର୍ଥ ହେଉଛି, ଯାଉଅଛି ଧ୍ୱଂସ ହେଇ, ସମସ୍ତେ ମିଥ୍ୟାରେ ବୁଡି ଯାଉଛନ୍ତି, ଦୟାକର ଶୂନ୍ୟଦେହୀ । ସତରେ ମରିବି, ସତରେ ତରିବି ଏହି ଆଜ୍ଞା ମୋତେ ହେଉ, କହେ ଭୀମଭୋଇ ଏ ମର୍ତ୍ତ୍ୟ ମଣ୍ଡଳେ, ଯଶ କୀର୍ତ୍ତି ତୋର ଥାଉ ।' ■

# କମାଲ୍‌ଙ୍କ ଦୃଷ୍ଟିଭଙ୍ଗୀ

ମଣିଷର କୌଣସି ନା କୌଣସି ବସ୍ତୁ ବା ବ୍ୟକ୍ତି ପ୍ରତି ଅଧିକ ଆସକ୍ତି ଥାଏ । ମଣିଷର ଏହି ଆସକ୍ତିକୁ କୁହାଯାଏ 'ରାଗ' । ଠିକ୍ ସେମିତି କୌଣସି ବସ୍ତୁ ପ୍ରତି ଥିବା ଅନାଗ୍ରହକୁ ବିରାଗ ବା 'ବୈରାଗ୍ୟ' କୁହାଯାଏ । କିନ୍ତୁ 'ବିତରାଗ' ଚିତ୍ତର ଅନ୍ୟ ଏକ ସ୍ଥିତି । ରାଗ ଓ ବୈରାଗ୍ୟ ଏ ଉଭୟ କ୍ଷେତ୍ରରେ ଧନର ମୂଲ୍ୟକୁ କଳନା କରାଯାଏ । ବିତରାଗ ଚିତ୍ତର ଏମିତି ଏକ ସ୍ଥିତି, ଯେଉଁଠି ଆସକ୍ତି ବା ଅନାସକ୍ତି ନଥାଏ । ବିତରାଗ ସ୍ଥିତିର ଏକ ଉଦାହରଣ ।

କେହି କେହି କବୀର ଦାସଙ୍କୁ ଶ୍ରଦ୍ଧା ଓ ଭକ୍ତିରେ କିଛି ଭେଟି ଦେଉଥିଲେ । କବୀର ଦାସ ବୈରାଗୀ ଥିଲେ । ତେଣୁ ସେ ଭେଟି ଗ୍ରହଣ କରୁ ନଥିଲେ । କିନ୍ତୁ ତାଙ୍କ ପୁଅ କମାଲ୍ ସେହି ଭେଟିକୁ ରଖୁଥିଲେ । ଏହା କବୀରଙ୍କୁ ଭଲ ଲାଗୁ ନଥିଲା । ସେ କମାଲ୍‌ଙ୍କୁ ଅନ୍ୟତ୍ର ରହିବା ପାଇଁ ଆଦେଶ ଦେଲେ । କମାଲ୍ ମଧ୍ୟ କିଛି ଦୂରରେ କୁଡ଼ିଆଟିଏ ନିର୍ମାଣ କରି ରହିଲେ । ଦିନେ କାଶୀର ରାଜା କବୀରଙ୍କୁ ଭେଟିବା ପାଇଁ ଗଲେ । କମାଲ୍‌ଙ୍କ କଥା ବି ପଚାରିଲେ । କବୀର କହିଲେ- 'ତା'ର ଧନ ଉପରେ ଲୋଭ ବଢ଼ି ଯାଇଛି । ତେଣୁ ଅନ୍ୟ ସ୍ଥାନରେ ରହିବାକୁ କହିଛି ।' କାଶୀରାଜା ଦିନେ କମାଲ୍‌ଙ୍କ ଆଶ୍ରମକୁ ଗଲେ । ସାଥିରେ ନେଇଥିଲେ ହୀରା ପଥରଟିଏ । ତାହା କମାଲ୍‌ଙ୍କ ପାଦ ତଳେ ରଖି ପ୍ରଣାମ କଲେ । କମାଲ୍ କହିଲେ- 'ତୁମେ ଯଦି ଏହାକୁ ସାଧାରଣ ପଥର ଭାବୁଛ, ତା'ହେଲେ ରଖିଦେଇ ଯାଅ । ନହେଲେ ଅଯଥାରେ ପଥର କାହିଁକି ବୋହି ବୋହି ନେବ !' ରାଜା ଭାବିଲେ, ଏ ତ ବଡ଼ ଚାଲାକ୍ କଥା କହୁଛନ୍ତି ! ହୀରାକୁ କେହି କ'ଣ ପଥର ଭାବେ ?

କମାଲ୍ କହିଲେ- 'ଯଦି ତୁମେ ଏହାକୁ ପଥର ଭାବି ଥାଆନ୍ତ, ତା'ହେଲେ କେଉଁଠି ବି ରଖି ଥାଆନ୍ତ । ତୁମେ ଏଯାଏଁ ସାଧାରଣ ପଥର ଭାବିପାରି ନାହିଁ । ଏବେ ବି ତୁମ ଇଚ୍ଛା ତାକୁ ଯେଉଁଠି ରଖିବା କଥା ରଖିଦିଅ ।'

କାଶୀରାଜା କମାଲ୍‌ଙ୍କୁ ଜଣାଇ କୁଡ଼ିଆର ଚାଳରେ ସେହି ହୀରା ପଥରକୁ ଖୋସିଦେଇ ଫେରିଗଲେ । ଅନେକ ଦିନ ବିତିଗଲା । ରାଜା ପୁଣି ଥରେ କମାଲ୍‌ଙ୍କୁ ଭେଟିଲେ । କହିଲେ- 'ଆପଣଙ୍କୁ ମୁଁ ଥରେ ଭେଟିଥିଲି । ତା' ସହିତ ଏକ ମୂଲ୍ୟବାନ ହୀରା ସେହି କୁଡ଼ିଆ ଚାଳରେ ଖୋସିଦେଇ ଆସିଥିଲି ।'

କମାଲ୍ କହିଲେ- 'ସେ ବିଷୟ ମୁଁ ଜାଣେନାହିଁ । ତଥାପି ଦେଖିଆସ ।'

ରାଜା ଯଥା ସ୍ଥାନରେ ଦେଖନ୍ତି ତ ସେମିତି ହୀରା ପଥରଟି ଚାଳରେ ଥିଲା । କମାଲ୍ ସେ ଆଡ଼କୁ ଦୃଷ୍ଟି ଦେଇ ନଥିଲେ ।

ଏହାର ନାମ ହେଲା 'ବିତରାଗ' । 'ରାଗ' ହେଉଛି ଦ୍ରବ୍ୟ ପ୍ରତି ଆସକ୍ତି । 'ବୈରାଗ୍ୟ' ହେଉଛି, ଦ୍ରବ୍ୟକୁ ଚିହ୍ନି ତାକୁ ତ୍ୟାଗ କରିବା ଆଉ 'ବିତରାଗ' ହେଉଛି କମାଲ୍‌ଙ୍କ ଦୃଷ୍ଟିଭଙ୍ଗୀ ଭଳି । ପାଖରେ ଥାଇ ମଧ୍ୟ ନଥିଲା ପରି ରହିବା । ■

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଦେଶୀମଦ ଜବତ, ଜଣେ ଗିରଫ

**ସୋର,୩୦।୩/ଏନ୍ଏନ୍ଏସ୍:** ସୋର ଅବକାରୀ ବିଭାଗ ଶିଙ୍ଗାଖୁଣ୍ଟା ଗ୍ରାମ ଜଙ୍ଗଲରେ ଚଢ଼ଉ କରି ଗୁଡ଼ପୋଚ ନଷ୍ଟ କରିବା ସହ ଦେଶୀମଦ ଜବତ କରିଛି। ଏହାସହ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ସତ୍ୟାନନ୍ଦ ଜେନା। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଶିଙ୍ଗାଖୁଣ୍ଟା ଗ୍ରାମ୍ୟ ଜଙ୍ଗଲରେ ବେଆଇନ ଭାବେ ଗଢ଼ି ଉଠିଥିବା ମଦ ରନ୍ଧା କାରଖାନା ଉପରେ ଚଢ଼ଉ କରି ୧୧ ଶହ ଲିଟର ଗୁଡ଼ପୋଚ ନଷ୍ଟ କରିବା ସହ ୬୦ ଲିଟର ଦେଶୀମଦ ଓ ମଦ ରନ୍ଧା ସାମଗ୍ରୀକୁ ଜବତ କରିଥିଲା। ଏହି ଚଢ଼ଉରେ ଏଏସ୍ଆଇ ବସନ୍ତ କୁମାର ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ ଓ କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରଥମ ପୃଷ୍ଠାରୁ

### ପ୍ରଥମ ଦିନରେ ...

ମସିହାରେ ସମସ୍ତଙ୍କୁ ପକ୍କାଘର ଯୋଗାଇଦେଇ ଏହି ସମସ୍ୟାର ସମାଧାନ ପାଇଁ ଘୋଷଣା କରିଥିଲେ। ସେଥିପାଇଁ ପ୍ରଧାନମନ୍ତ୍ରୀ ଆବାସ ସହରୀ ଓ ଗ୍ରାମୀଣ ଆଦି ଯୋଜନା କାର୍ଯ୍ୟକାରୀ ହେଉଛି। ଏହାକୁ ଆହୁରି ଜୋରଦାର କରାଯାଇ ଓଡ଼ିଶାରେ ଆମେ ଆରମ୍ଭ କରିଛୁ ଅନ୍ତ୍ୟୋଦୟ ଗୃହ ଯୋଜନା। ଏହା ଦ୍ୱାରା ସମସ୍ତଙ୍କ ପାଇଁ ଘର ସୁନିଶ୍ଚିତ କରାଯାଇପାରିବ।

ଆଜି ପ୍ରଥମ ଦିନରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୬୦ ହଜାର ଘର ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଆଗାମୀ ୩ ବର୍ଷରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଘର ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ଚଳିତବର୍ଷ ଏହି ଯୋଜନା ପାଇଁ ୨,୬୦୦ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଥିବା ବେଳେ ଆଗାମୀ ୩ବର୍ଷରେ ଏଥିପାଇଁ ୭,୫୫୦କୋଟି ଟଙ୍କା ବିନିଯୋଗ କରାଯିବ। ସୂଚନାଯୋଗ୍ୟ, ବିଜୁ ପକ୍କା ଘର ଯୋଜନାରେ ୧୦ବର୍ଷରେ ବହୁତ କମ୍ ଘର ନିର୍ମାଣ ହୋଇଛି। ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହିତ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକୀୟ ସୁବିଧା ଦିଆଯିବ। ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟଜଳ, ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ ସଂଯୋଗ ଆଦି ଯୋଗାଇ ଦିଆଯିବ। ଜୀବନଯାପନ ପାଇଁ ସବୁ ଆବଶ୍ୟକୀୟ ସୁବିଧା ଦିଆଯିବ। କେବଳ ସେତିକି ନୁହେଁ, ଏହି ଯୋଜନାରେ ହିତାଧିକାରୀମାନଙ୍କୁ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୯୦ରୁ ୯୫ ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମିକ ଭାବରେ ପାରିଶ୍ରମିକ ସହ କାମ ଯୋଗାଇ ଦିଆଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ଯୋଜନାରେ ସମାଜରେ ସବୁଠାରୁ ଅଧିକ ଗରିବ ଓ ଅସହାୟ ଲୋକମାନେ ଉପକୃତ ହେବେ। ଭିନ୍ନକ୍ଷମ, ବିଧବା, କର୍କଟ ଭଳି ଅନ୍ୟାନ୍ୟ ଗୁରୁତର ରୋଗରେ ପୀଡ଼ିତ ପରିବାର, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ ତଥା ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟରେ ଭୀଷଣ ଭାବେ ପ୍ରଭାବିତ ହୋଇଥିବା ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର କରାଯିବ। ଏହା ସହିତ କର୍କଟ, କୁଷ୍ଠ, କିଡ୍‌ନୀ ରୋଗ, ଲିଭର୍ ସିରୋସିସ୍, ଥାଲାସେମିଆ ଅଥବା ଏଚ୍ଆଇଭି ପରି ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ପରିବାର ଏବଂ ଅନାଥ, ନିରାଶ୍ରୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୁରନ୍ତ ଗୃହ ଯୋଗାଇ ଦିଆଯିବା ସହ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ମୁକ୍ତ ଗୋତି ଶ୍ରମିକ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର କ୍ରୀଡାବିତ୍‌ମାନେ ମଧ୍ୟ ଏହି ଯୋଜନାରେ ଉପକୃତ ହୋଇପାରିବେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅଧିକ ଲୋକଙ୍କୁ ଘର ଦେବା ପାଇଁ ଏହି ଯୋଜନାରେ 'ପରିବାର' ଓ 'ପକ୍କା ଘର'ର ସଂଜ୍ଞାକୁ ମଧ୍ୟ ସରଳ କରାଯାଇଛି। ଆଜବେସଟସ୍, ଟିଣ ଓ ଟାଇଲ୍ ଛାତଘରକୁ କଞ୍ଚାଘର ରୂପେ ବିବେଚନା କରାଯାଇଛି। କେବଳ ସିମେଣ୍ଟ ଯୋଡ଼େଇ କାନ୍ଥ ସହିତ ଆର୍‌ସିସି ଛାତକୁ ପକ୍କାଘରର ମାନ୍ୟତା ପ୍ରଦାନ କରାଯାଉଛି। ପରିବାରର ସଂଜ୍ଞାକୁ ମଧ୍ୟ ସରଳ କରାଯାଇ ଯୋଜନାରେ ପରିବାରର ଅର୍ଥ ସ୍ୱାମୀ, ସ୍ତ୍ରୀ, ନିର୍ଭରଶୀଳ ପିତାମାତା ଓ ସନ୍ତାନଙ୍କୁ ବୁଝାଉଛି ବୋଲି ସେ କହିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ହୋଇଥିବା ଅଗ୍ରଗତି ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ଯୋଜନାରେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷରୁ ଅଧିକ ଘର ନିର୍ମାଣ ହୋଇସାରିଥିବା ବେଳେ ୪ ଲକ୍ଷ ଘର ନିର୍ମାଣାଧୀନ ଅଛି। ଏହା ସହିତ ଜାନୁଆରୀ ୨୪ ତାରିଖରୁ ସର୍ଭେ ଆରମ୍ଭ ହେଇ ଏଥିରେ ଆହୁରି ୨୬ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଘର ଯୋଗାଇଦେବା ପାଇଁ ତାଲିକାଭୁକ୍ତ କରାଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ପିଏମ୍ ଜନମନ ଓ ଅନ୍ୟାନ୍ୟ ସରକାରୀ ଗ୍ରାମୀଣ ଗୃହ ଯୋଜନାରେ ଯେଉଁ ହିତାଧିକାରୀମାନେ ପ୍ରଥମ କିସ୍ତି ପାଇବାର ୪ମାସ ମଧ୍ୟରେ ଘର ନିର୍ମାଣ ସମ୍ପୂର୍ଣ୍ଣ କରୁଛନ୍ତି ସେମାନଙ୍କୁ ୨୦ ହଜାର ଟଙ୍କା ଏବଂ ୬ ମାସରେ ଘର ସମ୍ପୂର୍ଣ୍ଣ କଲେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ଦିଆଯାଉଛି।

କଳାହାଣ୍ଡିର ସମୃଦ୍ଧ ଇତିହାସ, ସଂସ୍କୃତି ଓ ଉନ୍ନତ କୃଷି ପ୍ରଣାଳୀ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉତ୍କୃଷ୍ଟ କଳା ଓ ସ୍ୱଚ୍ଛ ହୃଦୟର ଅଞ୍ଚଳ ହେଉଛି କଳାହାଣ୍ଡି। କଳାହାଣ୍ଡି ଅଞ୍ଚଳବାସୀଙ୍କ ଦାବି ଅନୁଯାୟୀ ଇନ୍ଦ୍ରାବତୀ ବହୁମୁଖୀ ଜଳ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ୍‌ର କଂକ୍ରିଟ୍ ଲାଇନିଂ କାର ?ୟ ଖୁବ୍ ଶୀଘ୍ର ଶେଷହେବ। ଭବିଷ୍ୟତରେ ଆଉ ଯେପରି କେହି ଦାନ ମାଝୀ ପରି ଅବହେଳାର ଶିକାର ନ ହୁଅନ୍ତି, ସେଥିପାଇଁ ଆମ ସରକାର ୧୦୯ ଆମ୍ବୁଲାନ୍ସ ବ୍ୟବସ୍ଥା ଆରମ୍ଭ କରିଛନ୍ତି । ଆମ ସରକାର ହେଉଛି ଲୋକଙ୍କ ସରକାର। ଆଗାମୀ ଦିନରେ ସରକାର ଯିବେ ଲୋକଙ୍କ ପାଖକୁ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଭବାନୀପାଟଣାରେ ହେବ ଓ ସମ୍ବଲପୁରରେ ମଧ୍ୟ ହେବ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବର୍ଗର ୧୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲ୍ଲାରେ ୬୧୭.୫୧ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ୨୨୩.୬୬ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବା ବେଳେ ୩୯୩.୮୫ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଛି।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ, ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଜୋଶୀ ଓ କଳାହାଣ୍ଡି ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।

ଆଭାଷୀ ଜରିଆରେ ସମସ୍ତ ୩୦ ଜିଲ୍ଲାର ସଦର ମହକୁମାରୁ ସାଂସଦ, ମନ୍ତ୍ରୀ, ବିଧାୟକଗଣ, ଏବଂ ସମସ୍ତ ୩୧୪ ବ୍ଲକରୁ ପଞ୍ଚାୟତିରାଜ ସଦସ୍ୟଗଣ ଏହି କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ୍. ଏନ୍ ସ୍ୱାଗତ ଭାଷଣ ଦେଇଥିଲେ ଓ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ଧନ୍ୟବାଦ ଅର୍ପଣ କରିଥିଲେ।

### ଥାନାଧିକାରୀଙ୍କୁ ...

ସମ୍ପୃକ୍ତ ଯୁବକ ସେଠାରୁ ଗାଡ଼ିନେଇ ଫେରାର୍ ହୋଇଯାଇଥିଲେ। ଏହି ଘଟଣା ସମ୍ପର୍କରେ ଖବର ପାଇ ଜିଲ୍ଲା ପୁଲିସ ପକ୍ଷରୁ ୪ ପ୍ଲାଟୁନ୍ ଫୋର୍ସ ପୂର୍ବକୋଟରେ ପହଞ୍ଚି ଛାନ୍‌ଭିନ୍ କରିବା ସହିତ କଣ୍ଡୋର ସରପଞ୍ଚ ସାରଙ୍ଗ ପ୍ରଧାନଙ୍କ ସମେତ ପ୍ରାୟ ୧୩ଜଣଙ୍କୁ ବସ୍ତିରୁ ଉଠାଇ ଆଣିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ଘଟଣାରେ ସ୍ଥାନୀୟ ସରପଞ୍ଚ ଶ୍ରୀ ପ୍ରଧାନଙ୍କ ସମେତ ଅନ୍ୟ କିଛି ଲୋକଙ୍କୁ ଅଟକ ରଖି ପଚରାଉଚରା ଚାଲିଥିବା ଥାନାଧିକାରୀ ଶ୍ରୀ ତ୍ରିପାଠୀ କହିଛନ୍ତି।

### ପହିଲାରୁ ୫ ଯାଏ ...

ପରିମାଣ ଧିରେ ଧିରେ ବୃଦ୍ଧି ପାଇବ। ୩ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୪ରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କଳାହାଣ୍ଡି ଓ ନବରଙ୍ଗପୁରରେ ବର୍ଷା ହେବ। ୫ ତାରିଖ ବେଳକୁ ବର୍ଷାର ପରିମାଣ ବଢ଼ିବା ସହ ୯ ଜିଲ୍ଲାରେ ବର୍ଷା ହେବ। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ପୁରୀ, ଜଗତସିଂହପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ କଳାହାଣ୍ଡି ରହିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଅନ୍ୟପଟେ ଗତ ୨୪ ଘଣ୍ଟା ମଧ୍ୟରେ ୯ଟି ସ୍ଥାନରେ ୪୧ ଡିଗ୍ରୀ ଉପରେ ତାପମାତ୍ରା ରହିଥିବା ବେଳେ ୧୪ ସ୍ଥାନରେ ୪୦ ଡିଗ୍ରୀ ଉପରେ ତାପମାତ୍ରା ରହିଥିଲା। ସର୍ବାଧିକ ତାପମାତ୍ରା ସମ୍ବଲପୁରରେ ୪୨ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୭.୫ ଡିଗ୍ରୀ ରେକର୍ଡ ହୋଇଛି। ଭୁବନେଶ୍ୱରରେ ୩୮.୬ ଓ କଟକରେ ୩୭.୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଅପରପକ୍ଷେ ରବିବାର ଓ ସୋମବାର ହିଟ୍‌ୱେଭ୍ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ପାଇଁ ସମ୍ବଲପୁର, ଝାରସୁଗୁଡ଼ା, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ଅନୁଗୋଳ ଏବଂ ଢେଙ୍କାନାଳ ଜିଲାକୁ ସତର୍କ କରାଯାଇଛି। ସେହିପରି ୩୧ ତାରିଖ ସୋମବାର ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ପ୍ରବଳ ଖରା ଓ ଗୁଳୁଗୁଳି ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# 'ବର୍ଷକ ମଧ୍ୟରେ ଢେଙ୍କାନାଳରେ ମେଡିକାଲ୍ କଲେଜ୍ କାର୍ଯ୍ୟକ୍ଷମ ହେବ'

## ଚିହ୍ନଟ ୨୦ ଏକର ଜାଗାକୁ କରାଯିବ ଅଧିଗ୍ରହଣ



**ଢେଙ୍କାନାଳ,୩୦।୩/ଏନ୍ଏନ୍ଏସ୍:** ଢେଙ୍କାନାଳରେ ମେଡିକାଲ୍ କଲେଜ ହେବା ନେଇ ଗତ ଶନିବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ଏନେଇ ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଢେଙ୍କାନାଳବାସୀଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି। ଜିଲ୍ଲାରେ ମେଡିକାଲ୍ କଲେଜ ସ୍ଥାପନା ଢେଙ୍କାନାଳବାସୀଙ୍କ ବହୁଦିନର ଆଶା ଓ ଦାବି ଥିଲା। ଏହି ମେଡିକାଲ୍ କଲେଜ ବର୍ଷକ ମଧ୍ୟରେ କାର୍ଯ୍ୟକ୍ଷମ ହେବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ଚିହ୍ନଟ ୨୦ ଏକର ଜାଗାକୁ ଅଧିଗ୍ରହଣ କରାଯାଇ ଏହି ମେଡିକାଲ୍ କଲେଜ ସ୍ଥାପନ ହେବ। ତେବେ ମେଡିକାଲ୍ କଲେଜ ପାଇଁ ଆବଶ୍ୟକ ଭିତ୍ତିଭୂମି ପାଇଁ ସରକାର ଅର୍ଥ ବ୍ୟବସ୍ଥା କରିଛନ୍ତି ବୋଲି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି।

ସେହିପରି ଜିଲ୍ଲା ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ବିଜେପି ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ନଗରପାଳିକା ଜୟନ୍ତୀ ପାତ୍ର, ପୂର୍ବତନ ନଗରପାଳ ସୁନିଲ୍ ଶର୍ମା, ପୂର୍ବତନ ଜିଲ୍ଲା ସଭାପତି ପ୍ରେମାନନ୍ଦ ଜେନା, ଜିଲ୍ଲା ମିଡିଆ ପ୍ରଭାରୀ ନବକିଶୋର ଗୁରୁ, ଜିଲ୍ଲା ସାଧାରଣ ସମ୍ପାଦକ ରତିକାନ୍ତ ସାହୁ, ଜିଲ୍ଲା ଉପସଭାପତି ପବିତ୍ର ବିଶ୍ୱାଳ, ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ସନାତନ ବେହେରା, ଶିବପ୍ରସାଦ ସାହୁ, ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ମମତା ସ୍ୱାଇଁ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ପ୍ରଶାନ୍ତ ପ୍ରଧାନ, ମନ୍ତ୍ରୀଙ୍କ ପ୍ରତିନିଧି ସନ୍ତୋଷ ରାଉତ, ନିରୋଦ କୁମାର ସାହୁ, ଜ୍ଞାନରନ ନାୟକ, ସାଂସଦଙ୍କ ପ୍ରତିନିଧି ରୁଦ୍ର ନାରାୟଣ ତ୍ରିପାଠୀ, ବରିଷ୍ଠ ନେତା ପ୍ରମୋଦ ନନ୍ଦ, ହର୍ଷବର୍ଦ୍ଧନ ସିଂହଦେଓ, ଅକ୍ଷୟ ମହାନ୍ତି, ଡା. ଶାନ୍ତି ଭୂଷଣ ପଣ୍ଡା, ନଗର ମଣ୍ଡଳ ସଭାପତି ବିକାଶ କୁମାର ସାହୁ, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଦୀପକ ଗୋଛାୟତ, କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟରନ ଭୂୟାଁ ଓ ପଦ୍ମଭୂଷଣ ସାହୁ ସମେତ ବହୁ କାର୍ଯ୍ୟକର୍ତ୍ତା କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବାରିକ୍‌ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ତିହିଡ଼ି,୩୦।୩/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ଗାହାଣଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପିକା ମନୋଲି ସାମଲ ଓ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡ଼. ସୁକାନ୍ତ ଚନ୍ଦ୍ର ପାଣିଗ୍ରାହୀ ଯୋଗଦେଇ ଅଧ୍ୟାପକ ଶ୍ରୀ ବାରିକ କଲେଜରେ ଦୀର୍ଘଦିନ ଧରି ରହି ଆନ୍ତରିକତାର ସହ କାର୍ଯ୍ୟ କରି ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏଥିସହ ସେ ଜଣେ କର୍ତ୍ତବ୍ୟନିଷ୍ଠ, ସମୟାନୁବର୍ତ୍ତୀ ଓ ଛାତ୍ରବତ୍ସଳ ଅଧ୍ୟାପକ ଭାବେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ ବୋଲି ଅତିଥିବୃନ୍ଦ କହିଥିଲେ। ଏହି ଅବସରରେ ଅତିଥିମାନେ ଅଧ୍ୟାପକ ଶ୍ରୀ ବାରିକ୍‌ଙ୍କୁ ଉପଢ଼ୌକନ, ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶ୍ରୀରାମ ଦାଶ, ଦୀନବନ୍ଧୁ ମିଶ୍ର, ଦିଲ୍ଲୀପ ପତି, ବିଜୟ ପଣ୍ଡା, ରମେଶ ସାହୁ, ନିରଞ୍ଜନ ପାଢ଼ୀ, ସରୋଜ କୁମାର ବାରିକ, ରାଜେଶ କୁମାର ଦାସ, ଅଧ୍ୟାପିକା ନିରୁପମା ସାହୁ, ମନ୍ଦାକିନୀ ବଳ ଓ ମୁଖ୍ୟ କିରାଣୀ ହରେକୃଷ୍ଣ ଧନୀ ପ୍ରମୁଖ ଯୋଗଦେଇ ଅଧ୍ୟାପକ ଶ୍ରୀ ବାରିକଙ୍କ ଅବସର କଲେଜ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି କହିଥିଲେ। କଲେଜର ଶିକ୍ଷା କର୍ମଚାରୀ ବିପଦ ଭଞ୍ଜନ ପତି, ପଦ୍ମିନୀ ମହାନ୍ତି, ଦିବାକର ବୀର, ରମେଶ କୁମାର ବଳ, ପ୍ରଦୀପ କୁମାର ରାଉଳ, ଦିଲ୍ଲୀପ କୁମାର ସେଠୀ ଓ ବଂଶୀଧର ସେଠୀ ପ୍ରମୁଖଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ଜିତେନ୍ଦ୍ର କୁମାର ରାୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ




**ଧର୍ମଶାଳା,୩୦।୩/ଏନ୍ଏନ୍ଏସ୍:** ରାଜ୍ୟବ୍ୟାପି ବିଭିନ୍ନ ବ୍ଲକ୍‌ରେ ସରକରଙ୍କ ପକ୍ଷରୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟାଯାଇଛି। ଏହି ପରିପ୍ରେକ୍ଷୀରେ ଧର୍ମଶାଳା ବ୍ଲକ୍‌ର ୪୫ଟି ପଞ୍ଚାୟତର ୬୨୦ ଜଣ ହିତାଧିକାରୀଙ୍କୁ ପ୍ରଥମ ଦଫାରେ କାର୍ଯ୍ୟାଦେଶ ବଣ୍ଟାଯାଇଛି। ଏହି ଅବସରରେ ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ୯୦ଜଣ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏହି ଯୋଜନାରେ ଧର୍ମଶାଳା ବ୍ଲକ୍‌ରେ ପ୍ରଥମ ପର୍ଯ୍ୟାୟରେ ୬୭୩ ଜଣ ହିତାଧିକାରୀଙ୍କ ନାମ ଚୟନ କରାଯାଇଥିବାବେଳେ ପ୍ରଥମ ଦଫାରେ ୬୨୦ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟାଯାଇଛି। ତେବେ ବିଭିନ୍ନ ପଞ୍ଚାୟତରେ ବାଦ୍ ପଡ଼ିଯାଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଗୃହ ନିର୍ମଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ହିତାଧିକାରୀଙ୍କ ସମେତ ବିଜେପି କର୍ମୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା କାହ୍ନୁଚରଣ ଦାଶ, ଧର୍ମଶାଳା ବିକାଶ ପରିଷଦର ସଭାପତି ଶ୍ରୀକାନ୍ତ ସାହୁ, ଆଲୋକ ଲେଙ୍କା ଓ ଚନ୍ଦ୍ରମଣି ପଣ୍ଡିତ ଉପସ୍ଥିତ ଥିଲେ। ଧର୍ମଶାଳା ଅତିରିକ୍ତ ବିଡିଓ ଅଶିତ କୁମାର ପାତ୍ର, ବ୍ଲକ୍‌ର ଅନ୍ୟ କର୍ମଚାରୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ପିଇଓ ଉପସ୍ଥିତ ରହି ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ସହାୟତା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଆଲୋକ ଲେଙ୍କା, ଶ୍ରୀବତ୍ସ ଧର, ଦେବରାଜ ମିଶ୍ର, ରାଜେଶ ପାଲ ଓ ଅଭିଶେକ ରାଉତ ପ୍ରମୁଖ ସହଯୋଗ କରିଥିଲେ।



**ପଟ୍ଟାମୁଣ୍ଡାଇ:** ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ତ୍ୟୋଦୟ ଆବାସ ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ପରିପ୍ରେକ୍ଷୀରେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ଯୋଜନା ଅନ୍ତର୍ଗତ କାର୍ଯ୍ୟାଦେଶ ବଣ୍ଟାଯାଇଛି। ପଟ୍ଟାମୁଣ୍ଡାଇ ବିଡିଓ ଅଶୋକ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ବିନ୍ଦୁ ସାଗର ଦାସ, ନରସିଂହପୁର ସରପଞ୍ଚ ଦିପ୍ତିମୟୀ ପରିଡ଼ା, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ସମିତିସଭ୍ୟ ସଂଘ ସଭାପତି ଅଭୟ ସ୍ୱାଇଁ, ବ୍ଲକ୍ ସହକାରୀ ଯନ୍ତ୍ରୀ ଇଂ ବିନାୟକ ମିଶ୍ର, ଇଂ ପ୍ରସନ୍ନ ରାଉତ, ଇଂ କତୃଶେଷ ବ୍ରହ୍ମା, ସରପଞ୍ଚ ସନ୍ତୋଷ ସେଠୀ ଓ ସୁମିତ୍ରା ସାହୁ ପ୍ରମୁଖ ଯୋଗଦେଇ ଅନ୍ତ୍ୟୋଦୟ ଆବାସ ଯୋଜନା କାର୍ଯାଦେଶ ବାଣ୍ଟିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ୍‌ର ୩୧ ପଞ୍ଚାୟତର ୧୬୮ ଜଣ ହିତାଧିକାରୀଙ୍କ ମଧ୍ୟରୁ ୯୦ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟାଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଭାତ ମଲ୍ଲିକ ଓ ପ୍ରିୟରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ।

# ଅର୍ଥ ଆତ୍ମସାତ୍ ଅଭିଯୋଗରେ ଆକାଉଣ୍ଟାଣ୍ଟ୍ ଗିରଫ



**ବାଲେଶ୍ୱର,୩୦।୩/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ୍ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଅନ୍ତର୍ଗତ ଲଙ୍ଗଳେଶ୍ୱର ବଣିଆଡ଼ିହା ସେବା ସମବାୟ ସମିତିର ଜମାକାରୀଙ୍କ ଅର୍ଥ ଆତ୍ମସାତ୍ ଅଭିଯୋଗରେ ନିଲମ୍ବିତ ଆକାଉଣ୍ଟାଣ୍ଟଙ୍କୁ ବାଲେଶ୍ୱର ଭିଜିଲାନ୍ସ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ପରେ ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଆକାଉଣ୍ଟାଣ୍ଟ ସତ୍ୟରଞ୍ଜନ ଦେ ବାଲିଆପାଳ ବଣିଆଡ଼ିହା ସେବା ସମବାୟ ସମିତିରେ ବିଭିନ୍ନ ଜମାକାରୀଙ୍କ ଅର୍ଥ ଆତ୍ମସାତ୍ କରିଥିବା ନେଇ ଅଭିଯୋଗ ହୋଇଥିଲା। ପରେ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ତଦନ୍ତ ବେଳେ ନକଲି ଟଙ୍କା ଉଠାଣ ରସିଦ୍ ଜରିଆରେ ଜାଲ୍ ଦସ୍ତଖତ ପୂର୍ବକ ଜମାକାରୀଙ୍କ ୨୨,୧୮,୬୦୦ ଟଙ୍କା ଉଠାଇ ଆତ୍ମସାତ୍ କରିଥିବାର ଜଣାପଡ଼ିଥିଲା। ସେ ୨୦୧୪ରୁ ୨୦୨୩ ମସିହା ପର୍ଯ୍ୟନ୍ତ ଏପରି ବେଆଇନ କାର୍ଯ୍ୟ କରୁଥିବା ସାମ୍ନାକୁ ଆସିଛି। ଏନେଇ ଅଭିଯୋଗମୂଳେ ମୋକଦ୍ଦମା କରାଯାଇ କୋର୍ଟ ଚାଲାଣ ସହ ଅଧିକ ତଦନ୍ତ ଜାରିଥିବା ଭିଜିଲାନ୍ସ ପକ୍ଷରୁ ଏକ ପ୍ରେସ୍ ବାର୍ତ୍ତାରେ କୁହାଯାଇଛି।

# ସୋର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ

**ସୋର,୩୦।୩/ଏନ୍ଏନ୍ଏସ୍:** ସୋର କୋର୍ଟରେ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ନିରଞ୍ଜନ ଜେନା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଅଜୟ ଦ୍ୱିବେଦୀଙ୍କଠାରୁ ୨୯ ଖଣ୍ଡ ଭୋଟ୍‌ରେ ବିଜୟୀ ହୋଇ ପଞ୍ଚମଥର ପାଇଁ ସଭାପତି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଭାବେ ସଞ୍ଜୟ କୁମାର ଦ୍ୱିବେଦୀ, ଉପସଭାପତି ଭାବେ ଚନ୍ଦ୍ରଶେଖର ମହାନ୍ତି, ସହସମ୍ପାଦକ ଭାବେ ଦିଲ୍ଲୀପ କୁମାର ଦ୍ୱିବେଦୀ, ଯୁଗ୍ମସମ୍ପାଦକ ଭାବେ ଯୋଗପ୍ରଭା ପାତ୍ର, କୋଷାଧ୍ୟକ୍ଷ ଭାବେ ଧୀରେନ୍ଦ୍ର କୁମାର ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଯୋଗେଶ ଚନ୍ଦ୍ର ମହାପାତ୍ର, ଚକ୍ରଧର ବେହେରା, ନଳିନୀ ରଞ୍ଜନ ଦାସ, ଜ୍ୟୋତିଶଙ୍କର ଦାସ ଓ ଦୟାନିଧି ଓଝା ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ହେମେନ୍ଦ୍ରନାଥ ମହାନ୍ତି କାର୍ଯ୍ୟ ତୁଲାଇ ଥିବାବେଳେ ବିଜୟକୃଷ୍ଣ ମହାପାତ୍ର ତାଙ୍କୁ ସହଯୋଗ କରିଥିଲେ।

# ଅବସର ଦିନ ଚୂଡ଼ାନ୍ତ ପେନ୍‌ସନ୍ ପ୍ରଦାନ



**ଯାଜପୁର,୩୦।୩/ଏନ୍ଏନ୍ଏସ୍:** ଯାଜପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଏରବାଙ୍କ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ନିରୂପମା ତ୍ରିପାଠୀଙ୍କ ଦୀର୍ଘ ୩୦ ବର୍ଷ ଶିକ୍ଷକତା ଜୀବନର ଅନ୍ତିମ କାର୍ଯ୍ୟ ଦିବସରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପୂର୍ଣ୍ଣାଙ୍ଗ ପେନସନ୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ମଣ୍ଡଳ ଶିକ୍ଷାଧିକାରିଣୀ ଡଃ ସ୍ମୃତିରେଖା ନାୟକ ତାଙ୍କୁ ଚୂଡ଼ାନ୍ତ ପେନସନ୍ ପେପର୍ ପ୍ରଦାନ ପୂର୍ବକ ଉତ୍ତୋରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅବସର ଗ୍ରହଣ କରିଥିବା ଏହି ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ନିଷ୍ପାପର ତଥା ଉତ୍ସର୍ଗୀକୃତ ମନୋଭାବ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବାସହ ଶିକ୍ଷା ବିଭାଗର ସୁନାମ ବୃଦ୍ଧିରେ ସହାୟକ ହୋଇଛି ବୋଲି ମଣ୍ଡଳ ଶିକ୍ଷାଧିକାରିଣୀ ମତବ୍ୟକ୍ତ କରିଥିଲେ। ଏଥିରେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ଜେନା, ମନୋଜ କୁମାର ଜେନା, ବରଦା ଭୂଷଣ ମହାପାତ୍ର ଓ ବରିଷ୍ଠ ସହାୟକ ହିମାଂଶୁ କୁମାର ଦାସଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବରିଷ୍ଠ ମଣ୍ଡଳ ଶିକ୍ଷାଧିକାରିଣୀ ଡଃ ନାୟକଙ୍କ ଏପରି ସମୟୋପଯୋଗୀ ପଦକ୍ଷେପକୁ ଯାଜପୁର ଶିକ୍ଷା ମଣ୍ଡଳର ଶିକ୍ଷକ ଶିକ୍ଷୟିତ୍ରୀ ଓ ବୁଦ୍ଧିଜିବୀମାନେ ପ୍ରଶଂସା କରିଛନ୍ତି।

## ମୁଗ ବିହନ ବଣ୍ଟନରେ ଅନିୟମିତତା ପ୍ରସଙ୍ଗ

# କଂଗ୍ରେସର ଆନ୍ଦୋଳନ ଚେତାବନୀ



**ଧାମନଗର,୩୦।୩/ଏନ୍ଏନ୍ଏସ୍:** ଧାମନଗର ବ୍ଲକ୍‌ର ନଦୀଗାଁ ପଞ୍ଚାୟତରେ ମୁଗ ବିହନ ବଣ୍ଟାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି। ଭଦ୍ରକ ଜିଲ୍ଲା କଂଗ୍ରେସ ଯୁବନେତା ହରିହର ସାହୁଙ୍କ ଅଧ୍ୟକ୍ଷତାରେ ନଦୀଗାଁରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ କୁହାଯାଇଛି କି ଚଳିତ ବର୍ଷ ରବି ଋତୁରେ ସରକାରୀ ଭାବେ ନଦୀଗାଁ ପଞ୍ଚାୟତର ଚାଷୀଙ୍କ ପାଇଁ ମଞ୍ଜୁର ହୋଇଥିବା ମୁଗ ବିହନ ଆବଣ୍ଟନ କ୍ଷେତ୍ରରେ ବ୍ୟାପକ ଅନିୟମିତତା କରାଯାଇଛି। ଗ୍ରାମ କୃଷି ରକ୍ଷକ କେତେକ ରାଜନୈତିକ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହୋଇ ମନମାନିରେ ଅନେକ ଅଣଚାଷୀଙ୍କୁ ମୁଗ ବିହନ ବାଣ୍ଟିଛନ୍ତି। ଚାଷ କରୁନଥିବା ରାଜନୈତିକ କର୍ମୀ ମୁଗ ନେଇଛନ୍ତି।

ନଦୀଗାଁ ଏକ କୃଷି ବହୁଳ ଅଞ୍ଚଳ ହୋଇଥିବାରୁ ଅନେକ ଚାଷୀ ସରକାରଙ୍କ କୃଷି ବିଭାଗ ଅନୁଯାୟୀ ପଞ୍ଜିକୃତ ଅଛନ୍ତି ଏବଂ ସେମାନେ ବିରି ମୁଗ ଆଦି ଚାଷ ମଧ୍ୟ କରିଥାନ୍ତି। କିନ୍ତୁ ମନ୍ଦ ଉଦ୍ଦେଶ୍ୟ ଏବଂ ଚଞ୍ଚକତା ଯୋଗୁ ଶତାଧିକ ପ୍ରକୃତ ଚାଷୀ ଉପେକ୍ଷିତ ହୋଇ ମୁଗ ବିହନ ପାଇବାରୁ ବଞ୍ଚିତ ରହିଛନ୍ତି। ପ୍ରକୃତ ଚାଷୀଙ୍କୁ ମୁଗ ବିହନ ଯୋଗାଇଦେବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ନହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଆନନ୍ଦ ଓଝା, ଦିଲ୍ଲୀପ ପତି, ଶରତ ଶିଅଳ, ଅକ୍ଷୟ ସାହୁ, ଚକ୍ରଧର ସାହୁ, ବିଶ୍ୱନାଥ ବୈଶାଖ, କାର୍ତ୍ତିକ ମହାଳିକ, ରାଜେନ୍ଦ୍ର ବେହେରା ଓ ବିଶ୍ୱଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପଞ୍ଚାୟତ କୃଷି ଗୋରା ଚାନ୍ଦ ମାରାଣ୍ଡି କହିଛନ୍ତି ଯେ ଉକ୍ତ ପଞ୍ଚାୟତ ନିକଟରେ ଚାଷୀଙ୍କୁ ମୁଗ ବିହନ ଦିଆଯାଇଛି। ଆଉ ଅଳ୍ପ ଚାଷୀଙ୍କୁ ଖୁବ୍‌ଶୀଘ୍ର ମୁଗ ବିହନ ଯୋଗାଇ ଦିଆଯିବ ବୋଲି ଶ୍ରୀ ମାରାଣ୍ଡି କହିଛନ୍ତି।

# ଜାତୀୟ କବାଡ଼ି ଚାମ୍ପିଅନ୍‌ଶିପ୍‌ରେ ଡେଲାଙ୍ଗ ଝିଅ ରୂପାଲି



**ଡେଲାଙ୍ଗ,୩୦।୩/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ରାଧାକାନ୍ତ ବିଦ୍ୟାପୀଠର ଛାତ୍ରୀ ରୂପାଲି ପ୍ରଧାନ ୩୪ତମ ଜାତୀୟ କବାଡି ଚାମ୍ପିଅନଶିପ୍‌କୁ ମନୋନୀତ ହୋଇଛନ୍ତି। ବିହାର ରାଜ୍ୟର ଗୟା ସହରସ୍ଥିତ ଗାୟତ୍ରୀ ଦେବୀ ଗୋଇଂକା ପବ୍ଲିକ ସ୍କୁଲ ଠାରେ ଆୟୋଜିତ ଏହି ଜାତୀୟ କବାଡି ପ୍ରତିଯୋଗିତା ଚଳିତ ମାସ ୨୭ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ରୂପାଲି ଉକ୍ତ ପ୍ରତିଯୋଗିତାରେ ଓଡିଶା ଉପ କନିଷ୍ଠ ବାଳିକା ବିଭାଗରେ ସ୍ଥାନ ପାଇଥିବା ନେଇ ବିଦ୍ୟାଳୟର ଶାରିରୀକ ଶିକ୍ଷା ଶିକ୍ଷକ ନଟବର ସେଠୀ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ରୂପାଲି ଯାତ୍ରା ଆରମ୍ଭ କରିଛନ୍ତି। ରୂପାଲିଙ୍କର ଏହି କୃତିତ୍ୱ ନିମନ୍ତେ ପୁରୀ ଜିଲ୍ଲା ଆଥେଲେଟିକ ସଂଘର ସମ୍ପାଦକ ରବିନାରାୟଣ ପ୍ରତିହାରି, ବୈଷୟିକ ଅଧିକାରୀ ଭଗବାନ ପ୍ରସାଦ ଦାଶ, ଜୟନ୍ତ ରାୟ, ପୁରୁଷୋତ୍ତମ ମୁଦୁଲି, ସୁବାସ ବେହେରା, ବଂଶୀଧର ମହାପାତ୍ର, ଗିରିଜା ପ୍ରସାଦ ଗଡନାୟକ, ଲକ୍ଷ୍ମୀନାରାୟଣ ଜେନା, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ଭୋଇ, କୋଚ୍ ସମ୍ବିତ ବିଶ୍ୱାଳ, ସୌଭାଗ୍ୟ ରଞ୍ଜନ ପ୍ରଧାନ, ପ୍ରଭାତ କ୍ଲବର ସମ୍ପାଦକ ପଦ୍ମନାଭ ବରାଳ, ପ୍ରଭାତ କୁମାର ଜେନା ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଡେଲାଙ୍ଗର କ୍ରୀଡାବିତ୍ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି।

# ୩୨ ହିତାଧିକାରୀଙ୍କୁ ଗୃହନିର୍ମାଣ କାର୍ଯ୍ୟାଦେଶ



**ନିଶ୍ଚିନ୍ତକୋଇଲି,୩୦।୩/ଏନ୍‌ଏନ୍‌ଏସ୍:** ଆଜି ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ଅନ୍ତ୍ୟୋଦ୍ୟ ଗୃହ ଯୋଜନାର ଶୁଭାରମ୍ଭ କରାଯାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ କଳାହାଣ୍ଡିଠାରେ ଅଭାସୀ ମାଧ୍ୟରେ ଅନ୍ତ୍ୟୋଦ୍ୟ ଗୃହ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ପରୀପ୍ରେକ୍ଷୀରେ ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ୪୧ଗୋଟି ପଞ୍ଚାୟତର ୩୨ ଜଣ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଗୃହ ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ପ୍ରଥମେ ବିଧାୟକ ଶ୍ରୀ ପ୍ରଧାନ ବ୍ଲକ ପରିସରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କଲାପରେ ସଭାସ୍ଥଳକୁ ଆସି ମହାପ୍ରଭୁ ଜଗନ୍ନାଥଙ୍କର ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ସଭାରେ ନିଶ୍ଚିନ୍ତକୋଇଲି ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିବେନ୍ଦୁ ଦାସଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇଥିଲେ। ବିଧାୟକଙ୍କର ଅଭିଭାଷଣରେ ସଭା ମଞ୍ଚ ପ୍ରକମ୍ପିତ ହୋଇଉଠିଥିଲା। ବିଗତ ଦିନରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ହୋଇଥିବା ଦୁର୍ନୀତିର ପୁନରାବୃତ୍ତି ବର୍ତ୍ତମାନ ନକରିବା ପାଇଁ ଦଳ ବଳ ନିର୍ବିଶେଷରେ ପ୍ରତି ଗରିବ ପରିବାରକୁ ଛାତ ଘର ଯୋଗାଇ ଦେବା ପାଇଁ ପ୍ରଶାସନକୁ ତାଗିଦ କରିଥିଲେ। ଜିଲ୍ଲା କାର୍ଯ୍ୟାଳୟକୁ ଏହି ବ୍ଲକରୁ ଅନ୍ତ୍ୟୋଦ୍ୟ ଗୃହ ପାଇଁ ୬୧୫ଟି ନାମ ସୁପାରିଶ ହୋଇଥିଲା ବେଳେ ଆଜି ସୁଦ୍ଧା ୮୨୦ଜଣ ହିତାଧିକାରୀ ଅନ୍ ଲାଇନରେ ନାମ ପଞ୍ଜିକରଣ କରିଥିବା ଜଣାଯାଇଛି। ଏହି ଯୋଜନାର ପ୍ରତ୍ୟେକ ହିତାଧିକାରୀଙ୍କୁ ୧ଲକ୍ଷ ୨୦ହଜାର ଟଙ୍କା ଗୃହ ନିର୍ମାଣ ପାଇଁ ପ୍ରୋତ୍ସାହନ ରାଶିର ସୁବିଧା ରହିଛି। ବିଧାୟକ ଶ୍ରୀ ପ୍ରଧାନ ଅଭିଭାଷଣରେ କହିଥିଲେ ଯେ ଏହି ଯୋଜନାରେ ସମାଜରେ ସବୁଠାରୁ ଅଧିକ ଗରିବ ଓ ଅସହାୟ ବ୍ୟକ୍ତି ଉପକୃତ ହେବେ। ପାଖାପାଖି ନିଶ୍ଚିନ୍ତକୋଇଲି ବ୍ଲକରେ ୨ହଜାରରୁ ଉର୍ଦ୍ଧ୍ୱ ପରିବାର ଏହି ଗୃହ ଯୋଜନାରେ ସାମିଲ ହେବା ପାଇଁ ବିଧାୟକ ନିଜର ମତ ପ୍ରଦାନ କରିଥିଲେ। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ୟ ହିତାଧିକାରୀଙ୍କୁ ଗୃହ ଦେବାର ବ୍ୟବସ୍ଥା କରାଯାଇଛି। ବିଗତ ଦିନରେ ପୂର୍ବ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ଦଳୀୟ ଭିତ୍ତିରେ ଗୃହ ପ୍ରଦାନ କରିଥିବାରୁ ବହୁ ହିତାଧିକାରୀ ଯୋଜନାରେ ସାମିଲ ହେବାରୁ ବାଦ୍ ପଡ଼ିଥିଲେ। ବିକାଶ ସାଥିରେ ସାମିଲ ହେଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ବିଧାୟକ ପୁନର୍ବାର କହିଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ରୋଜି ସେଠୀ ଯୋଗଦେଇଥିଲା ବେଳେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତଥିଲେ। ଏବିଡିଓ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ତିଗିରିଆ,୩୦।୩/ଏନ୍‌ଏନ୍‌ଏସ୍:** ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଶୈକ୍ଷିକ ଓ ଅଣଶୈକ୍ଷିକ କୃତୀମାନଙ୍କୁ ସମ୍ମାନିତ କରି ସେମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଯୋଗାଇବା ହେଉଛି ବିଦ୍ୟାଳୟସ୍ତରରେ ଅନୁଷ୍ଠିତ ହେଉଥିବା ବାର୍ଷିକ ଉତ୍ସବର ମୂଳ ଲକ୍ଷ୍ୟ ବୋଲି ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଞ୍ଚଗାଁ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୋମପଡ଼ାଠାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକ ଶିକ୍ଷାଧିକାରୀ ସିନ୍ ଗୋ ହାଁସଦା ପ୍ରକାଶ କରିଛନ୍ତି। ସାଧନକେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପରିଚାଳନା କମିଟି ଅଧକ୍ଷ ଅମରେଶ ମିଶ୍ର ସଭାପତିତ୍ୱ କରିଥିବାବେଳେ ସହଶିକ୍ଷାଧିକାରିଣୀ ସଂଯୁକ୍ତା ଚୌଧୁରୀ, ପ୍ରଧାନଶିକ୍ଷକ ଅବିନାଶ ଦାଶ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଛନ୍ତି। ପରେ ଅତିଥିମାନଙ୍କ ଦ୍ୱାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ସୋମପାଦା ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ଅମୁଲ୍ୟ କୁମାର ସାହୁଙ୍କ ତତ୍ତ୍ୱାବଧାନ ଓ ପରିଚାଳନା କମିଟି ଅଧକ୍ଷ ଜୁନା ଗଣ୍ଡିଆଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶ୍ରୀମତୀ ହାଁସଦା ଓ ସଂଯୋଜକ ଶ୍ରୀ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହିତ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଦୁଇଟିଯାକ ବିଦ୍ୟାଳୟରେ ସମାନଢଙ୍ଗରେ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ବିଦ୍ୟାଳୟ ପକ୍ଷରୁ ଦିଆଯାଇଥିଲା। ସେହିଭଳି କଲିବିର ଉପ୍ରା ବିଦ୍ୟାଳୟରେ ସାଧାନକେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ଗୋଛିଙ୍କ ସଂଯୋଜନା ଏବଂ ମୁଖ୍ୟଅତିଥି ଭାବେ ବ୍ଲକ ସାଧାନକେନ୍ଦ୍ର ସଂଯୋଜକ ମାଧବ ଚନ୍ଦ୍ର ଦେଉରୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ।

# ଶ୍ରୀଜଗନ୍ନାଥ ମହୋତ୍ସବରେ 'ଜାଗ୍ରତ ଶ୍ରୀଜଗନ୍ନାଥ' ଉନ୍ମୋଚିତ



**କଣ୍ଟାପଡ଼ା,୩୦।୩/ଏନ୍‌ଏନ୍‌ଏସ୍:** କୁରାଙ୍ଗଶାସନ ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ଅନୁଷ୍ଠିତ ହେଉଥିବା ଶ୍ରୀଜଗନ୍ନାଥ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମହୋତ୍ସବ କମିଟି ତରଫରୁ ପ୍ରସ୍ତୁତ କରାଯାଇଥିବା ଶ୍ରୀଜଗନ୍ନାଥ ବିଶେଷାଙ୍କ 'ଜାଗ୍ରତ ଶ୍ରୀଜଗନ୍ନାଥ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ମହୋତ୍ସବ କମିଟି ର ଉପଦେଷ୍ଟା ତଥା ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀଙ୍କ ସମ୍ପାଦନା ରେ ପ୍ରସ୍ତୁତ ହୋଇଥିବା ଏହି ବିଶେଷାଙ୍କକୁ ମା' ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ସେବାୟତ ବିଶ୍ୱନାଥ, ସାମନ୍ତରାୟ, ବାବାଜୀ ଅମୃତାନନ୍ଦ ଦାସ ମହାରାଜ, ବାବା ହଂସନାଥ ସାହୁ, ସମାଜସେବୀ ଅଶ୍ୱିନୀ କୁମାର ମହାପାତ୍ର, ବିଜେପି ନେତା ଅଶୋକ କୁମାର ରଥ, ଆଇନଜୀବୀ କବି ନାରାୟଣ ଜେନା, ମହୋତ୍ସବ କମିଟିର କାର୍ଯ୍ୟକାରୀ ଅଧକ୍ଷ କଳ୍ପତରୁ ଖୁଣ୍ଟିଆ, ପଣ୍ଡିତ ଅଜୟ କୁମାର ପତି, ଉମାକାନ୍ତ କର ପ୍ରମୁଖ ଉପସ୍ଥିତ ରହି ଉନ୍ମୋଚନ କରିଥିଲେ। ଉକ୍ତ ବିଶେଷାଙ୍କରେ ଓଡ଼ିଶାର ବହୁ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ପଣ୍ଡିତ, ବିଦ୍ୱାନ ଲେଖକମାନଙ୍କର ବହୁ ମୂଲ୍ୟବାନ ଲେଖା ସନ୍ନିବେଷିତ ଅଛି ଏବଂ ଏହାକୁ ସମସ୍ତେ ସାଇତି ରଖିବା ଉଚିତ ବୋଲି ସମ୍ପାଦକ ଶ୍ରୀସନ୍ନ୍ୟାସୀଜୀ ନିଜ ବକ୍ତବ୍ୟରେ କହିଥିଲେ। ପରେ ସମ୍ବର୍ଦ୍ଧନା ସଭାରେ ଓଡ଼ିଶା ମାନବାଧିକାର ଆୟୋଗର ସଦସ୍ୟ ଅସିତ ଅମିତାଭ ଦାସ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଜଗନ୍ନାଥ ମହାପାତ୍ର, ବିଜେପି ରାଜ୍ୟ ପ୍ରବକ୍ତା ଲକ୍ଷ୍ମଣ ପଣ୍ଡା, ଅଭିନେତା ସମୀର ତ୍ରିପାଠୀ, ଚିକିତ୍ସକ ଚିତ୍ତରଞ୍ଜନ ମିଶ୍ରଙ୍କ ସମେତ ବହୁ ପ୍ରତିଭାଙ୍କୁ ଶ୍ରୀଜଗନ୍ନାଥଙ୍କ ପଟ୍ଟଚିତ୍ର ସହ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିପିନ ବେହେରା ଏବଂ ଅରୁଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାହିତ୍ୟିକ ବିଜୟରାମ ବେଉରାଙ୍କୁ ସମ୍ବର୍ଦ୍ଧନା



**ଫୁଲନଖରା,୩୦।୩/ଏନ୍‌ଏନ୍‌ଏସ୍:** ବରିଷ୍ଠ ସାହିତ୍ୟିକ, ସମାଜସେବୀ ତଥା ଶିକ୍ଷାବିତ୍ ବିଜୟ ରାମ ବେଉରାଙ୍କୁ ଶିକ୍ଷାଦାନ ସେବା,ସାହିତ୍ୟ ସଂସ୍କୃତିର ବିକାଶ, ସମାଜସେବା ଆଦି ବିଭିନ୍ନ ଦିଗରେ ଉଲ୍ଲେଖନୀୟ କୃତିତ୍ୱ ନେଇ ସାଂସ୍କୃତିକ ସଂଗଠନ ଆରାଧ୍ୟା କଲଚରାଲ୍ ଏକାଡ଼େମୀ ଫୁଲନଖରା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୂଚନାଯୋଗ୍ୟ ବରାଳ ୪୨ ମୌଜା ନିବାସୀ ଧର୍ମପ୍ରାଣ ମହାନ୍ ବ୍ୟକ୍ତିତ୍ୱ ଶିକ୍ଷାବିତ୍ ଶ୍ରୀ ବେଉରା ବାଲୁଙ୍କେଶ୍ୱର ବିଦ୍ୟାପୀଠ ଦେଉଳିରୁ ଶିକ୍ଷାଦାନ ସେବାରେ ଅବସର ଗ୍ରହଣ ପରେ ଅଧୁନା ଅତିଥି ଶିକ୍ଷକ ଭାବେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସିଦ୍ଧେଶ୍ୱରପୁରଠାରେ ଶିକ୍ଷାଦାନ ସେବାରେ ସମର୍ପିତ ହେବା ସହ ଉତ୍କଳ ୟୁଥ୍ ଟ୍ରଷ୍ଟ ବାଙ୍ଗାଲୋର, ପ୍ରବାସୀ ଓଡିଆ ସାହିତ୍ୟ ସଂସଦ ମୁମ୍ବାଇ, ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ, ଉତ୍କଳ ସେବା ସଂଘ ନୋଇଡା, ନେତାଜୀ ସୁଭାଷ ସ୍ମୃତି ପରିଷଦ ବରାଳ ୪୨ ମୌଜା, ସରସ୍ୱତୀ କଳା ପରିଷଦ କନ୍ଦରପୁର, କିଶନନଗର ଶିଶୁ ମଙ୍ଗଳ କ୍ଲବ୍, ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧାନେ, ଆରାଧ୍ୟା ଚାରିଟେବୁଲ୍ ଟ୍ରଷ୍ଟ ଫୁଲନଖରା ସହ କଟକ ସଦର ଓ ସହର ଆଦି ବିଭିନ୍ନ ସଙ୍ଗଠନର ଉପଦେଷ୍ଟା ଭାବେ ବହୁବିଧ ସେବା, ସମାଜ ସଂସ୍କାର, ଧାର୍ମିକ ଆଧ୍ୟାତ୍ମିକ କାର୍ଯ୍ୟରେ ଯୋଗଦାନ ଓ ସାହିତ୍ୟ ସେବାରେ ସାଧନାରତ ଜଣେ ସାରସ୍ୱତ ସାଧକ ଭାବେ ପରିଚିତ ବ୍ୟକ୍ତିତ୍ୱ। ତାଙ୍କ ଧର୍ମପତ୍ନୀ ଯୋଗମାୟା ବେଉରା ମଧ ଜଣେ ଆଦର୍ଶ ନାରୀ ପ୍ରତିଭା,ମିଷ୍ଟଭାଷୀ, ଧର୍ମପ୍ରାଣା ଅଟନ୍ତି।

# ପ୍ରଭାତ ମେମୋରିଆଲ୍ କ୍ରିକେଟ୍: ଯଦୁପୁରୁ ଚାମ୍ପିଅନ୍




**ମୁଣ୍ଡମୁହାଣ,୩୦।୩/ଏନ୍‌ଏନ୍‌ଏସ୍:** ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଚାଲିଥିବା ପ୍ରଭାତ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ଣାମେଣ୍ଟ ଆଜିର ଫାଇନାଲ ମ୍ୟାଚ୍‌ରେ ଗଙ୍ଗପଡ଼ାକୁ ପରାସ୍ତ କରି ଯଦୁପୁରୁ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ପ୍ରଥମେ ଗଙ୍ଗପଡ଼ା ଟସ୍ ଜିତି ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ପକ୍ଷରୁ ଶୁଭେନ୍ଦୁ ପ୍ରଧାନ ୨୭ ବଲ୍ ରେ ୪୧ ରନ୍, ରୋଶନ କୁମାର ଶେନାପତି ୧୪ ବଲ୍‌ରେ ୩୨ ରନ୍ ଏବଂ ମହେଶ୍ୱର ସେନାପତି ୨୩ ବଲ୍‌ରେ ୩୫ରନ୍ ବଲରେ ୨୦ଓଭର୍‌ରେ ୯ ୱିକେଟ୍ ହରାଇ ୧୯୧ ରନ୍‌ର ବିଶାଳ ସ୍କୋର କରିଥିଲା। ୧୯୨ ରନ୍ ବିଜୟ ଲକ୍ଷ୍ୟର ପିଛା କରିଥିବା ଯଦୁପୁରୁ ଦଳ ୧୭.୫ ଓଭର୍‌ରେ ୯ ୱିକେଟ୍ ହରାଇ ୧୯୨ରନ୍ କରି ଦଳ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଜିତେନ୍ଦ୍ର କୁମାର ଦାସ ୩୪ ବଲ୍‌ରେ ୬୮ରନ୍ ଏବଂ ବିକାଶ ରାଉତ ୪୪ବଲ୍‌ରେ ୫୫ରନ୍ ସଂଗ୍ରହ କରି ବେଷ୍ଟ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ଆଶିଷ କୁମାର ପଟ୍ଟନାୟକ। ଆଜିର ଅତିଥି ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ସମାଜସେବୀ ବିରଜା ପ୍ରସାଦ ସାମନ୍ତରାୟ ଏବଂ ପ୍ରଭାତ କୁମାର ବେହେରା, ସର୍ବଶେଷରେ କ୍ଲବ୍ ର ସଦସ୍ୟ କମଳାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

**ଖଣ୍ଡପଡ଼ା,୩୦।୩/ଏନ୍‌ଏନ୍‌ଏସ୍:** ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଶିକ୍ଷୟତ୍ରୀ ସଂଜୁବାଳା ନାଥ ଓ ଅନୁସୂୟା ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ବିବେଚିତ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

ଏ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ମୁଖ୍ୟ ବକ୍ତା ଭାବେ ଖଣ୍ଡପଡା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ସୁପରଭାଇଜର ଶରତ କୁମାର ସାହୁ, ବିଦ୍ୟାଳୟ ପଞ୍ଚସଖା ଶିକ୍ଷାସେତୁର ସଭାପତି ତଥା ଶିଶୁକବି କାଶୀନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ରୋଜାଲିନ ପରମଗୁରୁ, ବରିଷ୍ଠ ଶିକ୍ଷୟତ୍ରୀ ଗୀତାଞ୍ଜଳି ସେଠୀ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରଧାନଶିକ୍ଷୟତ୍ରୀ ଲିପ୍ସା ନନ୍ଦ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପିଏମଶ୍ରୀ ଯୋଜନା ଅନୁଦାନ ଅର୍ଥରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଥିବାବେଳେ ପରିଚାଳନାରେ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ପରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବେଗୁନିଆପଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଡେଲାଙ୍ଗ,୩୦।୩/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ବ୍ଲକର ସରକାରୀ ଗଡ ବେଗୁନିଆପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାବେଶରେ ବ୍ଲକ ଶିକ୍ଷାଧିକାରୀ ଶତଘ୍ନ ବେହେରା, ଗାଦିବ୍ରହ୍ମ ମହାବିଦ୍ୟାଳୟର ଅଧକ୍ଷ ଡ. ସରୋଜ କୁମାର ପଣ୍ଡା, ଶିକ୍ଷକ ଉମେଶଚନ୍ଦ୍ର ଦାଶ, ପ୍ରାକ୍ତନ ଏବିଇଓ ଶ୍ୟାମସୁନ୍ଦର ଦାସ, ସ୍ଥାନୀୟ ସରପଞ୍ଚ ପ୍ରତିମା ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିମନ୍ୟୁ ପରିଡା ପ୍ରମୁଖ ଯୋଗଦେଇ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସିଂହ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଦିନେଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆମ ସଂସ୍କୃତି ଆମ ଖେଳନାରେ କତିତ୍ୱ ଅର୍ଜନ କରିଥିବା ସମାପ୍ତି ୧ ଅନୁସାରେ ପ୍ରତି ଶ୍ରେଣୀର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରଶଂସାପତ୍ର ସହିତ କପ୍ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଶେଷରେ କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ସୁଚିତ୍ରା ପରିଡାଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଅଭିଭାବକ ସୁନିତା ମହାପାତ୍ର, ବାସନ୍ତୀ ବେହେରା ପ୍ରମୁଖ ୧୫ଜଣ ଅଭିବାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଷୟା ମାଝି, ଚିନ୍ମୟ କୁମାର ପ୍ରଧାନ, ରୁନୁବାଳା ମହାପାତ୍ର, ପାର୍ବତୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠଶ୍ରେଣୀ ଖୋଲିବାକୁ ଦାବି

**ଶରଣକୁଳ,୩୦।୩/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ବଡ଼ପୁଟ ସରକାରୀ ପ୍ରାଥମିକ ବିଦ୍ୟାଳୟର ଷଷ୍ଠଶ୍ରେଣୀ ଖୋଲିବା ପାଇଁ ପଞ୍ଚମଶ୍ରେଣୀ ଛାତ୍ରଛାତ୍ରୀ ତଥା ସେମାନଙ୍କ ଅଭିଭାବକମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଛୋଟ ଛୋଟ ପିଲାମାନେ ଷଷ୍ଠଶ୍ରେଣୀରେ ପଢ଼ିବା ପାଇଁ ହେଲେ ପ୍ରାୟ ଦୁଇକିଲୋମିଟର ଯିବାକୁ ପଡୁଛି। ସବୁଠାରୁ ବିପଦପୂର୍ଣ୍ଣ କଥା ହେଲା ନୟାଗଡ଼ ଭଞ୍ଜନଗର ୨୧ନମ୍ବର ରାଜ୍ୟ ରାଜପଥ ଅତିକ୍ରମକରି ଯିବାକୁ ପଡୁଛି। ପ୍ରତିବର୍ଷ ଛାତ୍ରଛାତ୍ରୀ ତଥା ଛାତ୍ରାଭିଭାବକମାନେ ଅଭିଯୋଗ କରୁଥିଲେ ମଧ୍ୟ କେବଳ ସାନ୍ତ୍ୱନାମୂଳକ ବାଣୀ ଶୁଣିଶୁଣି ନିରାଶ ହେବାକୁ ପଡୁଛି। ତେଣୁ ଚଳିତବର୍ଷ ଯଦି ଆମ୍ଭ ବିଦ୍ୟାଳୟରେ ଷଷ୍ଠଶ୍ରେଣୀ ଖୋଲା ନଯାଏ ତେବେ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିତ୍ୟାଗ ନ କରିବା ପାଇଁ ଜିଦ୍‌ଧରି ବସିବା ସହିତ ଅଭିଭାବକମାନେ ଭବିଷ୍ୟତରେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି। ତତ୍‌ସହିତ ପ୍ରଧାନ ଶିକ୍ଷକଙ୍କ ଜରିଆରେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ପାଇଁ ଅନୁରୋଧ କରିଛନ୍ତି। ଯଦି ଏହା ନହୁଏ ତେବେ ଭବିଷ୍ୟତରେ ଛାତ୍ରଛାତ୍ରୀମାନଙ୍କର ସୁବିଧା ଅସୁବିଧା ପାଇଁ ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ମାନେ ଦାୟୀ ରହିବେବୋଲି ଅବଗତ କରାଇଛନ୍ତି।

# ଡକାୟତି ଘଟଣାରେ ୩ ଗିରଫ

**ସାଲେପୁର,୩୦।୩/ଏନ୍‌ଏନ୍‌ଏସ୍:** ବହୁ ଚର୍ଚ୍ଚିତ ଜାହାଙ୍ଗିରାବାଦ୍ ଡକାୟତି ଘଟଣାରେ ସାଲେପୁର ପୁଲିସ ତିନିଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଗତ ୨୪ତାରିଖ ବିଳମ୍ବିତ ରାତିରେ ସାଲେପୁର ଥାନା ଅନ୍ତର୍ଗତ ସୌରୀ ପଞ୍ଚାୟତ ଜାହାଙ୍ଗିରାବାଦ ଗ୍ରାମର ବିଜୟ ମହାନ୍ତିଙ୍କ ଘରର ସିଡ଼ିଘର ବାଟେ ଡକାୟତମାନେ ପ୍ରବେଶକରି ଶ୍ରୀ ମହାନ୍ତି ଓ ତାଙ୍କ ପତ୍ନୀଙ୍କ ହାତଗୋଡ଼ ବାନ୍ଧି ଓ ଝିଅ ମୁଣ୍ଡରେ ବନ୍ଧୁକ ଲଗାଇ ଲକ୍ଷ ଲକ୍ଷ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ସାଲେପୁର ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତକରି ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗରେ ଭଦରେଶ୍ୱର ଥାନା ଅନ୍ତର୍ଗତ ଛୋଟ ରାମକାପୁର ଗ୍ରାମର ଏସ୍‌କେ ଜାବୁଲା, ସାଲେପୁର ଥାନା ଅନ୍ତର୍ଗତ ଅଲ୍ଲିପୁର ଗ୍ରାମର ସରୋଜ ଖଟେଇ ଓ କାନପୁର ଗ୍ରାମର ମିର ମେହେମୁଦ ଅଲ୍ଲିକୁ ଗିରଫ କରିବା ସହିତ ସେମାନଙ୍କ ପାଖରୁ ଗୋଟିଏ ପିସ୍ତଲ ଓ ଗୋଟିଏ ମଙ୍ଗଳସୂତ୍ର ଜବତ କରିବା ସହ ତିନିଜଣଙ୍କୁ କୋର୍ଟଚାଲାଣ କରିଥିବା ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Derabish, Kendrapara ; I Jayashree Paramguru W/o Biswa Mohan Mohapatra resident of Vill- Darkhapatna, PO- Kalyaninagar, PS- Madhupatna, Dist - Cuttack hereby declare that in the Passport of my son Sarthak Mohapatra vide No. N8586584, vide date of issue 30/08/2016 & File No. BH1069599174716 my name has wrongly been recorded as Jayashree Paramaguru instead of my real & correct name Jayashree Paramguru. That, now I want to rectify such error & record my name as Jayashree Paramguru in the above mentioned Passport of my son Sarthak Mohapatra. This affidavit is to be produced before the concerned Passport Issuing Authority for necessary correction.

# ଗୁରୁକୁଳ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା: ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର




**ସାକ୍ଷୀଗୋପାଳ,୩୦।୩/ଏନ୍‌ଏନ୍‌ଏସ୍:** ଗୁରୁକୁଳ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ଓଡ଼ିଶୀ ସଙ୍ଗୀତ ଗାୟନରୁ ଆରମ୍ଭ ହୋଇ ଲୋକନୃତ୍ୟରେ ଶେଷ ହୋଇଥିଲା। ଏହି ସନ୍ଧ୍ୟାକୁ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ ଅତିଥି ବୃନ୍ଦ ଅସୀମ କୁମାର ବେହେରା, ବିଶିଷ୍ଟ ନୃତ୍ୟ ଗୁରୁ ଚିତ୍ରାନନ୍ଦ ସ୍ୱାଇଁ, ତବଲା ଗୁରୁ ଅଜୟ ଚୌଧୁରୀ, ଗୁରୁ ନିମକାନ୍ତ ରାଉତରାୟ, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ହିମାଂଶୁ ଶେଖର ସ୍ୱାଇଁ। ପ୍ରଥମ ପ୍ରସ୍ତୁତି ରେ ଗୁରୁକୁଳ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ବେଶ୍ ମନ ମୁଗ୍ଧକର ଥିଲା। ପରେ ଓଡିଶୀ କଣ୍ଠ ସଙ୍ଗୀତରେ ଗୁରୁ ଶ୍ରୀ ଅଚ୍ୟୁତ ମହାରଣା ରାଗ କିରୱାଣି ପରିବେଷଣ କରି ଶ୍ରୋତା ଙ୍କ ମନ ମୋହିଥିଲେ। ତା'ପରେ ଓଡ଼ିଶୀ ମର୍ଦ୍ଦଳ ବାଦନ ରେ ତାଳ - ଆଦିତାଳ ପରିବେଷଣ କରିଥିଲେ ଡକ୍ଟର ବିଭୂତି ଭୂଷଣ ଚମ୍ପତି। ଗୁରୁ ଶ୍ରୀ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ନୃତ୍ୟ ସଂଯୋଜନାରେ ରୁଦ୍ରାକ୍ଷ ଅନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ ପରିବେଷଣ କରିଥଲେ 'ସମୁଦ୍ର ମନ୍ଥନ'। ଶେଷ ପ୍ରସ୍ତୁତିରେ ଥିଲା ଗୁରୁ ନିରଞ୍ଜନ ରାଉତଙ୍କ ନୃତ୍ୟ ସଂଯୋଜନା ରେ ଲୋକନୃତ୍ୟ। ଉପସ୍ଥିତ ଦର୍ଶକ ପ୍ରତ୍ୟେକ କାର୍ଯ୍ୟକ୍ରମ କୁ ମନଭରି ଉପଭୋଗ କରିଥିଲେ। ଗୁରୁକୁଳର ପ୍ରତିଷ୍ଠାତା ଗୁରୁ ରାମହରି ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

C-2035

Government of Odisha

**OFFICE OF THE NOTIFIED AREA COUNCIL, KODALA**
Odisha, Pin -761032, e-Mail: - nackodala@gmail.com

Lt. No. 599 / Dev / 2025 — **e- NOTICE** — Dated:- 28/03/2025

**BID IDENTIFICATION No.KOD-NAC-06/2025-26**

The Executive Officer, NAC, Kodala, on behalf of Governor of Odisha invites for bidders of eligible class registered with the State Govt. and bidders of equivalent grade/ class registered with central Govt./ MES/Railways according to norm of e-procurement system in online mode for the work as per DTCN.

| | | |
|---|---|---|
| 1. Name of the Work | :- | Civil Works |
| 2. Number of Work | :- | 12 Nos. |
| 3. Estimated cost | :- | As per DTCN |
| 4. Period of Completion | :- | As per DTCN |
| 5. Date and Time of availability of Bid Document in the Portal | :- | From 10.00AM of Dt. 02/04/2025 to 5.00PM of Dt. 16/04/2025 |
| 6. Last date and time for receipt of Bid in the Portal | :- | 5.00PM of Dt. 16/04/2025 |

7. The bid received online shall be opened on 11.00 AM of dtd. 17/04/2025
8. Name and Address of the Officer inviting Bid: Executive Officer, NAC, Kodala.

Further details can be seen from the Procurement Portal: www.tendersorissa.gov.in

Executive Officer,
Kodala NAC

OIPR-13203/11/0037/2425

# ଓଡ଼ିଆଙ୍କୁ ପ୍ରଭାବିତକରେ କାଳଜୟୀ କବିତା 'ଉଠ କଙ୍କାଳ'



**ଭୁବନେଶ୍ୱର,୩୦।୩/ଏନ୍‌ଏନ୍‌ଏସ୍:** ଓଡ଼ିଆ ଅସ୍ମିତା ଭିତ୍ତିକ କବିତା ଯାହା ପ୍ରତ୍ୟେକଟି ଓଡ଼ିଆମାନଙ୍କୁ ପ୍ରଭାବିତ କରେ ଓ ଉଲ୍ଲସିତ କରିଥାଏ, ତାହା ହେଉଛି ପଣ୍ଡିତ ଗୋଦାବରୀଶ ମହାପାତ୍ରଙ୍କ କାଳଜୟୀ କବିତା ଉଠ କଙ୍କାଳ। ପଣ୍ଡିତ ଗୋଦାବରୀଶ ମହାପାତ୍ର ଏକାଧାରରେ ଜଣେ କବି, ସାହିତ୍ୟିକ ଓ ସାମ୍ବାଦିକ ଥିଲେ। ତାଙ୍କର ବହୁ କାଳଜୟୀ କବିତା ମଧ୍ୟରୁ ଉଠ କଙ୍କାଳ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର କବିତା ଉଠରେ ଉଠରେ ଉତ୍କଳ ସନ୍ତାନ ଉଠିବୁ ତୁ କେତେ ଦିନ ପ୍ରତିଟି ଓଡ଼ିଆଙ୍କ ପାଇଁ ପ୍ରେରଣା ପ୍ରଦାୟୀ। ଏପ୍ରିଲ ୧ ଉତ୍କଳ ଦିବସକୁ ଆଖି ଆଗରେ ରଖି ଓଡ଼ିଶାର ଲୋକକଳା, ସଂସ୍କୃତି, ଐତିହ ପରମ୍ପରା ଭିତ୍ତିକ ସଙ୍ଗୀତ ଗାଇ ଓଡ଼ିଶାର ପୁରପଲ୍ଲୀରେ ବେଶ୍ ଲୋକପ୍ରିୟ ସୃଷ୍ଟି କରିପାରିଥିବା କଣ୍ଠଶିଳ୍ପୀ ଡା. ଜୟଶ୍ରୀ ଧଳଙ୍କ କଣ୍ଠରେ ରିଲିଜ ହୋଇଯାଇଛି ସଙ୍ଗୀତ ଉଠ କଙ୍କାଳ।

ପଣ୍ଡିତ ଗୋଦାବରୀଶ ମହାପାତ୍ର ଓ ଉତ୍କଳ ଗୌରବ ମଧୁସୂଦନଙ୍କ ମୂଳ କବିତାକୁ ନେଇ ଏହି ଏହି ଫିୟୁଜନ ସଙ୍ଗୀତକୁ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଯୋଶୀ। ସଂଗୀତରେ ସଜେଇଛନ୍ତି ସାନ୍ତୁନୁ ନାୟକ। ଡ଼ା ଜୟଶ୍ରୀ ଧଳଙ୍କ କଣ୍ଠ ସହିତ ଗୁରୁ ଶାଶ୍ୱତ ଯୋଶୀଙ୍କର ନୃତ୍ୟର ଯୁଗଳ ବନ୍ଦୀରେ ପ୍ରତିଟି ଓଡ଼ିଆ ଜାଗି ଉଠିବେ। ଏହି ଗୀତକୁ ପ୍ରଯୋଜନା କରିଛନ୍ତି ସୁର ଭାଇବ୍ରେସନ୍। ଜୟଦେବ ଭବନ ପ୍ରଦର୍ଶନୀ ଗୃହରେ ଏହି ସଂଗୀତ ଉନ୍ମୋଚିତ କାର୍ଯ୍ୟକ୍ରମରେ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ପାଇକ ମହାସଂଘ ସଭାପତି ପ୍ରକାଶ ଶ୍ରୀଚନ୍ଦନ, ଫୋକୋସ୍ ପ୍ଲସ୍ ସମ୍ପାଦକ ସୁଧାଂଶୁ ଶେଖର ରାଉତ, ରାଜ୍ୟ ଅଭିଲେଖାଗାର ପୂର୍ବତନ ସମ୍ପାଦିକା ଭାଗ୍ୟଲିପି ମଲ୍ଲ, ଶିକ୍ଷାବିତ୍ ଜ୍ୟୋସ୍ନାମୟୀ ପରିଡ଼ା, ସମାଜସେବୀ ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଯୋଗଦେଇ ସଙ୍ଗୀତକୁ ଉନ୍ମୋଚନ କରିଥିଲେ। ସହଯୋଗ କରିଥିଲେ ହୃତିକ ବିଦ୍ଧାଣି, ବାପିନ୍ ଜେନା, ରାହୁଲ ସାହୁ। ଶେଷରେ ସମାଜସେବୀ ମହାସଂଘ ସଭାପତି ବାପୁ ଓଝା ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ଶ୍ରୀକାନ୍ତ।

# 'ଜୟଦେବଙ୍କ ଗୀତଗୋବିନ୍ଦ ଭାରତୀୟ ନୃତ୍ୟ ସଙ୍ଗୀତ ଚିତ୍ରକଳାକୁ କରିଛି ପରିପୃଷ୍ଟ'

**ଖୋର୍ଦ୍ଧା,୩୦।୩/ଏନ୍‌ଏନ୍‌ଏସ୍:** ରାଜ୍ୟର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଶ୍ୱ ନାଟକ ଦିବସରେ ଏକ କର୍ମଶାଳା ସଂସଦ ଗୃହରେ ଆୟୋଜିତ ହୋଇଯାଇଛି। ଦୁଇ ହଜାର ବର୍ଷ ତଳେ ଭୁବନେଶ୍ୱର ସ୍ଥିତ ସମ୍ରାଟ ଖାରବେଳଙ୍କ ନିର୍ମିତ ରାଣୀଗୁମ୍ଫା ରଙ୍ଗମଞ୍ଚରେ ପ୍ରାକୃତ ନାଟକ ଓ ନୃତ୍ୟ ପରିବେଶିତ ହେଉଥିଲା ବୋଲି ଧୀରେନ୍ ଦାସଙ୍କ ସମେତ ବହୁ ଜାତୀୟସ୍ତରୀୟ ଗବେଷକ ନିର୍ଣ୍ଣୟ କରିଛନ୍ତି। ସପ୍ତମଠାରୁ ଏକାଦଶ ଶତାବ୍ଦୀ ମଧ୍ୟରେ ନିର୍ମିତ ଭୁବନେଶ୍ୱରସ୍ଥ ବହୁ ମନ୍ଦିର ଗାତ୍ରରେ ଖୋଦିତ ନର୍ତ୍ତକୀ ମୂର୍ତ୍ତିମାନଙ୍କ ଅବୟବ ଭାବଭଙ୍ଗୀରୁ ଜଣାଯାଏ ଓଡ଼ିଶୀ ନୃତ୍ୟ ଏହିଠାରୁ ଉଦ୍ଭବ ହୋଇଛି। ଦ୍ୱାଦଶ ଶତାବ୍ଦୀରେ ବିରଚିତ ଜୟଦେବଙ୍କ ଗୀତଗୋବିନ୍ଦ ଭାରତୀୟ ନୃତ୍ୟ ସଙ୍ଗୀତ ଚିତ୍ରକଳାକୁ କରିଛି ପରିପୃଷ୍ଟ।

ପଞ୍ଚଦଶ ଶତାବ୍ଦୀରେ ଖୋର୍ଦ୍ଧା ନୂଆବସଷ୍ଟାଣ୍ଡ ସନ୍ନିକଟ ପାନବରଜ ଗ୍ରାମରେ ଆବିର୍ଭୁତ ପୁରୁଷୋତ୍ତମ ଦାସଙ୍କ ପ୍ରଥମ ଐତିହାସିକ କାବ୍ୟ କାଞ୍ଚି କାବେରୀ ଅନୁସରଣରେ ଓଡ଼ିଆ ଓ ବଙ୍ଗଳା କାବ୍ୟ ନାଟକ ଓ ଚଳଚ୍ଚିତ୍ର ରୂପାୟିତ ହୋଇଛି। ଅଷ୍ଟାଦଶ ଶତାବ୍ଦୀରେ ରଚିତ ଅନଙ୍ଗ ନରେନ୍ଦ୍ରଙ୍କ ରାମଲୀଳା, ପିଣ୍ଡିକି ଶ୍ରୀଚନ୍ଦନଙ୍କ ବସନ୍ତରାସ,




ଗୀତିକବି ଗୌରଚରଣ ଅଧିକାରୀଙ୍କ କୃଷ୍ଣଲୀଳା ଓଡ଼ିଆ ଲୋକ ନାଟକର ଅମୂଲ୍ୟ ସମ୍ପଦ। ଆଧୁନିକ ଯୁଗରେ କାଳିଚରଣ ପଟ୍ଟନାୟକ (କବିଚନ୍ଦ୍ର) ଖୋରଧା ହାଇ ଇଂଗ୍ଲିସ୍ ସ୍କୁଲର ଛାତ୍ର (୧୯୧୨-୧୯୧୬) ଥିବାବେଳେ ତାଙ୍କ ନାଟ୍ୟ ଜୀବନର ଭିତ୍ତିଭୂମି ଏହିଠାରେ ପଡ଼ିଥିଲା ବୋଲି ସେ ଆତ୍ମଜୀବନୀ 'କୁମ୍ଭାରଚକ' (କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ)ରେ ଉଲ୍ଲେଖ କରିଛନ୍ତି।

ଏଥିସହ ନାଟ୍ୟକାର ବ୍ରଜକିଶୋର ନାୟକ, ଲକ୍ଷ୍ମୀଧର ନାୟକ, ହରେକୃଷ୍ଣ ପ୍ରଧାନ, ପ୍ରଫେସର ଜାନକୀବଲ୍ଲଭ ମହାନ୍ତି, ଡ. ନାରାୟଣ ଶତପଥୀ, ତପନ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଡା. ଧନେଶ୍ୱର ସାହୁଙ୍କ ସମେତ ଗୀତିକବି ପର୍ଶୁରାମ ପଟ୍ଟନାୟକ, ସୁରେନ୍ଦ୍ରନାଥ ବିଦ୍ୟାଧର, ସୋମନାଥ ରାଜଗୁରୁ, ରମେଶ ଚନ୍ଦ୍ର ମଙ୍ଗରାଜ ପ୍ରଭୃତି ଓଡ଼ିଆ ନାଟ୍ୟ ସଙ୍ଗୀତକୁ ସମୃଦ୍ଧ କରିଛନ୍ତି । ସାମ୍ପ୍ରତିକ ସମୟରେ ଡ. ସୁବୋଧ ପଟ୍ଟ ନାୟକଙ୍କ ନାଟ୍ୟଚେତନା, ଲାଲା ବିରେନ୍ ରାୟଙ୍କ ନିର୍ଦ୍ଦେଶିତ ଆହେ ନୀଳ ଶଇଳ, ଅଭିନେତା ହର ରଥ ପ୍ରଭୃତି ଖୁବ୍ ଜନାଦୃତ। ଓଡ଼ିଶା ରଙ୍ଗମଞ୍ଚ କ୍ଷେତ୍ରରେ ବାଲୁଗାଁ ସନ୍ନିକଟ ଗ୍ରାମର ନାଟ୍ୟୋସାହୀ ସୋମନାଥ ଦାଶଙ୍କ ଅନ୍ନପୂର୍ଣ୍ଣା ନାଟ୍ୟମଣ୍ଡଳୀ (୧୯୨୬)ର ଅବଦାନ ଅନନ୍ୟ। ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗବେଷକ ଗୋପାଳକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ବିଶିଷ୍ଟ ନିର୍ଦ୍ଦେଶକ ଜିତେନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ସାମ୍ପ୍ରତିକ ବିଶ୍ୱ ନାଟକର ଗତି ଓ ପ୍ରବୃତ୍ତିର ବିଶ୍ଳେଷଣ କରିଥିଲେ। ମୁଖ୍ୟବକ୍ତା ଆନ୍ଦୋଳନ ଥିଏଟର୍‌ର ସ୍ରଷ୍ଟା ୮୦ରୁ ଊର୍ଦ୍ଧ୍ୱ ନାଟକ ପରିବେଶଣ କରିଥିବା ନିର୍ଦ୍ଦେଶକ ସନ୍ତୋଷ ମହାନ୍ତି ସାରଗର୍ଭକ ଆଲୋଚନା କରିଥିଲେ। ଅଭିନେତା ସମ୍ମାନିତ ଅତିଥି ପ୍ରଫୁଲ୍ଲ କୁମାର ସାମନ୍ତରାୟ ସ୍ୱୀୟ ନାଟ୍ୟ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ। ସ୍ୱାଗତ ମହାନ୍ତି ଗ୍ରୀସ୍ ନାଟ୍ୟରଥି ଥିଓଡରସ୍‌ଙ୍କ ବିଶ୍ୱନାଟ୍ୟ ଦିବସ-୨୦୨୫ର ବାର୍ତ୍ତା ପଠନ କରିଥିଲେ। ବୈକୁଣ୍ଠନାଥ ରାଜଗୁରୁ, ଲକ୍ଷ୍ମୀଧର ବଡ଼ଜେନା, ଡ. ବୃନ୍ଦାବନ ପଣ୍ଡା, କୈଳାସ ଚନ୍ଦ୍ର ପୃଷ୍ଟି ନାଟକର ଦିଗଦିଗନ୍ତ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସଂଗଠନ ସମ୍ପାଦକ ବଂଶୀଧର ଦାସ ଧନ୍ୟବାଦ ଦେଇଥିଲେ।

# ଅଙ୍ଗନବାଡ଼ି କର୍ମୀଙ୍କ ଉପରେ ଅତ୍ୟାଚାର ବନ୍ଦ ନ ହେଲେ ଆନ୍ଦୋଳନ

**କଟକ,୩୦।୩/ଏନ୍‌ଏନ୍‌ଏସ୍:** ଅଙ୍ଗନବାଡ଼ି କର୍ମୀମାନେ ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ନିଜର ଦୁଃଖ ଜଣାଇବା ପରଠାରୁ ସିଡିପିଓଙ୍କ ଅଙ୍ଗନବାଡ଼ି କର୍ମୀଙ୍କ ଉପରେ ଅତ୍ୟାଚାର ଓ ଦୁର୍ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି ବୋଲି କର୍ମୀମାନେ ଅଭିଯୋଗ କରିଛନ୍ତି। ଏଥିସହିତ କିଶୋରୀ ମେଳାରେ ଦୁଇଜଣ କିଶୋରୀଙ୍କୁ ଦେଖାଇ ୫୦ଜଣ କିଶୋରୀଙ୍କର ଦସ୍ତଖତ ଜୋରଜବରଦସ୍ତ କର୍ମୀଙ୍କଠାରୁ ନିଆଯାଇଛି। ତାଲିମ ଶିବିରରେ ପୋଷଣ ଓ ପାଠପଢ଼ାର ତାଲିମ କୌଣସି ସେକ୍ଟର କର୍ମୀଙ୍କୁ ଠିକ୍ ଭାବେ ଦିଆଯାଉନାହିଁ। ଜିଲ୍ଲାପାଳଙ୍କ ନାମ ନେଇ କର୍ମୀ ଓ ସହାୟିକାମାନଙ୍କଠାରୁ ରେଡ୍‌କ୍ରସ୍ ବାବଦକୁ ୧୫ ହଜାର ଟଙ୍କା ଜୋର ଜବରଦସ୍ତ ଆଦାୟ କରାଯାଉଛି। ସିଡିପିଓ (ଚାଇଲ୍ଡ ଡେଭଲ୍‌ପମେଣ୍ଟ ପ୍ରୋଜେକ୍ଟ ଅଫିସର) ଅଙ୍ଗନବାଡ଼ି କର୍ମୀଙ୍କ ପ୍ରତି ଅତ୍ୟାଚାର ଓ ଦୁର୍ବ୍ୟବହାରକୁ ନେଇ ଭାରତୀୟ ମଜଦୁର ସଂଘ (ବିଏମଏସ) ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କସ ଆସୋସିଏସନ୍ କଟକ ସହରାଞ୍ଚଳ ଶାଖା-୧ ପକ୍ଷରୁ ଆଜି ବକ୍ସିବଜାର ସ୍ଥିତ ପାନ୍ଥନିବାସ ଠାରେ ବିଏମଏସର ବରିଷ୍ଠ ସଦସ୍ୟ ବସନ୍ତ କୁମାର ସାହୁଏକ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯୋଗ ଉଠାଇଛନ୍ତି। ଏହି ଘଟଣାର ସ୍ଥାୟୀ ସମାଧାନ ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ସ୍ତ୍ରୀର ତଣ୍ଟି ଚିପି ହତ୍ୟାକଲା ସ୍ୱାମୀ

**ପୁରୀ,୩୦।୩/ଏନ୍‌ଏନ୍‌ଏସ୍:** ସ୍ତ୍ରୀ'କୁ ଅତି ନିର୍ମମ ଭାବେ ହତ୍ୟାକଲା ସ୍ୱାମୀ। ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧ ମହାବୀର ଚମାର ସାହିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ପାରିବାରିକ ଅଶାନ୍ତି ଯୋଗୁଁ ଓଢ଼ଣୀ ସାହାଯ୍ୟରେ ସ୍ତ୍ରୀର ତଣ୍ଟି ଚିପି ସ୍ୱାମୀ ଏଭଳି କାଣ୍ଡ ଭିଆଇଥିବା ଜଣାପଡ଼ିଛି। ତେବେ ହତ୍ୟା ପରେ ସମ୍ପୃକ୍ତ ଅଭିଯୁକ୍ତ ସ୍ୱାମୀ ତାଳବଣିଆ ଥାନାରେ ଆତ୍ମସମର୍ପଣ କରିଛି। ମୃତକ ମହିଳା ହେଉଛନ୍ତି ସୌଦାମିନୀ। ହତ୍ୟା କରିଥିବା ଅଭିଯୁକ୍ତ ସ୍ୱାମୀ ଜଣକ ହେଉଛି ସିଦ୍ଧ ମହାବୀର ଚମାର ସାହିର ବାଦଲ ବେହେରା। ଖବରପାଇ ତାଳବଣିଆ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପ୍ରାଥମିକ ସୂଚନା ଅନୁଯାୟୀ ନାଗପାଟଣା ଗାଁର ମାମା ସ୍ୱାଇଁଙ୍କ ଝିଅ ସୌଦାମିନୀ ସିଦ୍ଧମହାବୀର ଚମାର ସାହିର ବାଦଲ ବେହେରାକୁ ଭଲପାଇ ବିବାହ କରିଥିଲେ। ପୁରୀର ଏକ ଘରୋଇ ମେଡିକାଲରେ ସୌଦାମିନୀ ଷ୍ଟାଫ୍ ନର୍ସ ଭାବେ କାର୍ଯ୍ୟ କରୁଥିବା ବେଳେ ବାଦଲ ଜଗନ୍ନାଥ ମେଡିକାଲ କଲେଜରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ତେବେ ବାହାଘରକୁ ୪ବର୍ଷ ବିତିଥିବା ବେଳେ ସେମାନଙ୍କର ବର୍ଷକର ଶିଶୁ ପୁତ୍ର ମଧ୍ୟ ଅଛି। ଗତ ୪ ମାସ ହେବ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ କଳହ ସୃଷ୍ଟି ହୋଇଥିଲା। ଏହି କଳହ ଗତକାଲି ରାତିରେ ଉଗ୍ର ରୂପ ନେଇଥିଲା। ସ୍ୱାମୀ ବାଦଲ ସ୍ତ୍ରୀ ସୌଦାମିନୀଙ୍କ ତଣ୍ଟିକୁ ଓଢ଼ଣୀ ସାହାଯ୍ୟରେ ଚିପି ହତ୍ୟା କରିଥିଲା। ହତ୍ୟାକାଣ୍ଡ ପରେ ହତ୍ୟାକାରୀ ଅଭିଯୁକ୍ତ ସ୍ୱାମୀ ତାଳବଣିଆ ଥାନାରେ ଆତ୍ମସମର୍ପଣ କରିଛି। ସେପଟେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି।

## ଗାନ୍ଧୀ ସ୍ମୃତି ପୀଠରେ ସ୍ମାରକୀ ସମାରୋହ

# ଗାନ୍ଧୀଜୀଙ୍କ ଫଟୋଚିତ୍ର ପ୍ରଦର୍ଶନୀ



**ପୁରୀ / ଡେଲାଙ୍ଗ,୩୦।୩/ଏନ୍‌ଏନ୍‌ଏସ୍:** ଜାତିର ଜନକ ମହାତ୍ମାଗାନ୍ଧୀ ୧୯୩୮ ମସିହାରେ ଡେଲାଙ୍ଗ ବ୍ଲକ ବେରବୋଇଠାରେ ମାର୍ଚ୍ଚ ୨୫ ରୁ ୩୧ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ କରିଥିଲେ। ସେହି ସ୍ମୃତି କୁ ଉଦ୍‌ଜୀବିତ କରି ପ୍ରତି ବର୍ଷ ଗାନ୍ଧୀ ସ୍ମାରକୀ ସମିତି ପକ୍ଷରୁ ବେରବୋଇ ଗାନ୍ଧୀ ସ୍ମୃତି ପୀଠ ଠାରେ ଗାନ୍ଧୀ ସେବା ସଂଘ ସ୍ମାରକୀ ସମାରୋହ ପାଳିତ ହେଉଛି। ଆଜି ପୂର୍ବାହ୍ନରେ ଏହି ସମାରୋହକୁ ବିଶିଷ୍ଟ ଗାନ୍ଧୀବାଦୀ ପ୍ରହଲ୍ଲାଦ କୁମାର ସିଂ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗ ଦେଇଥିଲେ। ସମିତିର ସଭାପତି କୁନ୍ତଳା କୁମାରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସ୍ତମ୍ଭକାର ତଥା ଲେଖକ ଗୌରାଙ୍ଗ ଚରଣ ପରିଡ଼ା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଗାନ୍ଧୀଙ୍କ ଜୀବନୀ, ଆଦର୍ଶ ଓ କର୍ମପ୍ରବଣତା ଚିର ଅମର। ଯୁଗ ପରେ ଯୁଗ ଏହା ମାନବ ଜାତିକୁ ପ୍ରେରଣା ଦେଉଥିବ ବୋଲି ଅତିଥିମାନେ ମତ ଦେଇଥିଲେ। ଅତିଥିମାନେ ଗୌରାଙ୍ଗ ପରିଡ଼ାଙ୍କ ରଚିତ ପୁସ୍ତକ ଗାନ୍ଧୀ ଗପ ଶତକକୁ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ସମିତିର ସମ୍ପାଦକ ଚନ୍ଦ୍ର ଶେଖର ବିଶ୍ୱାଳ ସମସ୍ତଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ଓ ସମ୍ପାଦକୀୟ ବିବରଣୀ ପଠନ କରିଥିଲେ। ଶେଷରେ ସଦସ୍ୟ ଶଶାଙ୍କ ଚୂଡ଼ାମଣି ଧନ୍ୟବାଦ୍ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗାନ୍ଧୀଙ୍କ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଖଦି ବସ୍ତ୍ର ପ୍ରଦର୍ଶନ ସହ ବିକ୍ରୟ ଓ ଗୌରାଙ୍ଗ ପରିଡ଼ାଙ୍କ ଗାନ୍ଧୀଙ୍କ ଉପରେ ପ୍ରକାଶିତ ପୁସ୍ତକ ପ୍ରଦର୍ଶନ କରାଯାଇଥିଲା। ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ବ୍ୟକ୍ତି,ସମାଜସେବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କବିତା ପାଠୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ସର୍ବେଶ୍ୱର ବରେଇ, ସନ୍ତୋଷ ବିଶ୍ୱାଳ, ଭାଗିରଥି ପରିଡ଼ା, ଅମରେନ୍ଦ୍ର ବାରିକ, ଅଭୟ ଚରଣ ସାହୁ, ଅନାମ ମଲ୍ଲିକ, ଦ୍ୱିତୀ କୃଷ୍ଣ ରାଉତରାୟ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଖୋର୍ଦ୍ଧା ଓକିଲ ସଂଘ ନିର୍ବାଚନ

# ଜୀବନଜ୍ୟୋତି ସଭାପତି, କ୍ଷୀରୋଦ ସମ୍ପାଦକ



**ଖୋର୍ଦ୍ଧା,୩୦।୩/ଏନ୍‌ଏନ୍‌ଏସ୍:** ରାଜ୍ୟ ବାର କାଉନ୍‌ସିଲ୍ ନିଷ୍ପତିକ୍ରମେ ସମଗ୍ର ରାଜ୍ୟର ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଏଥିରେ ସଭାପତି ଭାବେ ଜୀବନ ଜ୍ୟୋତି ମିଶ୍ର (୨୧୫ଖଣ୍ଡ), ଉପସଭାପତି ଭାବେ ପ୍ରଦୀପ୍ତ ପ୍ରସାଦ ରାମ (୨୦୭ଖଣ୍ଡ), ସମ୍ପାଦକ ଭାବେ କ୍ଷୀରୋଦ ମୋହନ ସ୍ୱାଇଁ (୨୦୪ଖଣ୍ଡ), କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ଭଞ୍ଜ (୨୧୬ଖଣ୍ଡ) ଭୋଟ ପାଇ ବିଜୟୀ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ବଳରାମ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ବିକ୍ରମ ଛୁଆଳସିଂହ, ବିରେନ୍ଦ୍ର ପ୍ରହରାଜ, ମନୋରଞ୍ଜନ ପାଣ୍ଡା, ଲୋଚକ ବିନ୍ଦୁ ପଟ୍ଟନାୟକ, ପ୍ରଦାପ ଦଳେଇ, ମୋନାଲିସା ମିଶ୍ର ମନୋନୀତ ହୋଇଛନ୍ତି। ନିର୍ବାଚନ ଆଜି ସକାଳ ସାଢେ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହୋଇଥିଲା। ଭୋଟ ଗଣତି ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା। ସର୍ବମୋଟ ୩୬୧ଭୋଟରଙ୍କ ମଧ୍ୟରୁ ୩୩୪ଜଣ ସେମାନଙ୍କ ମତଦାନ କରିଛନ୍ତି। ଆଜିର ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ବିଜୟ କୁମାର ଛୋଟରାୟ ଓ ପ୍ରଭଞ୍ଜନ ଜେନା ପରିଚାଳନା କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**କଟକ,୩୦।୩/ଏନ୍‌ଏନ୍‌ଏସ୍:** କଟକ ବେଲେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଦ୍ୟା ବିକାଶ ସମିତିର ସମ୍ପାଦକ, ଯୋଗେନ୍ଦ୍ର ନାଥ ବସ୍ତିଆ, ଗୀତିକାର ଅରୁଣ ମନ୍ତ୍ରୀ, ବରିଷ୍ଠ ସାମ୍ବାଦିକ ବାବାଜୀ ପରିଡ଼ା, ଜୁପିଟର୍ ବିଜ୍ଞାନ ମହାବିଦ୍ୟାଳୟର ଉପାଧ୍ୟକ୍ଷ, କବି ଡ. ଅନ୍ନଦା ମିଶ୍ର, ଆଇନଜୀବୀ ଯଯାତି କେଶରୀ ପଟ୍ଟନାୟକ, ମନୋରଞ୍ଜନ ସାହୁ, ଶ୍ରୀଧର ପଣ୍ଡା, ସନ୍ତୋଷ କୁମାର ସାହୁ, ପୁଷ୍ପିତା ମହାପାତ୍ର, ଦିଗମ୍ବର ସ୍ୱାଇଁ, ସୁମନ୍ତ କୁମାର ମହାନ୍ତି ଉପସ୍ଥିତ ରହି ସୁସ୍ଥ ସମାଜ ଗଠନରେ ନାରୀ ଓ ଆଦର୍ଶ ଛାତ୍ରଛାତ୍ରୀ ଗଠନରେ ଶିକ୍ଷକମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଚଳିତବର୍ଷର ବାର୍ଷିକ କ୍ରୀଡ଼ା ଓ ବିଜ୍ଞାନମେଳାରେ ସଫଳ କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ସମ୍ପାଦିକା ବିଷ୍ଣୁପ୍ରିୟା ବିଶ୍ୱାଳ, ସ୍ଥାନୀୟ କର୍ପୋରେଟର୍ ରାକେଶ ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ଅନୁଷ୍ଠାନର ସଭାପତି ଚୈତନ୍ୟ ଚରଣ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ଚିତ୍ତରଞ୍ଜନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସଙ୍ଗୀତା ବାରିକ, ଝିଲିମା ମହାପାତ୍ର, ଲକ୍ଷ୍ମୀପ୍ରିୟା ମିଶ୍ର, ଲିପିକା ବେହେରା ପ୍ରମୁଖ ଅନୁଷ୍ଠାନର ଗୁରୁମା' ଓ ଗୁରୁଜୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଡ୍ୟାନ୍‌ସ୍ ଓ ନାଟକ ପରିବେଶଣ କରାଯାଇଥିଲା। ଶେଷରେ ଅଧକ୍ଷ ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ନବନିଯୁକ୍ତ ଶିକ୍ଷାନବୀଶ ଦେୱାନୀ ନ୍ୟାୟାଧୀଶଙ୍କ ବିଦାୟକାଳୀନ ସମାରୋହ



**କଟକ,୩୦।୩/ଏନ୍‌ଏନ୍‌ଏସ୍:** ୨୦୨୨ ବ୍ୟାଚ୍‌ର ନବ ନିଯୁକ୍ତ ୫୪ଜଣ ଶିକ୍ଷାନବୀଶ ଦେୱାନୀ ନ୍ୟାୟାଧୀଶଙ୍କ ବିଦାୟ କାଳୀନ ସମାରୋହ ଓଡ଼ିଶା ନ୍ୟାୟିକ ଏକାଡେମୀ ପକ୍ଷରୁ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ନ୍ୟାୟିକ ଏକାଡେମୀର ମୁଖ୍ୟ ବିଚାରପତି ଗତିକୃଷ୍ଣ ମିଶ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ମୁଖ୍ୟ ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀର ମୁଖ୍ୟ ପୃଷ୍ଠପୋଷକ ଜଷ୍ଟିସ୍ ହରିଶ ଟଣ୍ଡନ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତିବୃନ୍ଦ, ପୂର୍ବତନ ବିଚାରପତି, ପ୍ରଶିକ୍ଷକ, ଉଚ୍ଚ ନ୍ୟାୟାଳୟର ଅଧିକାରୀବୃନ୍ଦ ତଥା ଅନ୍ୟାନ୍ୟ ସମ୍ମାନିତ ଆମନ୍ତ୍ରିତ ଅତିଥିଙ୍କ ସମେତ ନବନିଯୁକ୍ତ ଦେୱାନୀ ନ୍ୟାୟାଧୀଶମାନଙ୍କ ପରିବାର ସଦସ୍ୟ ଯଥାପିତା - ମାତା ଏବଂ ଆତ୍ମୀୟ ସ୍ୱଜନ ଯୋଗଦେଇଥିଲେ। ଜଷ୍ଟିସ ସଞ୍ଜିବ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଏନ୍‌ଆଇସି ଦ୍ୱାରା ପରିକଳ୍ପିତ ଏବଂ ବିକଶିତ ଓଡ଼ିଶା ନ୍ୟାୟିକ ଏକାଡେମୀର ଏକ ନୂତନ ୱେବସାଇଟ୍‌କୁ ମୁଖ୍ୟ ବିଚାରପତି ଉନ୍ମୋଚନ କରିଥିଲେ। ମୁଖ୍ୟ ବିଚାରପତି ଜଷ୍ଟିସ୍ ଟଣ୍ଡନ୍ ବିଚାର ବିଭାଗୀୟ ଅଧିକାରୀମାନଙ୍କୁ ସେମାନଙ୍କର ଏକ ବର୍ଷର ତାଲିମ ସଫଳତାର ସହିତ ପରିସମାପ୍ତି ଉପଲକ୍ଷେ ଶପଥ ପାଠ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଓ ସେମାନଙ୍କୁ ପ୍ରମାଣ ପତ୍ର ଏବଂ ଉପହାର ପ୍ରଦାନ କରିଥିଲେ। ୫୪ ଜଣ ପ୍ରଶିକ୍ଷାର୍ଥୀ ଅଧିକାରୀଙ୍କୁ ତାଙ୍କର ଆଶୀର୍ବାଦ ଏବଂ ଶୁଭେଚ୍ଛା ଜଣାଇ ସେମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ନିଷ୍ଠାର ସହିତ ପାଳନ କରିବାକୁ ପ୍ରେରଣା ଦେଇଥିଲେ। ଜଣେ ନ୍ୟାୟିକ ଅଧିକାରୀଙ୍କ ନିଜ କାମ ପ୍ରତି ଆଗ୍ରହ ଏବଂ ସମର୍ପଣ ରହିବା ଉଚିତ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଜଷ୍ଟିସ ରାଧାକୃଷ୍ଣ ପଟ୍ଟନାୟକ ନ୍ୟାୟିକ ଏକାଡେମୀ ଓ ତାଲିମ କମିଟି ଅଧିକାରୀମାନଙ୍କୁ ତାଙ୍କର ଶୁଭେଚ୍ଛା ଜଣାଇବ ସହିତ ଧନ୍ୟବାଦ ପ୍ରଦାନ କରିଥିଲେ।

## ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନର ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ସମାରୋହ

# 'ଲୋକଙ୍କୁ ନିର୍ଭୟ କରିବା ପାଇଁ ସାହିତ୍ୟିକମାନେ ଆଗେଇ ଆସନ୍ତୁ'



**କଟକ,୩୦।୩/ଏନ୍‌ଏନ୍‌ଏସ୍:** ଆଧୁନିକତା ଦିଗକୁ ସମାଜ ଯେତେ ଅଗ୍ରସର ହେଲେ ମଧ ଭୟ ଓ ଏକାକୀତ୍ୱ ଭାବ ମଣିଷ ଭିତରେ ବୃଦ୍ଧି ପାଇବାରେ ଲାଗିଛି। ସମାଜର ଲୋକଙ୍କୁ ନିର୍ଭୟ କରିବା ପାଇଁ ସାହିତ୍ୟିକମାନେ ଆଗେଇ ଆସିବା ଉଚିତ୍ ବୋଲି କଳା ବିକାଶ କେନ୍ଦ୍ରଠାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ ପକ୍ଷରୁ ସାହିତ୍ୟ ଭାରତୀ ସମ୍ମାନ ପ୍ରଦାନ ସମାରୋହକୁ ମୁଖ୍ୟଅତିଥି ସାଂସଦ ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି। ଫାଉଣ୍ଡେସନର ଟ୍ରଷ୍ଟି ଡାକ୍ତର ଜୟନ୍ତ ରଥ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ସାହିତ୍ୟିକ ଅସିତ୍ ମହାନ୍ତି କହିଲେ ଯେ ସାହିତ୍ୟ ଭାରତୀ ସମ୍ମାନ ଲାଭ କରିଥିବା ଶୈଳଜ ରବି ଜଣେ ବାସ୍ତବ ଓ ସ୍ପଷ୍ଟବାଦୀ ମଣିଷ। ଏହି ଅବସରରେ ସାହିତ୍ୟିକ ଶୈଳଜ ରବିଙ୍କୁ ଫାଉଣ୍ଡେସନର ମର୍ଯ୍ୟାଦାଜନକ ସାହିତ୍ୟ ଭାରତୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ତାଙ୍କୁ ଏକ ଲକ୍ଷ ଟଙ୍କାର ଉପାୟନ ସହ କୋଣାର୍କ ମନ୍ଦିରର ଏକ ରୌପ୍ୟ ପ୍ରତିରୂପ ପ୍ରଦାନ କରାଯାଇଥିଲା। ଏଥିସହ ଫାଉଣ୍ଡେସନର ପ୍ରତିଷ୍ଠାତାଙ୍କ ନାମରେ ପ୍ରଦତ୍ତ ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ ରୌପ୍ୟ ଫଳକ ଓ ମାନପତ୍ର ସହ ଡାକ୍ତର ଫାଲଗୁନୀ ରାୟଙ୍କୁ ପ୍ରଦାନ କରାଯାଇଛି। କାବ୍ୟ ସାହିତ୍ୟରେ ବିଶେଷ ପରାକାଷ୍ଠା ପାଇଁ କବି ସୂର୍ଯ୍ୟ ମିଶ୍ରଙ୍କୁ ଭାନୁଜୀ ରାଓ ସ୍ମାରକୀ ପୁରସ୍କାର ଏବଂ କଥାସାହିତ୍ୟରେ ବିଶେଷ କୃତିତ୍ୱ ପାଇଁ କଥାକାର ସଞ୍ଜୁକ୍ତା ମହାନ୍ତିଙ୍କୁ ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାରରେ ପ୍ରତ୍ୟେକଙ୍କୁ ପଚିଶ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯାଇଥିଲା। ସେହିପରି ଯୁବ ସାରସ୍ୱତ ପ୍ରତିଭା ବିରଜା ରାଉତରାୟ ଏବଂ ଈପ୍‌ସିତା ଷଡ଼ଙ୍ଗୀଙ୍କୁ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସୁବ୍ରତ ରଥ ସ୍ମାରକୀ ପୁରସ୍କାରରେ ପ୍ରତ୍ୟେକଙ୍କୁ ଦଶ ହଜାର ଟଙ୍କା ଓ ରୌପ୍ୟ ଉପଢୌକନ ପ୍ରଦାନ କରାଯାଇଛି। ବୈଜୟନ୍ତୀ ମିଶ୍ର, ବିଦ୍ୟୁତମଞ୍ଜରୀ ପ୍ରଧାନ, ନିରୁପମା କର, ଡ. ଅଭୟ ରାଉତ ମାନପତ୍ର ପାଠ କରିଥିଲେ। ସ୍ନେହ ପୃଷ୍ଟି ମଞ୍ଚସଂଯୋଜନା କରିଥିଲେ। ଆଇନଜୀବୀ ସଞ୍ଜୟ ରଥ ଓ ଈପ୍‌ସିତା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡ. ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସୁସ୍ମିତା ରଥ ଧନ୍ୟବାଦ ଦେଇଥିଲେ। ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ନିରଞ୍ଜନ ପଟ୍ଟନାୟକ, ଡ. ପ୍ରଭାତ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ

**କଟକ,୩୦।୩/ଏନ୍‌ଏନ୍‌ଏସ୍:** ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅବସରରେ କଟକଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିଲ୍ଲା ପ୍ରଶାସନ ଦ୍ୱାରା ସଦର ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବା ସେବା, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ କଟକ ସଦର ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଭଦ୍ରା ଦାସ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ପ୍ରଶାନ୍ତ କୁମାର ନାୟକ, ବ୍ଲକ ଉନ୍ନୟନ ଅଧିକାରୀ ପ୍ରତୀକ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା। ଉପସ୍ଥିତ ଅତିଥିବୃନ୍ଦ ଏବଂ ଜନତା ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ କାର୍ଯ୍ୟକ୍ରମ ଶୁଣିଥିଲେ। କଟକ ଜିଲ୍ଲାର ମୋଟ ୧୪୫୯ ଜନ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟାଦେଶ ବଣ୍ଟନ ନିମନ୍ତେ ଚିହ୍ନଟ କରାଯାଇଛି।

**ଖୋର୍ଦ୍ଧା :** ରାଜ୍ୟ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାର ଆଜି ଶୁଭାରମ୍ଭ ହୋଇଛି। ଆଜି ଭବାନୀପାଟଣାର କ୍ରିଷ୍ଣାନଗର ପଡ଼ିଆରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି କ୍ରମରେ ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବେଗୁନିଆ ବୋଲଗଡ଼ ବ୍ଲକରେ ଗରିବ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ବୋଲଗଡ଼ ବ୍ଲକର ୧୯ଟି ପଞ୍ଚାୟତର ୧୯୦ ଜଣ ଗରିବ ହିତାଧିକାରୀ ଏବଂ ବେଗୁନିଆ ବ୍ଲକର ୨୧ଟି ପଞ୍ଚାୟତର ୧୭୦ ଜଣ ଗରିବ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯାଜନାର କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ବୋଲଗଡ଼ ବିଡିଓ ଶରଦ କୁମାର ମଲ୍ଲିକ ଏବଂ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁଙ୍କ ଉପସ୍ଥିତିରେ ଭୁବନେଶ୍ୱର ସାଂସଦଙ୍କ କରକମଳରେ ଏହି ସମସ୍ତ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ ସମୟରେ ନିଜ ସଂସଦୀୟ କ୍ଷେତ୍ରର ଲୋକଙ୍କ ପାଇଁ ନିଜ ସ୍ୱପ୍ନର ୫ଟି ଲକ୍ଷ୍ୟ ସମ୍ପର୍କରେ ଘୋଷଣା କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ନିଜ ସଂସଦୀୟ କ୍ଷେତ୍ରରେ ପ୍ରତ୍ୟେକ ଗାଁର ପ୍ରତ୍ୟେକଟି ଘରକୁ ଗ୍ୟାସ, ପ୍ରତ୍ୟେକଟି ଘରକୁ ବିଜୁଳି, ପ୍ରତ୍ୟେକଟି ଘରକୁ ପାଣି, ପ୍ରତ୍ୟେକଟି ଘରକୁ ରାସ୍ତା ଏବଂ ପ୍ରତ୍ୟେକ ପରିବାରକୁ ପକ୍କା ଘର ନିହାତି ଯୋଗାଇ ଦିଆଯିବ। କୌଣସି ପ୍ରକୃତ ହିତାଧିକାରୀ ଯେପରି କୌଣସି ସରକାରୀ ଯୋଜନାରୁ ବଞ୍ଚିତ ହେବେ ନାହିଁ, ସେଥିପ୍ରତି ସ୍ୱତନ୍ତ୍ର ନଜର ରଖାଯିବ ବୋଲି ସ୍ପଷ୍ଟ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। କାର୍ଯ୍ୟକ୍ରମରେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବିଧାୟକ ପ୍ରାର୍ଥୀ ପ୍ରକାଶ ବିଜୁଳି, ବୋଲଗଡ଼ରେ ସାଂସଦଙ୍କ ପ୍ରତିନିଧି ବିଦ୍ୟୁତ କାଣ୍ଡି, ରବୀନ୍ଦ୍ରନାଥ ସୁବୁଦ୍ଧି, ବେଗୁନିଆରେ ସାଂସଦଙ୍କ ପ୍ରତିନିଧି ଲକ୍ଷ୍ମୀଧର ପାଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ଗୌଡ଼ୀୟ ସାହିତ୍ୟରେ ବିରହ ତତ୍ତ୍ୱ' ଆଲୋଚନାଚକ୍ର



**ଖୋର୍ଦ୍ଧା,୩୦।୩/ଏନ୍‌ଏନ୍‌ଏସ୍:** ଶ୍ରୀ ଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ତରଫରୁ ଶ୍ରୀ ଚୈତନ୍ୟ ବିହାର ପରିସରରେ 'ଗୌଡ଼ୀୟ କ'ଣ ଓ ଗୌଡ଼ିୟ ସାହିତ୍ୟରେ ବିରହ ତତ୍ତ୍ୱ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଚୈତନ୍ୟ ଗବେଷଣା ସଂଘ ସଭାପତି ଜନାକୀ ବଲ୍ଲଭ ପଟ୍ଟନାୟକ ମୁଖ୍ୟ ଶୀର୍ଷକ ଉପରେ ରେ ବକ୍ତବ୍ୟ ରଖିବା ପରେ ସାନପଦର ବଡ଼ମଠ୍ ମହନ୍ତ ମହାରାଜ, ଗୋବିନ୍ଦପୁର ମଠାଧୀଶ, ରାଇ ଚରନ୍ ମହାରାଜ, ସାଧୁ ବାବା, ଶ୍ରୀ ଭକ୍ତି କିରଣ ସାଗର ମହାରାଜ, ଉଦାର ଗୌରାଙ୍ଗ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ରୀ ଚୈତନ୍ୟ ବିହାର ଉପସଭାପତି ଅନନ୍ତ ହରି ବାବା ଓ ନାରାୟଣ ପଣ୍ଡା ସଂଯୋଜନା କରିଥିଲେ। ସଂଘ ସମ୍ପାଦକ ଜୟ ନାରାୟଣ ପଟ୍ଟନାୟକ ଧନ୍ୟବାଦ୍ ଦେଇଥିଲେ। ଏଥିରେ ବୋଧାୟନ୍ ମହାରାଜ, ବ୍ରଜ ବାବା, ଶିଶିର ରାଉତ, ଜଗଦୀଶ ପ୍ରସାଦ ପଟ୍ଟନାୟକ, ଗୋପବନ୍ଧୁ ପଣ୍ଡା, ଯୋଗେସ୍ୱର୍ ସିଂହ, କାଦମ୍ବିନୀ ସମାନ୍ତରାୟ, ଶାନ୍ତୀ ପ୍ରସାଦ ମତଗଜ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଗୌର ବିହିତ କୀର୍ତ୍ତନ୍ ପରେ ସମସ୍ତଙ୍କୁ ଗୌର ଜଗନ୍ନାଥଙ୍କ ପ୍ରସାଦ ପ୍ରଦାନ କରାଯାଇଥିଲା।

## ଆଜିର ଇତିହାସ

- ୧୫୦୪-ଶିଖମାନଙ୍କର ଦ୍ୱିତୀୟ ଗୁରୁ, ଗୁରୁ ଅଙ୍ଗଦ ଦେବଙ୍କ ଜନ୍ମଦିନ।
- ୧୭୭୪-ଦେଶରେ ଡ଼ାକସେବାର ପ୍ରଥମ କାର୍ଯ୍ୟାଳୟ ଖୋଲାଯାଇଥିଲା।
- ୧୮୬୭-ମୁମ୍ବଇ ଠାରେ ପ୍ରାର୍ଥନା ସମାଜର ସ୍ଥାପନା ହୋଇଥିଲା।
- ୧୯୫୯-ବୌଦ୍ଧ ଧର୍ମଗୁରୁ ଦଲାଇ ଲାମାଙ୍କୁ ତିବ୍ବତରେ ନିର୍ବାସନ କରାଯିବା ପରେ ଭାରତରେ ଶରଣ ଦିଆଯାଇଥିଲା।
- ୧୯୬୪-ମୁମ୍ବଇ ଠାରେ ଶେଷ ଥର ପାଇଁ ଇଲେକ୍ଟ୍ରିକ୍ ଟ୍ରାମ୍ ଚାଲିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - କାମ ଉପରେ ପୂରା ଧ୍ୟାନ ଦେବେ। ବାଣୀ ଓ ବ୍ୟବହାର ଉପରେ ସଂଯମ ରଖନ୍ତୁ। ପିତା କୌଣସି ପରାମର୍ଶ ଦେଇପାରନ୍ତି। ସହଯୋଗୀଙ୍କ ଠାରୁ ସାହାଯ୍ୟ ନେବାକୁ ପଡ଼ିପାରେ। ବ୍ୟବସାୟରେ ପରିବର୍ତ୍ତନ କରିବା ଅନୁଚିତ।

**ବୃଷ** - ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ। ପୁରୁଣା ରୋଗରେ ଆକ୍ରାନ୍ତ ହେବେ। କାହାକୁ ଦେଇଥିବା କଥା ପୂରା କରିବେ। ପରିଷ୍କାର-ପରିଚ୍ଛନ୍ନତା ଉପରେ ଧ୍ୟାନ ଦିଅନ୍ତୁ। ନୂଆ ବାହନ କିଣିଲେ ଆପଣ ଲାଭାନ୍ୱିତ ହେବେ।

**ମିଥୁନ** - ଦିନଟି ସମସ୍ୟା ନେଇ ଆସିବ। କଥା କହିବା ବେଳେ ଚିନ୍ତା କରି କୁହନ୍ତୁ। ନୂଆ ବିରୋଧୀ ନଜର ଆସିବେ। ସେୟାର୍ ବଜାର ସହିତ ଜଡ଼ିତ ଲୋକମାନଙ୍କ ପାଇଁ ଦିନଟି ଭଲ। ଛୋଟ ଛୋଟ ଲାଭ ଉପରେ ଧ୍ୟାନ ଦେବେ।

**କର୍କଟ** - ଦିନଟି ଠିକ୍‌ଠାକ୍ ବିତିବ। ରାଜନୀତିରେ ସଫଳତା ପାଇବେ। ପ୍ରମୋଶନ ଯୋଗ ରହିଛି। ନୂଆ ପଦକୁ ପ୍ରାପ୍ତ କରିବେ। ଲୋକମାନେ ସ୍ୱାର୍ଥୀ ବୋଲି ଭାବିପାରନ୍ତି। ଜୀବନସାଥିକୁ ସପିଂ ପାଇଁ ନେଇପାରନ୍ତି।

**ସିଂହ** - କାମ ଯୋଗୁ ବ୍ୟଗ୍ରତା ବଢ଼ିବ। ଆବଶ୍ୟକତା ବସ୍ତୁ ପାଇଁ ସଞ୍ଚିଥିବା ଧନକୁ ମଧ୍ୟ ଖର୍ଚ୍ଚ କରିପାରନ୍ତି। ସାମାଜିକ କାର୍ଯ୍ୟ ପାଇଁ ରୁଚି ବଢ଼ିବ। ଦାନପୁଣ୍ୟ କାର୍ଯ୍ୟରେ ଭାଗ ନେବେ। ଏଥିରେ ସୁଖ ଓ ସମ୍ମାନ ବୃଦ୍ଧି ହେବ।

**କନ୍ୟା** - ଦିନଟି ମିଶ୍ରିତ ଫଳଦାୟୀ। ପରିବାରରେ ମାଙ୍ଗଳିକ କାର୍ଯ୍ୟକ୍ରମର ଆୟୋଜନ ହୋଇପାରେ। ପ୍ରପର୍ଟି ନେଣଦେଣରେ ସାବଧାନ ରୁହନ୍ତୁ। ଆପଣଙ୍କ ମନ ଏଣୁତେଣୁ କାମରେ ଅଧିକ ଲାଗିବ।

**ତୁଳା** - ଖୁସିର ଠିକଣା ରହିବ ନାହିଁ। ପୈତୃକ ସମ୍ପତ୍ତି ପାଇଁ ଖୁସି ହେବେ। ଲୁଚେଇଥିବା କଥା ଉଜାଗର ହେବ। ଘରେ ଧାର୍ମିକ କାର୍ଯ୍ୟର ଆୟୋଜନ ହୋଇପାରେ। କରଜ ସମସ୍ୟା ଦୂର ହେବ।

**ବିଛା** - ଯୋଜନାଗୁଡ଼ିକ ଉପରେ ଧ୍ୟାନ ଦେବେ। କୌଣସି ବଡ଼ ପ୍ରୋଜେକ୍ଟ ମିଳିବ। ବିରୋଧୀ ବିଘ୍ନ ଘଟାଇବେ। କ୍ୟାରିୟରକୁ ନେଇ ମହତ୍ତ୍ୱପୂର୍ଣ୍ଣ ନିର୍ଣ୍ଣୟ ନେଇପାରନ୍ତି। ଭାଗ୍ୟର ସାଥ୍ ପାଇବେ।

**ଧନୁ** - କାମ ଉପରେ ପୂରା ଧ୍ୟାନ ଦେବେ। ପରସ୍ପର ସହିତ ସହଯୋଗ ଭାବନା ମନରେ ରହିବ। ବ୍ୟବସାୟରେ ଦୀର୍ଘକାଳୀନ ଯୋଜନାକୁ ଗତି ମିଳିବ। ପୁରୁଣା ମିତ୍ରଙ୍କ ସହିତ ସକ୍ଷାତ କରିବେ। ନେଣଦେଣ ମାମଲା ଉପରେ ପୂରା ଧ୍ୟାନ ଦେବେ।

**ମକର** - ଦିନଟି ମିଶ୍ରିତ ଫଳ ଦେବ। ପାରିବାରିକ ବିବାଦ ଦୂର କରିବେ। ଧାର୍ ନେଇଥିବା ଧନ ଫେରେଇବେ। ନଚେତ ସମ୍ପର୍କ ଖରାପ ହେବ। ବ୍ୟବସାୟରେ କୌଣସି ଯୋଜନାକୁ ନେଇ ଅନ୍ୟ ଉପରେ ନିର୍ଭର କରପାରନ୍ତି।

**କୁମ୍ଭ** - ଶୀଘ୍ରଗାମୀ ବାହନଗୁଡ଼ିକ ପ୍ରତି ସାବଧାନ ରହିବେ। ଦୁର୍ଘଟଣାର ସମ୍ଭାବନା ରହିଛି। ନୂଆ ବ୍ୟବସାୟରେ ଉତ୍ଥାନ-ପତନର ସମ୍ମୁଖୀନ ହେବେ। ଶୁଣିବା କଥାରେ ପଡ଼ିଲେ ନିଜର କ୍ଷତି ହେବ।

**ମୀନ** - ଧନ ଲାଭ ଯୋଗ ରହିଛି। ମନ ପ୍ରସନ୍ନ ରହିବ। ନୂଆ କାମର ଆରମ୍ଭ କରିଲେ ଭଲ। ସନ୍ତାନ କୌଣସି କଥାକୁ ନେଇ ନାରାଜ ହୋଇପାରେ। ନୂଆ ବାହନ କିଣି ପାରନ୍ତି। ବିଦ୍ୟାର୍ଥୀମାନେ ପରସ୍ପରକୁ ସାହାଯ୍ୟ କରିବେ।

## ଶ୍ରୀମଦ୍ ଭଗବଦ୍‌ଗୀତା

ବେଦେଷୁ ଯଜ୍ଞେଷୁ ତପଃସୁ ଚୈବ
ଦାନେଷୁ ଯତ୍ ପୁଣ୍ୟଫଳଂ ପ୍ରଦିଷ୍ଟମ୍।
ଅତ୍ୟେତି ତତ୍ ସର୍ବମିଦଂ ବିଦିତ୍ୱା
ଯୋଗୀ ପରଂ ସ୍ଥାନମୁପୈତି ଚାଦ୍ୟମ୍। (୮/୨୮)

ବେଦ ଅଧ୍ୟୟନ, ଯଜ୍ଞାନୁଷ୍ଠାନ, ତାପସ୍ୟାଚରଣ ଓ ସପାତ୍ରରେ ଦାନ ଇତ୍ୟାଦି ବିଷୟ ଶାସ୍ତ୍ରମାନଙ୍କରେ ଉଲ୍ଲେଖ୍ୟ ରହିଛି ଏବଂ ସେଥିରୁ ପୁଣ୍ୟଫଳ ମିଳେ। ଏହି ଅଧ୍ୟାୟ ଅର୍ଜୁନଙ୍କର ସାତଟି ପ୍ରଶ୍ନକୁ ନେଇ ଆରମ୍ଭ ହେଇଛି। ଭଗବାନ ଠିକ୍ ଭାବରେ ସମସ୍ତ ପ୍ରଶ୍ନର ଉତ୍ତର ଦେଇଛନ୍ତି। ଯିଏ ତାଙ୍କର ବ୍ୟାଖ୍ୟାକୁ ବୁଝିପାରେ ସେ ଅକ୍ଷର ବ୍ରହ୍ମଙ୍କୁ ବୁଝିପାରେ। କିନ୍ତୁ ଏହି ଅଧ୍ୟାୟର ଅଷ୍ଟମ ପ୍ରଶ୍ନର ଅର୍ଥର ନିର୍ଣ୍ଣୟ ତତ୍ତ୍ୱକୁ ଜାଣିଲେ ସେ ସମସ୍ତଙ୍କୁ ଅତିକ୍ରମ କରି ଯୋଗୀ ଜଗତର ଆଦିଭୂତ ପରମ ଧାମକୁ ପ୍ରାପ୍ତ ହୁଏ।



## ଚୈତ୍ର ନବରାତ୍ରି



ଆରମ୍ଭ ହୋଇସାରିଛି ଚୈତ୍ର ନବରାତ୍ରିର ପର୍ବ। ନଅଦିନ ଧରି ଚାଲୁଥିବା ନବରାତ୍ରି ପର୍ବରେ ମା' ଦୁର୍ଗାଙ୍କର ଅଲଗା ଅଲଗା ରୂପକୁ ପୂଜା କରାଯାଏ। ଏଥରର ନବରାତ୍ରି ୭ ଏପ୍ରିଲ୍ ପର୍ଯ୍ୟନ୍ତ ଚାଲିବ। ଏହି ନବରାତ୍ରିରେ ମା' ଦୁର୍ଗାଙ୍କର ନଅ ରୂପକୁ ଶ୍ରଦ୍ଧାପୂର୍ବକ ପୂଜା କରିବା ଦ୍ୱାରା ଭକ୍ତମାନଙ୍କୁ ଶକ୍ତି, ସମୃଦ୍ଧି, ସୁଖ ଓ ଶାନ୍ତି ପ୍ରାପ୍ତି ହୁଏ। ପ୍ରତ୍ୟେକ ଦିନ ଦେବୀଙ୍କର ଅଲଗା ଅଲଗା ରୂପକୁ ପୂଜା କରିବା ପଛରେ ରହିଛି ଆଧାତ୍ମିକ ଓ ବୈଜ୍ଞାନିକ ଦୃଷ୍ଟିକୋଣ। ନବରାତ୍ରି ଦେବୀ ଭଗବତୀଙ୍କ ଉପାସନା ମାଧ୍ୟମରେ ଆତ୍ମିକ, ମାନସିକ ଶାନ୍ତି ମିଳିବା ସହିତ ଶାରୀରିକ ସ୍ୱାସ୍ଥ୍ୟ ପ୍ରାପ୍ତି କରିବାର ଏକ ଅବସର ପ୍ରଦାନ କରିଥାଏ। ଏହି ସମୟ ଆହାର-ବିହାରକୁ ସଂଯମ କରି ବ୍ୟକ୍ତିକୁ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରାଇ ଆଭ୍ୟନ୍ତରୀଣ ଶକ୍ତିକୁ ଜାଗ୍ରତ କରାଇବାରେ ସହାୟକ ହୋଇଥାଏ। ଦେବୀ ଦୁର୍ଗା ଇଚ୍ଛା, ଜ୍ଞାନ ଓ କ୍ରିୟା ଶକ୍ତିର ପ୍ରତୀକ। ସେ ହେଉଛନ୍ତି ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡର ଆଧାରଭୂତ ଓ କ୍ରିୟାତ୍ମକ ଶକ୍ତି। ମା'ଙ୍କ ଉପାସନା ଦ୍ୱାରା ଭକ୍ତମାନଙ୍କର ଆତ୍ମିକ ବଳ, ଜୀବନରେ ସନ୍ତୁଳନ ଓ ଆଧାତ୍ମିକ ଉନ୍ନତି ପ୍ରାପ୍ତ ହୋଇଥାଏ। ନବରାତ୍ରିରେ କରାଯାଇଥିବା ତପ ଓ ସାଧନା ବ୍ୟକ୍ତିକୁ ସବୁ ପ୍ରକାରର ନକାରାତ୍ମକ ଶକ୍ତିରୁ ମୁକ୍ତକରି କଲ୍ୟାଣକାରୀ ଜୀବନ ଜିଇଁବା ପାଇଁ ପ୍ରେରିତ କରିଥାଏ। ମାନବ ମନରେ ଥିବା ଅନ୍ତର୍ନିହିତ ଦୁଃସ୍ୱବୃତ୍ତିଗୁଡ଼ିକର ନିର୍ମୂଳନ ମା'ଙ୍କ କୃପା, ନିର୍ମଳ ମତି ଓ ଆତ୍ମ-ଶକ୍ତିର କାରଣରୁ ଜାଗ୍ରତ ହେବା ସମ୍ଭବ ହୋଇଥାଏ। ଏହି ପବିତ୍ର ପର୍ବ ନବରାତ୍ରି ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ।

## ଇଦ୍-ଉଲ୍-ଫିତର



ଇସ୍‌ଲାମୀ କ୍ୟାଲେଣ୍ଡର ଚନ୍ଦ୍ର ଉପରେ ଆଧାରିତ ହୋଇଥିବାରୁ ପ୍ରତିବର୍ଷ ଇଦ୍-ଉଲ୍-ଫିତର୍‌ର ତାରିଖରେ ପରିବର୍ତ୍ତନ ହୋଇଥାଏ। ସାଧାରଣତଃ ଏହି ପର୍ବ ଶଵ୍ୱାଲ୍ ମାସର ପ୍ରଥମ ତାରିଖ ଦିନ ପାଳନ କରାଯାଏ ଯାହା ରମ୍‌ଜାନ ମାସ ଶେଷ ହେବା ବିଷୟରେ ଘୋଷଣା କରିଥାଏ। ତେବେ ଇଦ୍‌ର ତାରିଖ ମୁଖ୍ୟତଃ ଚନ୍ଦ୍ର ଦେଖିବା ଉପରେ ନିର୍ଭର କରେ। ଯଦି ଚନ୍ଦ୍ର ଦେଖିବାକୁ ମିଳିଯାଏ ତେବେ ରମ୍‌ଜାନ ୩୦ ଦିନରେ ପୂରା ହୁଏ ଓ ଏହା ପରେ ପାଳନ କରାଯାଏ ଇଦ୍ ପର୍ବ। ଯେହେତୁ ଚନ୍ଦ୍ର ଦେଖିବାର ସମୟ ଓ ସ୍ଥିତି ପ୍ରତି ଦେଶରେ ଅଲଗା ଅଲଗା ହୋଇଥାଏ ସେଥିପାଇଁ ଦୁନିଆର ବିଭିନ୍ନ ଭାଗରେ ଇଦ୍‌ର ତାରିଖରେ ପରିବର୍ତ୍ତନ ହେବାର ଦେଖିବାକୁ ମିଳେ। ତେବେ ଆମ ଦେଶରେ ରମ୍‌ଜାନ ଆରମ୍ଭ ହୋଇଥିଲା ୨ ମାର୍ଚ୍ଚରେ। ଯେହେତୁ ଇସ୍‌ଲାମୀ ମାସ ୨୯ କିମ୍ବା ୩୦ ଦିନର ହୋଇଥାଏ ଏଥିପାଇଁ ଇଦ୍‌ର ତାରିଖ ଚନ୍ଦ୍ରକୁ ଦେଖିବା ପରେ ସ୍ଥିର କରାଯାଏ। ଯଦି ୩୦ ତାରିଖ ଦିନ ଚନ୍ଦ୍ର ନଜର ଆସିଯିବ ତେବେ ୩୧ ମାର୍ଚ୍ଚ ଦିନ ପାଳନ କରାଯିବ ଇଦ୍ ପର୍ବ। ଇଦ୍ ପର୍ବ ଖୁସି, ମୋହବ୍ବତ ଓ ଭାଇଚାରାର ପର୍ବ। ଇଦ୍ ପର୍ବକୁ ମିଠା ଇଦ୍ ବୋଲି ମଧ୍ୟ କୁହାଯାଏ। କାରଣ ଘରେ ଘରେ ସିମେଇ ଓ ସ୍ୱାଦିଷ୍ଟ ମିଠାଯୁକ୍ତ ଖାଦ୍ୟ ତିଆରି କରାଯାଏ। ସାଙ୍ଗସାଥି, ସମ୍ପର୍କୀୟ ଓ ପଡ଼ୋଶୀମାନେ ପରସ୍ପର ଘରକୁ ଯାଇ ମିଠାଯୁକ୍ତ ଖାଦ୍ୟର ଆଦାନ ପ୍ରଦାନ କରି ଏକା ସହିତ ପାଳନ କରିଥାନ୍ତି ଇଦ୍ ପର୍ବ।

## ଏଫିଲ୍ ଟାୱାର୍



ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ଠାରେ ଅବସ୍ଥିତ ଏଫିଲ୍ ଟାୱାର୍। ୧୮୮୭-୮୯ ପର୍ଯ୍ୟନ୍ତ ପାଖାପାଖି ଦୁଇ ବର୍ଷ ଭିତରେ ନିର୍ମାଣ ହୋଇଥିବା ଏଫିଲ୍ ଟାୱାର୍‌ର ଡିଜାଇନିଂ କରିଥିଲେ ଗୁସ୍ତାବ ଏଫିଲ୍ ଯାହାଙ୍କ ନାମରେ ଏହି ଟାୱାର୍‌ର ନାମ ରଖାଯାଇଥିଲା। ଏଫିଲ୍ ଟାୱାର୍‌ର ଉଚ୍ଚତା ୩୨୪ ମିଟର। ଏଫିଲ୍ ଟାୱାର୍‌ର ପ୍ରଥମ ମହଲାର ଉଚ୍ଚତା ୫୭ ମିଟର ହୋଇଥିବା ବେଳେ ସେଠାରେ ଏକା ସହିତ ତିନି ହଜାର ପର୍ଯ୍ୟଟକ ଭ୍ରମଣ କରିପାରନ୍ତି। ପର୍ଯ୍ୟଟକମାନଙ୍କ ପାଇଁ ସେଠାରେ ରହିଛି ପ୍ୟାନୋରମିକ୍ ଟେବଲ୍ ଓ ଦୂରବୀକ୍ଷଣ ଯନ୍ତ୍ର। ସେହି ସ୍ଥାନରୁ ସହରର ଅନ୍ୟ ଦୃଶ୍ୟଗୁଡ଼ିକର ଆନନ୍ଦ ମଧ୍ୟ ଉଠେଇ ପାରିବେ। ପ୍ରଥମ ଓ ଦ୍ୱିତୀୟ ମହଲାରେ ରହିଛି ରେଷ୍ଟୁରାଣ୍ଟ ଯେଉଁଠାରେ ସ୍ୱାଦିଷ୍ଟ ଖାଦ୍ୟ ତିଆରି କରାଯାଏ। ଏହାର ଦ୍ୱିତୀୟ ମହଲା ଭୂମିଠାରୁ ୧୧୫ ମିଟର ଉଚ୍ଚରେ ରହିଛି ଯେଉଁଠାରେ କ୍ୟାଫେଟେରିଆ ଓ ସପିଂ ପାଇଁ ରହିଛି କେତେକ ଷ୍ଟଲ୍। ତୃତୀୟ ମହଲାଟି ରହିଛି ୨୭୫ ମିଟର ଉଚ୍ଚରେ। ସେଠାରେ ଏକା ସହିତ ୪୦୦ ପର୍ଯ୍ୟଟକ ଭ୍ରମଣ କରିପାରିବେ। ତୃତୀୟ ମହଲାଟି ଚାରିଆଡ଼େ କାଚ ଦ୍ୱାରା ବନ୍ଦ ହୋଇଥିଲା। ତେବେ ନିର୍ମାଣ ହେବା ପରେ ୩୧ ମାର୍ଚ୍ଚ, ୧୮୮୯ରେ ଏହାକୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲିଦିଆ ଯାଇଥିବାରୁ ଆଜି ପାଳନ କରାଯାଉଛି ଏଫିଲ୍ ଟାୱାର ଦିବସ। ପ୍ରତିବର୍ଷ ସେଠାକୁ ୭୫ ଲକ୍ଷରୁ ଅଧିକ ପର୍ଯ୍ୟଟକ ଯାଇଥାନ୍ତି।

**ଇତିହାସ-** ମଧ୍ୟ ପ୍ୟାରିସ୍ ଠାରେ ଏକ ଡିଜାଇନ୍ ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଉନବିଂଶ ଶତାବ୍ଦୀରେ ଫ୍ରାନ୍ସର ଔଦ୍ୟୋଗିକ ପ୍ରଗତିକୁ ପ୍ରଦର୍ଶିତ କରିବା ପାଇଁ ଆୟୋଜିତ ଏକ ଅନ୍ତଃରାଷ୍ଟ୍ରୀୟ ମେଳାରେ ୧୦୦ରୁ ଅଧିକ କଳାକାର ଭାଗ ନେଇ ନିଜର ବିଚାର ପ୍ରସ୍ତୁତ କରିଥିଲେ। ଗୁସ୍ତାବ ଏଫିଲ୍ ପ୍ୟାରିସ୍ ମଝିରେ ୧,୦୦୦ ଫୁଟ୍ ଖୋଲା ଜାଲିଥିବା ଲୁହା ଟାୱାର୍‌ର ପ୍ରସ୍ତାବ ରଖିବା ପରେ ୧୮୮୭ରେ ଏହାର କଣ୍ଟ୍ରାକ୍ଟ ପ୍ରାପ୍ତ କରିଥିଲେ। ଜାନୁଆରୀ ୨୮ରେ ଏହାର ପରିଯୋଜନା ଉପରେ କାମ ଆରମ୍ଭ ହୋଇ ବିଭିନ୍ନ ଅନିଶ୍ଚିତତା, ଆଲୋଚନା ଓ ବିରୋଧ ସତ୍ତ୍ୱେ ଦୁଇ ବର୍ଷ ପରେ ଏହାର କାମ ପୂରା ହୋଇଥିଲା। ଗୁସ୍ତାବଙ୍କ ଦୃଷ୍ଟି ପ୍ୟାରିସ୍‌ର ଜୀବନରେ ନୂଆ କିରଣ ଦେଇଥିଲା ଯାହା ଆଜି ଏକ ରୋମାଣ୍ଟିକ ସହରରେ ପରିବର୍ତ୍ତିତ ହୋଇସାରିଛି।

## ଏବେ ଭୂତ୍‌ନୀ ଭୂମିକାରେ ମୌନୀ



ପ୍ରେମ ଓ ପ୍ରଳୟର ଅନୋଖା ସଙ୍ଗମ ଦେଖିବାକୁ ମିଳିବ ଫିଲ୍ମ 'ଦ ଭୂତ୍‌ନୀ'ରେ। ଏହି ଫିଲ୍ମର ନୂଆ ଯାତ୍ରାରେ ଅଭିନେତ୍ରୀ ମୌନୀ ରାୟ ମନ୍ତ୍ରମୁଗ୍ଧ ଓ ଭୟଭୀତ କରେଇବା ପ୍ରସ୍ତୁତିରେ ଅଛନ୍ତି। ଛୋଟ ପରଦାରୁ ଆରମ୍ଭ କରି ବଲିଉଡ୍‌ର ବଡ଼ ପରଦା ପର୍ଯ୍ୟନ୍ତ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିବା ମୌନୀ ରାୟ ଆଜି ଘରେ ଘରେ ପରିଚିତ। 'ନାଗିନ୍' ଓ 'ମହାଦେବ' ପରି ଶୋ'ଗୁଡ଼ିକ ଜରିଆରେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି ମୌନୀ ରାୟ। ଛୋଟ ପରଦାକୁ ସମ୍ପୂର୍ଣ୍ଣ ଭାବରେ ଏକ ସାଇଡ୍ କରିଦେବା ପରେ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ ଫିଲ୍ମ 'ଗୋଲ୍ଡ' ଜରିଆରେ। ଏଥିରେ ତାଙ୍କ ଅଭିନୟର ଖୁବ୍ ପ୍ରଶଂସା କରାଯାଇଥିଲା ଓ ଏହାପରେ ଅୟାନ ମୁଖାର୍ଜୀଙ୍କ ଫିଲ୍ମ 'ବ୍ରହ୍ମାସ୍ତ୍ର'ରେ ନଜର ଆସିଥିଲେ ମୌନୀ। ଏହି ଫିଲ୍ମରେ ମଧ୍ୟ ମୌନୀ ଦର୍ଶକମାନଙ୍କ ହୃଦୟକୁ ଜିତି ପାରିଥିଲେ। ଏକ ଦୀର୍ଘ ବ୍ରେକ୍ ନେବା ପରେ ସେ ଦର୍ଶକମାନଙ୍କୁ ଡ଼ରେଇବା ପାଇଁ ଭୂତ୍‌ନୀ ହୋଇ ଫେରୁଛନ୍ତି। ତେବେ ଫିଲ୍ମଟି ରିଲିଜ ହେବ ୧୮ ଏପ୍ରିଲ୍‌ରେ। ଏହି ବହୁପ୍ରତୀକ୍ଷିତ ହରର୍-କମେଡି ଫିଲ୍ମରେ ମୌନୀଙ୍କ ସହିତ ନଜର ଆସିବେ ଅଭିନେତା ସଞ୍ଜୟ ଦତ୍ତ, ସନୀ ସିଂହ, ପଲକ୍ ତିୱାରୀ ଓ ଆସିଫ୍ ଖାନ୍‌ଙ୍କ ପରି ଜଣାଶୁଣା ପ୍ରତିଭାଶାଳୀ କଳାକାରମାନେ। ମହାଶିବରାତ୍ରି ଅବସରରେ ନିର୍ମାତାମାନେ ଫିଲ୍ମଟିର ଶୀର୍ଷକ ବିଷୟରେ ଘୋଷଣା କରିବା ସହିତ ଏକ ଛୋଟ ଟିଜର୍ ମଧ୍ୟ ଜାରି କରିଥିଲେ ଯେଉଁଟି ଥିଲା ଖୁବ୍ ଭୟଙ୍କର। ଏଥିରେ ମୌନୀ ସବୁଜ ରଙ୍ଗର ପୋଷାକରେ ନଜର ଆସୁଛନ୍ତି ଯେଉଁଥିରେ ଦେଖିବାକୁ ମିଳୁଛି ତାଙ୍କର ଆକର୍ଷଣୀୟ ସବୁଜ ଆଖି। ଫିଲ୍ମରେ ମୌନୀଙ୍କ ଚରିତ୍ରର ନାମ ମୋହବ୍ବତ। ଟିଜର୍‌ରେ ମୌନୀଙ୍କ ସୌନ୍ଦର୍ଯ୍ୟ ମନ୍ତ୍ରମୁଗ୍ଧ କରିବା ସହିତ ଭୟଭୀତ ମଧ୍ୟ କରୁଛି।

## ପ୍ରଥମ ମହିଳା ଡାକ୍ତର



ଅଷ୍ଟାଦଶ ଶତାବ୍ଦୀରେ ଯେତେବେଳେ ମହିଳାମାନେ ଘରୁ ବାହାରକୁ ବାହାରୁ ନଥିଲେ ସେ ସମୟରେ ଆନନ୍ଦୀ ଗୋପାଳ ଯୋଶୀ ବିଦେଶ ଯାଇ ମେଡିକାଲ୍ ଶିକ୍ଷା ଗ୍ରହଣ କରି ଦେଶର ପ୍ରଥମ ମହିଳା ଡାକ୍ତର ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲା। ୧୮୬୫ର ଆଜିର ଦିନରେ ପୁନେଠାରେ ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ ଆନନ୍ଦୀ। ଇଂରେଜମାନେ ମହାରାଷ୍ଟ୍ରରେ ଜମିଦାରୀ ପ୍ରଥା ଉଚ୍ଛେଦ କରିବା ପରେ ଆନନ୍ଦୀଙ୍କ ପରିବାରର ଆର୍ଥିକ ସ୍ଥିତି ଖରାପ ହୋଇଯିବାରୁ ତାଙ୍କଠାରୁ ୧୬ ବର୍ଷ ବଡ଼ ଗୋପାଳରାଓଙ୍କ ସହିତ ଆନନ୍ଦୀଙ୍କର ବିବାହ ହୋଇଥିଲା। ଡାକ୍ତର ହେବାର ଲକ୍ଷ୍ୟକୁ ହାସଲ କରିବା ପାଇଁ ଘରୁ ବାହାରିଥିବା ଆନନ୍ଦୀଙ୍କୁ ସେ ସମୟରେ ସମାଜର ଆଲୋଚନାକୁ ସହିବାକୁ ପଡ଼ିଥିଲା ଓ ପରିବାରର ଲୋକମାନେ ତାଙ୍କୁ ସହାୟତା କରିବା ମଧ୍ୟ ବନ୍ଦ କରିଦେଲେ। ପତ୍ନୀଙ୍କ ରୁଚିକୁ ଦେଖିବା ପରେ ପ୍ରଥମେ ତାଙ୍କ ପତି ମିଶନାରୀ ସ୍କୁଲ୍‌ରେ ତାଙ୍କୁ ଦାଖଲ କରେଇଥିଲେ ଆଗକୁ ପଢ଼ିବା ପାଇଁ। ଏହାପରେ ଆନନ୍ଦୀ ପହଞ୍ଚିଥିଲେ କୋଲକାତାରେ ଯେଉଁଠାରେ ସେ ସଂସ୍କୃତ ଓ ଇଂରାଜୀ ପଢ଼ିବା ସହିତ କହିବା ମଧ୍ୟ ଶିଖିଥିଲେ। ଏହାପରେ ପେନ୍‌ସିଲ୍‌ଭାନିଆର ମହିଳା ମେଡିକାଲ୍ କଲେଜରେ ସେ ଆଡ୍‌ମିଶନ ନେଇଥିଲେ। ମାତ୍ର ୧୯ ବର୍ଷର ହୋଇଥିବା ବେଳେ ଆନନ୍ଦୀବାଈ ଏମ୍‌ଡିର ଡିଗ୍ରୀ ହାସଲ କରିବା ପରେ ଦେଶକୁ ଫେରିଥିଲେ। ଏହାପରେ କୋହ୍ଲାପୁରର ଆଲ୍‌ବର୍ଟ ଏଡ୍‌ୱାର୍ଡ ହସ୍‌ପିଟାଲ୍‌ର ମହିଳା ୱାର୍ଡରେ ପ୍ରଭାରୀ ଚିକିତ୍ସକ ଭାବରେ ସେ ନିଯୁକ୍ତି ପାଇଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଡାକ୍ତରୀ ଅଭ୍ୟାସ କରିବା ସମୟରେ ଟିବି ଦ୍ୱାରା ଆକ୍ରାନ୍ତ ହୋଇ ମାତ୍ର ୨୨ ବର୍ଷରେ ତାଙ୍କର ନିଧନ ହୋଇଯାଇଥିଲା।

## କୋଳଥ ଡ଼ାଲି



ଡ଼ାଲିଜାତୀୟ ଫସଲ ମଧ୍ୟରେ ରହିଛି କୋଳଥ ଡ଼ାଲିର ନାମ। ଏହା ଗୁଣକାରୀ ହୋଇଥିଲେ ମଧ୍ୟ ବହୁତ କମ୍ ଲୋକ କୋଳଥ ଡ଼ାଲିକୁ ନିଜ ଖାଦ୍ୟରେ ସାମିଲ କରିଥାନ୍ତି। କିନ୍ତୁ ଯେଉଁ ଲୋକମାନେ ଏହାର ବିଶେଷତା ବିଷୟରେ ଜାଣିଛନ୍ତି ସେମାନେ ଏହାକୁ ପ୍ରଚୁର ପରିମାଣରେ ଖାଇଥାନ୍ତି। ହଜାର ହଜାର ବର୍ଷ ଧରି ମାନବ ସଭ୍ୟତା ଉପଯୋଗ କରୁଥିବା ଏହି ଡ଼ାଲିରେ ରହିଛି ଅନେକ ପୋଷକ ତତ୍ତ୍ୱ। ଆମ ଦେଶରେ ଉତ୍ପନ୍ନ କରାଯାଉଥିବା ଏହି ଡ଼ାଲିର ଚାହିଦା ବିଦେଶରେ ମଧ୍ୟ ଦେଖିବାକୁ ମିଳୁଛି। କୋଳଥ ଡ଼ାଲିକୁ ହର୍ସ ଗ୍ରାମ୍ ବୋଲି କୁହାଯାଏ କାରଣ ପୂର୍ବରୁ ଘୋଡ଼ାମାନଙ୍କୁ କୋଳଥ ଡ଼ାଲି ଖାଇବାକୁ ଦିଆଯାଉଥିଲା। ତେବେ କୋଳଥ ଡ଼ାଲି ସହଜରେ ହଜମ ହୁଏ ନାହିଁ। କିନ୍ତୁ କିଛି ଘଣ୍ଟା ଧରି ଯଦି ଏହାକୁ ଭିଜାଇ ରଖିଦିଆଯାଏ ତେବେ ଅନ୍ୟ ଡ଼ାଲି ପରି ସାମାନ୍ୟ ଭାବରେ ଏହି ଡ଼ାଲି ସିଝିଯିବ। କୋଳଥ ଡ଼ାଲି ଅନ୍ୟ ଡ଼ାଲି ତୁଳନାରେ ସେତେ ପ୍ରସିଦ୍ଧ ନ ହୋଇଥିଲେ ମଧ୍ୟ ଏହାକୁ ଖାଉଥିବା ଲୋକଙ୍କର ସଂଖ୍ୟା ମଧ୍ୟ କମ୍ ନୁହେଁ। ସାଧାରଣତଃ ଦେଶର ପାହାଡ଼ିଆ କ୍ଷେତ୍ର ଓ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକରେ କୋଳଥ ଡ଼ାଲିକୁ ଖୁବ୍ ପସନ୍ଦ କରାଯାଏ। ଅନ୍ୟ ଡ଼ାଲି ଅପେକ୍ଷା ବହୁତ ଶୀଘ୍ର ଖରାପ ହୋଇଯାଉଥିବା କୋଳଥ ଡ଼ାଲି ବିପରୀତ ଜଳବାୟୁରେ ମଧ୍ୟ ଉତ୍ପନ୍ନ ହୋଇପାରେ ଯେପରିକି ଉତ୍ତରାଖଣ୍ଡର ପାହାଡ଼ିଆ ସ୍ଥାନରେ କିମ୍ବା ଦକ୍ଷିଣର ଉଷ୍ଣକଟିବନ୍ଧୀୟ କ୍ଷେତ୍ରରେ। ପାଷାଣକାଳରେ ଲୋକମାନେ କୋଳଥ ଡ଼ାଲି ଚାଷ କରୁଥିଲେ। ଖ୍ରୀ.ପୂ ୨୫୦୦ରେ ଭାରତର ପ୍ରତ୍ନତାତ୍ତ୍ୱିକ ସ୍ଥଳରୁ ଏହି ଡ଼ାଲି ବିଷୟରେ ଜଣାପଡ଼ିଥିଲା। ଖ୍ରୀ.ପୂ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଲେଖାଯାଇଥିବା ଆୟୁର୍ବେଦିକ ଗ୍ରନ୍ଥ 'ଚରକସଂହିତା'ରେ କୋଳଥ ଡ଼ାଲିର ଗୁଣ ବିଷୟରେ ତଥ୍ୟ ରହିଛି। ଗ୍ରନ୍ଥ ଅନୁସାରେ ଏଥିରେ କାଶ, ଶ୍ୱାସ ସମ୍ବନ୍ଧୀୟ ରୋଗରେ ଲାଭ ମିଳିଥାଏ। ଅର୍ଶ ରୋଗୀଙ୍କ ପାଇଁ ମଧ୍ୟ ଏହା ହିତକାରୀ। ଶରୀରରେ ଏହା ଅମ୍ଳ ଓ ବାୟୁର ନାଶ କରିଥାଏ। ଏହା ସ୍ୱାଦରେ କଷା ଓ ଶରୀର ପାଇଁ ମଧ୍ୟ ଗରମ ହୋଇଥାଏ। ଏଥିରେ ପର୍ଯ୍ୟାପ୍ତ ପରିମାଣରେ ମିନେରାଲ୍ସ ଓ ଭିଟାମିନ୍ସ ରହିଛି ଯେଉଁଥିରେ ଫସ୍‌ଫରସ୍, ଲୋହା ଓ ଭିଟାମିନ-ସି, ଥାୟମିନ୍, କ୍ୟାରୋଟିନ୍, ରାଇବୋଫ୍ଲାଭିନ୍ ଓ ନିୟାସିନ୍ ପରି ଖଣିଜ ଭରି ରହିଛି।

## ସାର୍ ଆଇଜାକ୍ ନିଉଟନ୍

**ନିରନ୍ତର ଏକାଗ୍ରତା, ପରିଶ୍ରମ ଯୋଗୁ ଦିନେ ନା ଦିନେ ସ୍ୱପ୍ନ ବାସ୍ତବରେ ପରିଣତ ହୋଇପାରିବ। କୌଣସି ଅନ୍ୱେଷଣ ଏକ ବଡ଼ ଚିନ୍ତାଧାରା ବିନା ସମ୍ଭବ ହୁଏ ନାହିଁ। -ଆଇଜାକ୍ ନିଉଟନ୍।**



ଇତିହାସର ସବୁଠାରୁ ପ୍ରଭାବଶାଳୀ ବୈଜ୍ଞାନିକମାନଙ୍କ ମଧ୍ୟରୁ ଅନ୍ୟତମ ସାର୍ ଆଇଜାକ୍ ନିଉଟନ୍ ପ୍ରାକୃତିକ ଦୁନିଆରେ କ୍ରାନ୍ତି ଆଣିଥିଲେ। ପଦାର୍ଥ ବିଜ୍ଞାନ, ଗଣିତ ଓ ଖଗୋଳ ବିଜ୍ଞାନରେ ତାଙ୍କର ଅଭୂତପୂର୍ବ କାମଗୁଡ଼ିକ ଆଧୁନିକ ବିଜ୍ଞାନର ମୂଳଦୁଆ ଭାବରେ ଏବେ ମଧ୍ୟ କାମ କରୁଛନ୍ତି। ଗତି ଓ ମାଧ୍ୟାକର୍ଷଣର ନିୟମଗୁଡ଼ିକ ପାଇଁ ପ୍ରସିଦ୍ଧ ସାର୍ ଆଇଜାକ୍ ନିଉଟନ୍ ୨୫ ଡିସେମ୍ବର, ୧୬୪୨ରେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଦୁର୍ବଳ ହୋଇ ଜନ୍ମ ହୋଇଥିବା ନିଉଟନ୍‌ଙ୍କୁ ବଞ୍ଚେଇବା ପାଇଁ ବହୁତ କଷ୍ଟ କରିବାକୁ ପଡ଼ିଥିଲା। ପ୍ରାରମ୍ଭରୁ ଠିକ୍ ଭାବରେ କଥା କହିପାରୁ ନଥିଲେ ନିଉଟନ୍। ଏହା ସହିତ ବହୁତ ଜିଦ୍ଦି ଓ କ୍ରୋଧୀ ସ୍ୱଭାବର ସେ ଥିଲେ। ଏପରିକି ଲୋକମାନେ ତାଙ୍କୁ ପାଗଳ ବୋଲି କହୁଥିଲେ। ବିଳମ୍ବରେ ଶିକ୍ଷା ଆରମ୍ଭ କରିଥିବା ନିଉଟନ୍ ଥିଲେ ଅତ୍ୟନ୍ତ ଧାର୍ମିକ ବ୍ୟକ୍ତି। ଯଦିଓ ସେ ଜଣେ ଅଣପରମ୍ପରାଗତ ଈସାଇ ଥିଲେ କିନ୍ତୁ ପ୍ରାକୃତିକ ବିଜ୍ଞାନ ତୁଳନାରେ ବାଇବେଲ୍‌ର ହର୍ମେନିୟୁଟିକ୍ସ (ଶାସ୍ତ୍ରାର୍ଥମୀମାଂସା) ଉପରେ ଅଧିକ ଲେଖିଥିଲେ। ତାଙ୍କ ଜୀବନୀରୁ ଏହି ଶିକ୍ଷା ମିଳେ ଯେ ଦୁର୍ବଳ ପ୍ରାରମ୍ଭ ଓ ପୂରା ଦୁନିଆର ବିରୋଧ ସତ୍ତ୍ୱେ ଲକ୍ଷ୍ୟ ହାସଲ କରିବା ପାଇଁ ଚାହୁଁଥିବା ଜଣେ ବ୍ୟକ୍ତି କିଛି ବି କରିପାରିବ। ସେ ନିଜ ଚିନ୍ତାଧାରାର ଦମ୍‌ରେ ବିଶ୍ୱକୁ ଏପରି ବୈଜ୍ଞାନିକ ସିଦ୍ଧାନ୍ତ ଦେଇଥିଲେ ଯାହା ବିନା ଆମେ ବିଜ୍ଞାନ ସମ୍ପର୍କରେ ଚିନ୍ତା ମଧ୍ୟ କରିପାରିବା ନାହିଁ। ମାଧ୍ୟାକର୍ଷଣ ଶକ୍ତିର ଅନ୍ୱେଷଣ କରିବା ସମୟରେ ସେ କହିଥିଲେ- ଏହା ଏପରି ଏକ ଶକ୍ତି ଯାହା ସବୁ ଜିନିଷ ନିଜ ଆଡ଼କୁ ଟାଣେ। ନିଉଟନ୍‌ଙ୍କ ଅନ୍ୱେଷଣ ବୈଜ୍ଞାନିକ ଚିନ୍ତାଧାରାଗୁଡ଼ିକୁ ଆକାର ଦେଇଥିଲେ ଯେଉଁଗୁଡ଼ିକ ଆଜି ମଧ୍ୟ ବିଭିନ୍ନ କ୍ଷେତ୍ରଗୁଡ଼ିକରେ ମୌଳିକ ଘଟଣା ହୋଇ ରହିଛନ୍ତି। ଏହି ମହାନ ବୈଜ୍ଞାନିକ ୧୭୨୭ର ଆଜିର ଦିନରେ ଲଣ୍ଡନ ଠାରେ ମୃତ୍ୟୁବରଣ କରିଥିଲେ।

# ୧୫ ଫୁଟ୍‌ର ମୃତ ଅଜଗର ଉଦ୍ଧାର

**ସୋର,୩୦।୩/ଏନ୍‌ଏନ୍‌ଏସ୍:** କୁଲଡ଼ିହା ରେଞ୍ଜ ଅନ୍ତର୍ଗତ ସାଲଦୁଆ ଡାହାଣୀ ପାହାଡ଼ ନିକଟରୁ ଏକ ୧୫ ଫୁଟ୍‌ରୁ ଊର୍ଦ୍ଧ୍ୱ ଲମ୍ବର ଅଜଗର ସାପର ମୃତଦେହ ଉଦ୍ଧାର କରାଯାଇଛି। ସାପ ଶରୀରରେ କ୍ଷତ ସୃଷ୍ଟି ହୋଇଥିବାରୁ ହତ୍ୟା କରାଯାଇଥିବା କୁହାଯାଉଛି। ରବିବାର ସକାଳେ କିଛିଲୋକ ସାପଟିକୁ ଖଞ୍ଜାମହାଲ ପଥର ଖଦାନର ୫ନଂ କ୍ୱାରି ନିକଟରେ ଦେଖିଥିଲେ। ପରେ ସାପଟି ମରିଯାଇଥିବା ଜାଣିବାକୁ ପାଇ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ତେବେ ଜଙ୍ଗଲ ଜମି ଉପରେ ଏବେ ପଥର ମାଫିଆଙ୍କ ନଜର ପଡ଼ିଥିବାରୁ ବେଆଇନ ଭାବେ ବ୍ଲାଷ୍ଟିଂ କରି ପଥର ଲୁଟ୍ କରୁଛନ୍ତି। ଏହି କାରଣରୁ ଜଙ୍ଗଲ ଜନ୍ତୁଙ୍କ ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସଟର୍ ତାଡ଼ି ଦୋକାନରୁ ଚୋରି

**ଚାନ୍ଦୋଳ,୩୦।୩/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ବଜାରର ଜିବି ଟ୍ରେଡର୍ସରୁ ସଟର୍ ଭାଙ୍ଗି ଚୋରି ହୋଇଥିବା ନେଇ ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଦୋକାନର ମାଲିକ ଧୀରେନ କୁମାର ସାହୁ ସବୁଦିନ ପରି ଶନିବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ରବିବାର ସକାଳେ ଦୋକାନ ଖୋଲିବାରୁ ସଟର୍ ତାଡ଼ା ଯାଇଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଫାଣ୍ଡିରେ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ପୁଲିସ୍ ତଦନ୍ତ କରିବା ସହ ଦୋକାନ ଭିତରକୁ ଯାଇ ଡ୍ରୟର୍ ଭଙ୍ଗାଯାଇ ସେଥିରେ ଥିବା ୩୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଜଣିବାକୁ ପାଇଥିଲେ। ଏହାସହ ତାଙ୍କ ଦୋକାନ ବାହାରେ ଲାଗିଥିବା ୨ଟି ସିସି କ୍ୟାମେରାକୁ ଚୋରମାନେ ତାଡ଼ି ନେଇଯାଇଥିବା ମଧ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ କେନ୍ଦ୍ରାପଡ଼ା ସଦର ଥାନା ପୁଲିସ ଏକ ମାମଲା ରୁଜୁ କରିଛି। ଏହାସହ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# କୃଷି ଅଧିକାରୀଙ୍କ ମୁଗ କ୍ଷେତ ପରିଦର୍ଶନ



**ଧର୍ମଶାଳା,୩୦।୩/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ୍ କୃଷି ଅଧିକାରୀ ଓ ତାଙ୍କ ସହଯୋଗୀ ବିଭିନ୍ନ ପଞ୍ଚାୟତରେ ହୋଇଥିବା ମୁଗ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏହି ବ୍ଲକ୍ ସମ୍ପାରୁ ପଞ୍ଚାୟତର କାଦୁଅମାଗୁରା ଅଞ୍ଚଳକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ଡାଲି ଜାତୀୟ ଚାଷ କ୍ଷେତକୁ ବ୍ଲକ୍ କୃଷି ଅଧିକାରୀ ସ୍ୱରାଜ କୁମାର ବେହେରା ଓ ଆଶିଷ କୁମାର ବେହେରା ପରିଦର୍ଶନ କରିଛନ୍ତି। ଏଠାରେ କୃଷି ଅଧିକାରୀ ସରଜମିନ୍ ପରିଦର୍ଶନ କରି ସରକାରଙ୍କ ପକ୍ଷରୁ ମାଗଣାରେ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ଉନ୍ନତ କିସମର ବିହନ ଓ କୀଟନାଶକ ସମ୍ପର୍କରେ କୃଷକଙ୍କୁ ପଚାରି ବୁଝିଥିଲେ। ନୂତନ କିସମର ମୁଗଚାଷ କିଭଳି ଚାଷୀ ଭାଇଙ୍କୁ ଅଧିକ ଅମଳ ଦେଇପାରୁଛି ସେ ସମ୍ପର୍କରେ ମଧ ଆଲୋଚନା କରିଥିଲେ। ଏହି ସମୟରେ କୃଷି ଅଧିକାରୀଙ୍କ ସହିତ ବେସରକାରୀ ସଂଗଠନର ମୁଖ୍ୟ ଜ୍ଞାନଦତ୍ତ ବେହେରା, କ୍ଲଷ୍ଟର୍ ସଂଯୋଜକ ମନୋଜ ନାୟକ, ରମେଶ ଚନ୍ଦ୍ର ଦେବତାଙ୍କ ସମେତ ଅଗ୍ରଣୀ ଚାଷୀ ସତ୍ୟରଞ୍ଜନ ନାୟକ, କିରଣ ମଲିକ, ବାଇନ ମଲିକ୍ ଓ ଲିପୁ ବାରିକ ଉପସ୍ଥିତ ଥିଲେ।

# ଚାକିରି ନାଁରେ ଠକେଇ ଘଟଣା, ଅନ୍ୟତମ ଅଭିଯୁକ୍ତ ଗିରଫ



**କେନ୍ଦୁଝର,୩୦।୩/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗରେ ଚାକିରି ଦେବା ନାରେ ୧ କୋଟି ଟଙ୍କାରୁ ଅଧିକ ଟଙ୍କାର ଠକେଇ ହୋଇଛି। ଏହି ଘଟଣାରେ ଟାଉନ ଥାନା ପୁଲିସ ଗତ ୨୬ ତାରଖ ପ୍ରମିଳା ପରିଡ଼ାଙ୍କୁ ଗିରଫ କରିଥିଲା। ରବିବାର ଏହି ମାମଲାରେ ସଦର ଥାନା କଶିରା ଗ୍ରାମର ଭୁବନ କୁମାର ମହାନ୍ତ(୨୯)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ନିକଟରୁ ୧୫ଟି ଏଟିଏମ୍ କାର୍ଡ଼, ୨ଟି ମୋବାଇଲ୍ ଫୋନ୍ ଓ ୧୧୪ଜଣ ଯୁବକ ଯୁବତୀଙ୍କୁ ଚାକିରି ଦେବା ପାଇଁ ଜବ୍ ସହମତି ପତ୍ର ଜବତ ହୋଇଛି। ଭୁବନଙ୍କୁ ୨ ଦିନିଆ ରିମାଣ୍ଡରେ ଅଣାଯିବ ବୋଲି ଟାଉନ୍ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁ ସୂଚନା ଦେଇଛନ୍ତି। ରିମାଣ୍ଡରେ ଆଣିବା ପରେ ଚାକିରି ପାଇଁ କାହାଠାରୁ କେତେ ଅର୍ଥ ନେଇଛି ଏବଂ ଏଥିରେ ଆଉ କିଏ ସଂପୃକ୍ତ ଅଛି ତାହା ଜଣାପଡ଼ିବ। କେବଳ କେନ୍ଦୁଝର ଜିଲ୍ଲା ନୁହେଁ ପଡ଼ୋଶୀ ଜିଲ୍ଲାରେ ବହୁ ଯୁବକ ଯୁବତୀଙ୍କୁ ଠକିଥିବା ନେଇ ଉଭୟଙ୍କ ନାମରେ ଅଭିଯୋଗ ହୋଇଥିଲା। ଗତ ୨୬ ତାରଖ କେନ୍ଦୁଝର ଟାଉନ ଥାନାରେ ୨ଟି ଏତଲାରେ ୧୦ ଜଣ ଏବଂ ସଦର ଥାନାରେ ଜଣେ ଅଭିଯୋଗ କରିବା ପରେ ପୁଲିସ ପ୍ରମିଳା ପରିଡ଼ାଙ୍କୁ ଗିରଫ କରିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିରାଣୀ ଚାକିରି କରାଇଦେବା ପାଇଁ ପ୍ରମିଳା ଏବଂ ଭୁବନ ଯୁବକ ଯୁବତୀଙ୍କଠାରୁ ଏହି ଅର୍ଥ ନେଉଥିଲେ।

## ଜିଲ୍ଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭ

# ‘ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାରକୁ ସମ୍ମାନର ସହ ବଞ୍ଚିବାକୁ ଭରସା ଦେବ’

**କେନ୍ଦୁଝର,୩୦।୩/ଏନ୍‌ଏନ୍‌ଏସ୍:** କଳାହାଣ୍ଡିର ଭବାନୀପାଟଣାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। କେନ୍ଦୁଝରସ୍ଥିତ ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ଖେଳ ପଡ଼ିଆରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦୁଝର



ସାଂସଦ ଅନନ୍ତ ନାୟକ ଯୋଗଦେଇ ଏହି ଯୋଜନା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହ ବଞ୍ଚିବାକୁ ଆଶା ଓ ଭରସା ଯୋଗାଇଦେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ବିଶାଲ ସିଂହ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ ଓ କେନ୍ଦୁଝର ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ସମସ୍ତ ୧୩ଟି ବ୍ଲକ୍‌ରେ ଏହି ଯୋଜନାର ଶୁଭାରମ୍ଭ ହୋଇଛି। ଏଥିରେ ବିଭିନ୍ନ ବର୍ଗର ୧୦ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟା ଯାଇଥିଲା। ପ୍ରକାଶଥାଉକି ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧ଲକ୍ଷ ୨୦ ହଜାର ଟଙ୍କା ଦିଆଯିବା ସହ ଏଥିରେ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକୀୟ ସୁବିଧା ଦିଆଯିବ। ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ୍, ଜଳଜୀବନ ମିଶନରୁ ସ୍ୱଚ୍ଛ ପାନୀୟଜଳ ଓ ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ୍ ସଂଯୋଗ ଆଦି ଯୋଗାଇ ଦିଆଯିବ। ଜୀବନଯାପନ ପାଇଁ ସବୁ ଆବଶ୍ୟକୀୟ ସୁବିଧା ଦିଆଯିବ। ଅଧିକ ଲୋକଙ୍କୁ ଘର ଦେବା ପାଇଁ ଏହି ଯୋଜନାରେ ‘ପରିବାର’ ଓ ‘ପକ୍କା ଘର’ର ସଂଜ୍ଞାକୁ ମଧ ସରଳ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀଙ୍କ ‘ମନ୍ କି ବାତ’ କାର୍ଯ୍ୟକ୍ରମକୁ ମଧ ଉପସ୍ଥିତ ଜନସାଧାରଣ ଶୁଣିଥିଲେ।

**ବାରିପଦା:** ବାରିପଦା ବ୍ଲକ୍ ଜିଲ୍ଲାପରିଷଦ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ



କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲ୍ଲାପରିଷଦ ଅଧକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଏପିଡି ଶାନ୍ତନୁ କୁମାର ନାୟକ ଓ ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଶ୍ରୀ ପାତ୍ର କହିଥିଲେ ଯେ ପ୍ରତ୍ୟେକ ପରିବାର ପାଇଁ ବାସଗୃହ ଏକ ମୌଳିକ ଆବଶ୍ୟକତା। ତେଣୁ ଏହି ଯୋଜନା ମାଧମରେ ଏହି ମୌଳିକ ଆବଶ୍ୟକତାକୁ ପୂରଣ କରାଯାଇ ପକ୍କା ଗୃହ ଯୋଗାଇ ଦିଆଯିବ ବୋଲି ଶ୍ରୀ ପାତ୍ର କହିଥିଲେ। ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ବେହେରା ଏହି ଯୋଜନା ସମ୍ପର୍କରେ ସମ୍ୟକ୍ ସୂଚନା ଦେବା ସହ ଆଜି ସୁଦ୍ଧା ଜିଲ୍ଲାରେ ସମୁଦାୟ ୨,୨୫୩ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳ ଶ୍ରୀ ସୟ ବାରିପଦା ବ୍ଲକ୍‌ର ପଞ୍ଜିକୃତ ହୋଇଥିବା ୧୧୬ ଜଣ ହିତାଧିକାରୀଙ୍କ ମଧ୍ୟରୁ କିଛି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବାଣ୍ଟିଥିଲେ। ଏଥିରେ ବିଭିନ୍ନ ପଦାଧିକାରୀ, ବାରିପଦା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର କାର୍ଯ୍ୟକର୍ତ୍ତା, ପିଆର୍‌ଆଇ ମେମ୍ବର ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

**କେନ୍ଦ୍ରାପଡ଼ା:** ରାଜ୍ୟରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଛି। ଏହିକ୍ରମେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ନେତ୍ରୀ ଗୀତାଞ୍ଜଳୀ ସେଠୀ, କେନ୍ଦ୍ରାପଡ଼ା ମଣ୍ଡଳ ଉନ୍ନୟନ ଅଧିକାରୀ ଅଭିଷେକ ସ୍ୱାଇଁ, ବ୍ଲକ୍ ଅଧକ୍ଷା ରଶ୍ମିତା ସେଠୀ, ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ରଥ, ସଭ୍ୟା ମଧୁଛନ୍ଦା ମହାନ୍ତି ଓ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶୁଭ୍ରଜିତ୍ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି ରାଜ୍ୟରେ ମୋଟ୍ ୫୯ ହଜାର ହିତାଧିକାରୀଙ୍କୁ ଏହି ଯୋଜନାରେ ଗୃହ ଯୋଗାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାରେ ୧୫୫୯ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଯୋଗାଇବାକୁ



ପ୍ରସ୍ତାବ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ୬ ଜଣ ଯୋଗ୍ୟ ହିତାଧିକାରୀ କୁଇଧର ବିଶ୍ୱାଳ, ଅନ୍ତର୍ଯ୍ୟାମୀ ମହାନ୍ତି, ରେବତୀ ସ୍ୱାଇଁ, ବୁଲା କିଶୋର ମଲିକ, ଧନଞ୍ଜୟ ପରିଡ଼ା ଓ ପ୍ରହଲ୍ଲାଦ ଜେନାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏଥିରେ ଭିନ୍ନକ୍ଷମ, ବିଧବା, ଶହୀଦ ପରିବାର, ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତି ଓ ଦୁର୍ଘଟଣାରେ ଅଙ୍ଗ ହରାଇଥିବା ଯୋଗ୍ୟ ଗରିବ ହିତାଧିକାରୀ ୧ଲକ୍ଷ ୨୦ହଜାର ଅର୍ଥରାଶି ପାଇବେ। ଏହାସହ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍, ପାନୀୟଜଳ, ସ୍ୱଚ୍ଛ ଭାରତ ମିଶନରେ ଶୌଚାଳୟ ଓ ୯୦ ଦିନର ମଜୁରୀ ମାଗଣାରେ ପ୍ରଦାନ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ହିତାଧିକାରୀ, ଜନସାଧାରଣ, ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀଙ୍କ ସମେତ ବିଭିନ୍ନ ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ।

**ବାଲେଶ୍ୱର:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟକାରିତା ଅବସରରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଏହି ଯୋଜନା ଗ୍ରାମାଞ୍ଚଳର ପ୍ରତ୍ୟେକ ପରିବାର ପାଇଁ ସମ୍ମାନର ସହ ବଞ୍ଚିବାକୁ ଆଶା ଓ ଭରସା ଯୋଗାଇଦେବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲାପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ୍ ଅଧକ୍ଷା ସୁନିତା ବେହେରା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ହେମନ୍ତ ସିଂ, ବାଲେଶ୍ୱର ଭାରପ୍ରାପ୍ତ ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟ ଓ ସଦର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟା ଯାଇଥିଲା । ପ୍ରକାଶଥାଉକି ଏହି ଯୋଜନାରେ ପ୍ରତ୍ୟେକ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ସହ ଅନ୍ୟାନ୍ୟ ଯୋଜନାର ସମନ୍ୱୟ କରାଯାଇ ବିଭିନ୍ନ ଆବଶ୍ୟକୀୟ ସୁବିଧା ଦିଆଯିବ। ସ୍ୱଚ୍ଛ ଭାରତ ମିଶନରୁ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରୁ ରନ୍ଧନ ଗ୍ୟାସ୍, ଜଳ ଜୀବନ ମିଶନରୁ ସ୍ୱଚ୍ଛ ପାନୀୟଜଳ ଓ ସୌଭାଗ୍ୟ ଯୋଜନାରୁ ବିଦ୍ୟୁତ୍ ସଂଯୋଗ ଆଦି ଯୋଗାଇ ଦିଆଯିବ। ଏହି ଯୋଜନାରେ ସମାଜରେ ସବୁଠୁ ଅଧିକ ଗରିବ ଓ ଅସହାୟ ଲୋକମାନେ ଉପକୃତ ହେବେ। କର୍କଟ, କୁଷ୍ଠ, କିଡ୍‌ନୀ, ଲିଭର୍ ସିରୋସିସ, ଥାଲାସେମିଆ ଓ ଏଡସ୍ ପରି ରୋଗଗ୍ରସ୍ତ



ପରିବାର ଏବଂ ଅନାଥ, ନିରାଶ୍ରୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୁରନ୍ତ ଗୃହ ଯୋଗାଇ ଦିଆଯିବ। ଏହାସହ ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ, ମୁକ୍ତ ଗୋତି ଶ୍ରମିକ, ଜାତୀୟ ଓ ଆନ୍ତର୍ଜାତୀୟସ୍ତରର କ୍ରୀଡ଼ାବିତ୍‌ମାନେ ମଧ ଏହି ଯୋଜନାରେ ଉପକୃତ ହୋଇପାରିବେ। ଆଭାଷୀ ଜରିଆରେ ଜିଲ୍ଲାର ସମସ୍ତ ୧୨ ବ୍ଲକ୍ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ସଭାସ୍ଥଳ ସହ ଯୋଡ଼ି ହୋଇଥିଲେ।

**ଯାଜପୁର:** ଯାଜପୁର ଜିଲ୍ଲାର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ସମାଜର ଶେଷ ଧାଡ଼ିରେ ଥିବା ଗରିବଙ୍କ ପାଇଁ ପକ୍କା ଛାତ ଘରଟିଏ ଗଢ଼ି ଏକ ସୁରକ୍ଷିତ ଆଶ୍ରୟସ୍ଥଳୀ ପ୍ରଦାନ କରିବା ନିମନ୍ତେ ଆମ ସରକାର ପ୍ରତିଶ୍ରୁତି ଦେଇଥିଲେ। ସେହି ଆଶା ଓ ଆକାଂକ୍ଷାକୁ ପୂରଣ କରିବାକୁ ଆଜି ଆମ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭ କରିଛନ୍ତି ବୋଲି ଶ୍ରୀ ବଳସାମନ୍ତ କହିଥିଲେ। ଗୃହ ଯୋଜନାରେ ଗୃହ ନିର୍ମାଣ କରୁଥିବା ହିତାଧିକାରୀଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ୯୦ ବା ୯୫ ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମ ପାରିଶ୍ରମିକ ସେବା ସହ ଅନ୍ୟାନ୍ୟ ଯୋଜନା ଆଦିର ସୁବିଧା ମଧ ଯୋଗାଇ ଦିଆଯିବ। ଯାଜପୁର ଜିଲ୍ଲାର ୪,୩୮୦ ଜଣ



ହିତାଧିକାରୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ୧୦ଟି ବ୍ଲକ୍‌ର ୩,୩୨୧ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ବିଧାୟିକା ସୁଜାତା ସାହୁ, ବ୍ଲକ୍ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଉପଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ବିଭାଗୀୟ ଅଧିକାରୀ, ବିଡିଓ ହେମନ୍ତ କୁମାର ମହାନ୍ତ, ପଞ୍ଚାୟତ ପ୍ରତିନିଧି, ହିତାଧିକାରୀ, ମିଶନଶକ୍ତି ମହିଳା, ବୁଦ୍ଧିଜିବୀ ଓ ଗଣମାଧମ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅଶୋକ କୁମାର ବେହୁରିଆ ଧନ୍ୟବାଦ ଦେଇଥିଲେ।

# ବେପରୁଆ ଗାଡ଼ିଚାଳନା ଯୋଗୁ ମାଙ୍କଡ଼ର ଜୀବନ ଗଲା

**ତାଳଚେର,୩୦।୩/ଏନ୍‌ଏନ୍‌ଏସ୍:** ତାଳଚେର ଟାଉନ ଥାନା ଅନ୍ତର୍ଗତ ପବିତ୍ରମୋହନ ଛକରେ ଏକ ଦ୍ରୁତଗାମୀ ଟ୍ରକ୍ ଚକାତଳେ ପଡ଼ି ଏକ ମାଙ୍କଡ଼ ଜୀବନ ଯାଇଛି। ଅନ୍ୟପଟେ ଟ୍ରକ୍ ଚାଳକ ଦୁର୍ଘଟଣା ଘଟାଇବା ମାତ୍ରେ ସେଠାରୁ ଆଖି ପିଛୁଳାକେ ଫେରାର୍ ହୋଇଯାଇଥିଲା। ଉକ୍ତ ଘଟଣା ପରେ ସେହି ଅଞ୍ଚଳର ଲୋକମାନେ ଉତ୍ତ୍ୟକ୍ତ ହୋଇ ପ୍ରଶାସନ ଓ ନିର୍ବାଚିତ ଲୋକପ୍ରତିନିଧିଙ୍କ କାର୍ଯ୍ୟକଳାପକୁ ନେଇ ସମାଲୋଚନା କରିଥିଲେ। ଏହି ହୃଦୟ ବିଦାରକ ଦୃଶ୍ୟ ଦେଖି ସମାଜସେବୀ ବାବୁ ସାହୁ ମାଙ୍କଡ଼ର ମୃତଦେହ ଉଦ୍ଧାର କରି ନିକଟସ୍ଥ ଏକ ପଡ଼ିଆରେ ପୋତି



ଦେଇଥିଲେ। ତେବେ ଏହି ମୁଖ୍ୟରାସ୍ତା ଦେଇ ଲୋକେ ବିଭିନ୍ନ ସରକାରୀ, ବେସରକାରୀ, ସ୍କୁଲ୍, କଲେଜ, ଅଙ୍ଗନାବାଡ଼ି ଓ ବ୍ୟାଙ୍କକୁ ଯାତାୟତ କରୁଥିବାରୁ ତାଳଚେର ଜିଲ୍ଲା ପ୍ରଶାସନ ପକ୍ଷରୁ ନୋ ଏଣ୍ଟ୍ରି ଲଗାଇବାକୁ ବୁଦ୍ଧିଜିବୀ ମହଲରୁ ଦାବି ହେଉଛି।

## ଜଗନ୍ନାଥ ଟ୍ରକ୍ ମାଲିକ ସଂଘରେ ଦୁର୍ନୀତି ଅଭିଯୋଗ

# ସଂଘ କାର୍ଯ୍ୟାଳୟ ସାମ୍ନାରେ ଧାରଣା



**ତଦନ୍ତ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରଖିବାକୁ ଚେତାବନୀ**

**ପାରାଦୀପ,୩୦।୩/ଏନ୍‌ଏନ୍‌ଏସ୍:** ପାରାଦୀପର ଦ୍ୱିତୀୟ ବୃହତ୍ ଟ୍ରକ୍ ମାଲିକ ସଂଘ ଜଗନ୍ନାଥ ଟ୍ରକ୍ ମାଲିକ ସଂଘରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ନେଇ କିଛି ସଦସ୍ୟ ସଂଘ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି। ସଂଘର ୪୦ରୁ ୫୦ ସଭ୍ୟ ଗତ ୩ ମାସ ମଧ୍ୟରେ ସେମାନଙ୍କ ଟ୍ରକ୍ ପାଖାପାଖି ୫୦୦ ଟ୍ରିପ୍ ପରିବହନ କରି ବିପୁଳ ଆୟ କରିଥିବାବେଳେ ୬୦୦ରୁ ଊର୍ଦ୍ଧ୍ୱ ସଭ୍ୟ ଟ୍ରକ୍‌ର କିସ୍ତି ଦେଇ ନପାରି ଆର୍ଥିକ ଅନାଟନର ସମ୍ମୁଖୀନ ହେଉଛନ୍ତି। ସଂଘର ବିଭିନ୍ନ ପଦବୀରେ ଥିବା କିଛି ସଭ୍ୟ ବାହାର ଗାଡ଼ି ଓ ନିଜର ଗାଡ଼ିକୁ ଲୋଡିଂ ଦେଉଛନ୍ତି। ଯେଉଁ ଗାଡ଼ିକୁ ଲୋଡିଂ ଦିଆଯାଉଛି ତା’ର ଲୋଡିଂ ରିପୋର୍ଟ କିମ୍ବା ସଂଘର ସ୍ଲିପ୍ ସଂଘ ନିକଟରେ ନଥିବା ନେଇ ଅଭିଯୋଗ ହୋଇଛି। ବର୍ଷେ ହେଲା ଏଭଳି ଚଞ୍ଚକତା କରାଯାଇ ସଂଘର ସଭ୍ୟଙ୍କୁ କର୍ମକର୍ତ୍ତାମାନେ ଆର୍ଥିକ ଦୁର୍ବଳ କରୁଥିବା ନେଇ ସଂଘର ସଂଖ୍ୟାଧିକ ସଭ୍ୟ କାର୍ଯ୍ୟାଳୟ ସାମ୍ନାରେ ଧାରଣ ଦେଇଛନ୍ତି। ଅନ୍ୟପଟେ ସଂଘର ଆଉ କିଛି ସଦସ୍ୟ ସଂଘ ନାମରେ ୨୨ କୋଟି ଟଙ୍କାର ଆୟକର ନୋଟିସ୍‌କୁ ଲୁଚାଇଥିବାବେଳେ ଜଣେ ସଭ୍ୟଙ୍କ ନାମରେ ମାମଲା ରୁଜୁ କରି ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଯେପର୍ଯ୍ୟନ୍ତ ଘଟଣାର ସଠିକ୍ ତଦନ୍ତ ନହୋଇଛି ସେପର୍ଯ୍ୟନ୍ତ ଧାରଣା ଜାରୀ ରହିବ ବୋଲି ଆନ୍ଦୋଳନକାରୀ ସଭ୍ୟମାନେ ଚେତାବନୀ ଦେଇଛନ୍ତି। ଏହାସହ କିଛି ସଭ୍ୟ ଧାରଣାକୁ ବିରୋଧ ମଧ କରିଥିଲେ।

## ଶ୍ରୀରାମ ନବମୀ ମହୋତ୍ସବ

# ବାଇକ୍ ରାଲି ସହ ଗୋ-ମାତା ଓ ସାଧୁସନ୍ଥ ପୂଜନ

**ଭଦ୍ରକ,୩୦।୩/ଏନ୍‌ଏନ୍‌ଏସ୍:** ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଭଦ୍ରକ ବ୍ଲକ୍ ଅନ୍ତର୍ଗତ କଲେଇ ପଞ୍ଚାୟତର ମଙ୍ଗଳାପଦା ହାଇସ୍କୁଲ୍‌ରେ ଗୋମାତା ଓ ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମଠ ମନ୍ଦିରରୁ ଆସିଥିବା ୬୦ରୁ ଊର୍ଦ୍ଧ୍ୱ ସାଧୁ ସନ୍ନ୍ୟାସୀ ଓ ୫୦ରୁ ଊର୍ଦ୍ଧ୍ୱ ଗୋ-ମାତାଙ୍କ ପୂଜା କରାଯାଇଥିଲା। ପୂର୍ବାହ୍ନରେ ଗାନ୍ଧୀ ପଡ଼ିଆରେ ଭୂମି ପୂଜନ ସରିବା ପରେ ସାଧୁସନ୍ଥଙ୍କୁ ସ୍ୱାଗତ କରି ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ସହର ମଧ ଦେଇ ଆର୍‌ଡି ଛକ, ନଳାଙ୍ଗ ହୋଇ ରଙ୍ଗରାଜପୁର, କଣ୍ଟାପଡ଼ା ଓ ଚୁନିଦା ପରିକ୍ରମା କରି ପୂଜନ ସ୍ଥଳୀକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ସମ୍ବର୍ଦ୍ଧିତ କରାଯାଇଥିଲା। ସାଧୁସନ୍ଥଙ୍କ ଦ୍ୱାରା ଗୋ-ମାତାଙ୍କୁ ପୂଜା କରାଯିବା ସହ ହିନ୍ଦୁ ନବବର୍ଷ ପାଳନ କରାଯାଇଥିଲା। ଉତ୍କୃଷ୍ଟ ଗୋମାତାଙ୍କୁ ଚିହ୍ନଟ କରାଯାଇ ଏହାର ପାଳକଙ୍କୁ ସମ୍ମାନିତ କରାଯିବ



ବୋଲି ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସାଧୁସନ୍ଥ ମଙ୍ଗଳାପଦାରେ ପହଞ୍ଚିବା ପରେ ଗ୍ରାମର ମହିଳାମାନେ ସ୍ୱାଗତ କରି ସଭାସ୍ଥଳକୁ ପାଛୋଟି ନେଇଥିଲେ। ସନାତନ ଧର୍ମର ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସନ୍ଥ ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସନ୍ଥ ଉପସ୍ଥିତ ରହି ଆଶୀର୍ବଚନ ପ୍ରଦାନ କରିବା ସହ ଗୌରବମୟ ଭାରତୀୟ ସଂସ୍କୃତି, ପରମ୍ପରା ଓ ଗୋ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସନ୍ଥଙ୍କ ମଧ୍ୟରେ ସ୍ୱାମୀ ଆଶ୍ରୟାନନ୍ଦଜୀ ମହାରାଜ, ବାବା ଦଣ୍ଡଧାରୀ ମହାରାଜ ହିନ୍ଦୁ ସମାଜ, ହିନ୍ଦୁତ୍ୱ, ହିନ୍ଦୁ ନବବର୍ଷ ଓ ଗୋସେବା ସମ୍ପର୍କରେ କହିଥିଲେ। ଏହି ଅବସରରେ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ଆଇନଜୀବି ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ଉପସଭାପତି ଜଗନ୍ନାଥ ଦାଶ, ତ୍ରିଲୋଚନ ନାୟକ, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମ୍ପାଦକ ଆଇନଜୀବି ତୁଷାରକାନ୍ତ ଦାସ, ସ୍ୱରୂପାନନ୍ଦ ମହାପାତ୍ର, ସ୍ୱାଧୀନ ସୁନ୍ଦର ଦାସ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଉପଦେଷ୍ଟା ପ୍ରଦୀପ୍ତ ବିଶ୍ୱାଳ, କେନ୍ଦ୍ରୀୟ ଗୋ-ପୂଜନ ସଂଯୋଜକ ରଘୁନାଥ ସାହୁ, ଡା. ଦେବରାଜ ପାତ୍ର ଓ କେନ୍ଦ୍ରୀୟ ସମିତିର ବରିଷ୍ଠ ସଦସ୍ୟ କୈଳାସ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ନାଳରେ ବୁଡ଼ି ନାବାଳକ ମୃତ

**କାମାକ୍ଷାନଗର,୩୦।୩/ଏନ୍‌ଏନ୍‌ଏସ୍:** ଭୋଜି ହେଲା କାଳ। ଭୋଜି କରିବାକୁ ଯାଇ ନାଳରେ ଗାଧୋଉଥିବାବେଳେ ୧୩ ବର୍ଷୀୟ ନାବାଳକର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କଙ୍କଡ଼ାହାଡ଼ ଥାନା ମକୁଆକାଟେଣୀ ଗ୍ରାମର କେଶରୀ ସାହୁଙ୍କ ପୁଅ ଅଂଶୁମାନ ସାହୁ। ଅଂଶୁମାନ ରବିବାର ସକାଳୁ ସାଙ୍ଗସାଥୀଙ୍କ ସହ ମକୁଆକାଟେଣୀ ଗାଁ ନିକଟରେ ଯାଇଥିବା ରେଙ୍ଗାଳି ବାମପାର୍ଶ୍ୱ କେନାଲ ପାଖରେ ଥିବା ହଳଧର ନାଳ ନିକଟକୁ ଭୋଜି କରିବାକୁ ଯାଇଥିଲା। ଭୋଜି ଚାଲିଥିବାବେଳେ ଅଂଶୁମାନ ପାଖରେ ଥିବା ହଳଧର ନାଳକୁ ଗାଧୋଇବା ପାଇଁ ଯାଇଥିଲା। କିନ୍ତୁ ଅସାବଧାନତାବଶତଃ ଅଂଶୁମାନର ଗୋଡ଼ ଖସିଯିବାରୁ ସେ ନାଳ ଭିତରେ ବୁଡ଼ି ଯାଇଥିଲା। ଅଂଶୁମାନ ଫେରିବାକୁ ବିଳମ୍ବ ହେବାରୁ ସାଙ୍ଗସାଥୀମାନେ ତାକୁ ଖୋଜିବାକୁ ଯାଇ ସେ ନାଳରେ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚି ଅଂଶୁମାନକୁ ଉଦ୍ଧାର କରି ତୁରନ୍ତ କାମାକ୍ଷାନଗର ମେଡିକାଲ୍‌ରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଅଂଶୁମାନକୁ ମୃତ ଘୋଷଣା କରିଥିଲେ।



**ଆଜିର ମ୍ୟାଚ୍**

ମୁମ୍ବାଇ ଇଣ୍ଡିଆନ୍ସ ବନାମ କୋଲକାତା ନାଇଟ୍ ରାଇଡର୍ସ

ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ମୁମ୍ବାଇ

ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

# ଛକାରେ ଅନିକେତଙ୍କ ନୂଆ ରେକର୍ଡ

## ଅର୍ଦ୍ଧଶତକରେ ଏସ୍‌ଆର୍‌ଏଚ୍‌ର ଚତୁର୍ଥ ଯୁବ ବ୍ୟାଟର୍



**ବିଶାଖାପାଟଣା,୩୦।୩/ଏଜେନ୍ସି:** ଆଇପିଏଲ୍ ୨୦୨୫ ସିଜନ୍‌ର ଦଶମ ମ୍ୟାଚ୍ ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ବିଶାଖାପାଟଣା ଷ୍ଟାଡିୟମ୍‌ରେ ଖେଳାଯାଇଛି। ଏହି ମ୍ୟାଚ୍‌ରେ ହାଇଦ୍ରାବାଦର ଯୁବ ବ୍ୟାଟର୍ ଅନିକେତ ବର୍ମା ବିସ୍ଫୋରକ ପ୍ରଦର୍ଶନ ସହ ୪୧ ବଲ୍‌ରେ ୭୪ ରନ୍‌ର ଇନିଂସ୍ ଖେଳି କେତେକ ରେକର୍ଡ ହାସଲ କରିଛନ୍ତି। ପଞ୍ଚମ ସ୍ଥାନରେ ବ୍ୟାଟିଂ ପାଇଁ ଆସିଥିବା ଅନିକେତ ଅର୍ଦ୍ଧଶତକ ହାସଲ କରିବାରେ ହାଇଦ୍ରାବାଦର ଚତୁର୍ଥ ଯୁବ ବ୍ୟାଟର୍ ହୋଇଛନ୍ତି। ସେ ୨୩ ବର୍ଷ ୫୩ ଦିନ ବୟସରେ ଏହି ଉପଲବ୍ଧି ହାସଲ କରିଛନ୍ତି। ଏହି ସୂଚୀର ଶୀର୍ଷରେ ପ୍ରିୟମ୍ ଗର୍ଗ ରହିଛନ୍ତି। ୨୦୨୦ରେ ପ୍ରିୟମ୍ ୧୯ ବର୍ଷ ୩୦୭ ଦିନ ବୟସରେ ସିଏସ୍‌କେ ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ସୂଚୀର ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଯଥାକ୍ରମେ ନିତିଶ ରେଡ୍ଡୀ (୨୦ ବର୍ଷ ୩୧୯ ଦିନ) ଓ ଅଭିଷେକ ଶର୍ମା (୨୧ ବର୍ଷ ୨୧୭ ଦିନ) ରହିଛନ୍ତି। ଏହା ବ୍ୟତୀତ ଅନିକେତ ନିଜ ଇନିଂସ୍‌ରେ ୧୮୦.୪୮ ଷ୍ଟ୍ରାଇକ୍ ରେଟ୍‌ରେ ପାଞ୍ଚ ଚୌକା ଓ ଛଅ ଛକା ଲଗାଇଛନ୍ତି। ଏହା ସହିତ କୌଣସି ଆଇପିଏଲ୍ ସିଜନ୍‌ର ପ୍ରଥମ ତିନିଟି ଇନିଂସ୍‌ରେ ସର୍ବାଧିକ ଛକା ହାସଲ କରିବାରେ ଅନ୍‌କ୍ୟାପ୍‌ଡ ଭାରତୀୟ ବ୍ୟାଟର୍‌ର ରେକର୍ଡ ନିଜ ନାମରେ କରିଛନ୍ତି। ଚଳିତ ସିଜନ୍‌ରେ ବର୍ତ୍ତମାନ ସୁଦ୍ଧା ତାଙ୍କ ନାମରେ ୧୦ଟି ଛକା ହୋଇଛି। ଏହି ମାମଲାରେ ସେ ଦୀପକ ହୁଡ୍ଡାଙ୍କୁ ପଛରେ ପକାଇ ଦେଇଛନ୍ତି। ଦୀପକ ହୁଡ୍ଡା ପ୍ରାରମ୍ଭିକ ୩ ଇନିଂସ୍‌ରେ ୯ ଛକା ହାସଲ କରିଥିଲେ।

## ମିଚେଲ୍ ଷ୍ଟାର୍କଙ୍କୁ ୫ ୱିକେଟ୍, ଡୁପ୍ଲେସିସ୍‌ଙ୍କ ଅର୍ଦ୍ଧଶତକ

# ଦିଲ୍ଲୀ କ୍ୟାପିଟାଲ୍ସର ଦ୍ୱିତୀୟ ବିଜୟ

## ହାଇଦ୍ରାବାଦକୁ ୭ ୱିକେଟ୍‌ରେ ହରାଇଲା



**ବିଶାଖାପାଟଣା,୩୦।୩/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୫ ସିଜନ୍‌ର ଦଶମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍)କୁ ହରାଇ ଦେଇଛି। ସ୍ଥାନୀୟ ଡା. ୱାଇଏସ୍ ରାଜଶେଖର ରେଡ୍ଡୀ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ହାଇଦ୍ରାବାଦ ୧୮.୪ ଓଭର୍‌ରେ ୧୬୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଦିଲ୍ଲୀ ୧୬ ଓଭର୍‌ରେ ୩ ୱିକେଟ୍ ବିନିମୟରେ ୧୬୬ ରନ୍ କରି ବିଜୟୀ ହୋଇଛି। ୫ ୱିକେଟ୍ ନେଇଥିବା ଦିଲ୍ଲୀର ମିଚେଲ୍ ଷ୍ଟାର୍କଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ମିଳିଛି। ଅକ୍ଷର ପଟେଲ୍‌ଙ୍କ ନେତୃତ୍ୱାଧୀନ ଦିଲ୍ଲୀର ଏହା କ୍ରମାଗତ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ହାଇଦ୍ରାବାଦର ୩ଟି ମ୍ୟାଚ୍‌ରେ ଲଗାତାର ଦ୍ୱିତୀୟ ପରାଜୟ। ଦିଲ୍ଲୀ ପ୍ରଥମ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ୍‌କୁ ୧ ୱିକେଟ୍‌ରେ ହରାଇ ସିଜନ୍‌ରେ ଅଭିଯାନ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ହାଇଦ୍ରାବାଦ ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ୪୪ ରନ୍‌ରେ ହରାଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଲକ୍ଷ୍ନୌଠାରୁ ୫ ୱିକେଟ୍‌ରେ ପରାଜିତ ହୋଇଥିଲା। ଏହି ବିଜୟ ଫଳରେ ଦିଲ୍ଲୀ ୪ ପଏଣ୍ଟ ସହ ଟେବଲ୍‌ର ଦ୍ୱିତୀୟ ସ୍ଥାନକୁ ଉଠିଛି।

୧୬୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଦିଲ୍ଲୀ ପକ୍ଷରୁ ଜ୍ୟାକ୍ ଫ୍ରେଜର୍-ମାକଗର୍କ ଓ ଫାଫ୍ ଡୁପ୍ଲେସିସ୍ ଜୋରଦାର ଆରମ୍ଭ କରିଥିଲେ। ଉଭୟ ପ୍ରଥମ ୱିକେଟ୍ ପାଇଁ ୮୧ ରନ୍‌ର ପାର୍ଟନରଶିପ୍ କରିଥିବା ବେଳେ ଡୁପ୍ଲେସିସ୍‌ଙ୍କୁ ଆଉଟ୍ କରି ଜିଶାନ୍ ଅନ୍‌ସାରୀ ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ। ୨୭ ବଲ୍‌ରେ ୩ଟି ଲେଖାଏ ଛକା ଓ ଚୌକା ସହାୟତାରେ ୫୦ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଥିଲେ। ଡୁପ୍ଲେସିସ୍‌ଙ୍କ ପରେ ଫ୍ରେଜର୍-ମାର୍କଗର୍କ ୩୨ ବଲ୍‌ରେ ୪ ଚୌକା ଓ ୨ ଛକା ସହାୟତାରେ ୩୮ ରନ୍ କରି ବିଦାୟ ନେଇଥିଲେ। ଦିଲ୍ଲୀ ପକ୍ଷରୁ ପ୍ରଥମ ମ୍ୟାଚ୍ ଖେଳିଥିବା କେଏଲ୍ ରାହୁଲ ୫ ବଲ୍‌ରେ ୨ଟି ଚୌକା ଓ ଗୋଟିଏ ଛକା ସହାୟତାରେ ୧୫ ରନ୍ କରି ଜିଶାନ୍ ଅନ୍‌ସାରୀଙ୍କ ତୃତୀୟ ଶିକାର ହୋଇଥିଲେ। ଏହାପରେ ଅଭିଷେକ ପୋରେଲ୍ ଓ ଟ୍ରିଷ୍ଟାନ୍ ଷ୍ଟବ୍ସ ଆଉ କୌଣସି ୱିକେଟ୍‌ର ପତନ ଘଟିବାକୁ ନଦେଇ ୧୬ ଓଭର୍‌ରେ ଦିଲ୍ଲୀକୁ ବିଜୟୀ କରାଇଥିଲେ। ପୋରେଲ୍ ୧୮ ବଲ୍‌ରେ ଦୁଇଟି ଲେଖାଏ ଚୌକା ଓ ଛକା ସହାୟତାରେ ୩୪ ଏବଂ ଷ୍ଟବ୍ସ ୧୪ ବଲ୍‌ରେ ତିନିଟି ଚୌକା ସହାୟତାରେ ୨୧ ରନ୍ କରି ଅପରାଜିତ ଫେରିଥିଲେ।

ପୂର୍ବରୁ ଟସ୍ ଜିତି ବ୍ୟାଟିଂ ନେଇଥିବା ହାଇଦ୍ରାବାଦର ଆରମ୍ଭ ଭଲ ନଥିଲା ଏବଂ ଟିମ୍ ୩୪ ରନ୍‌ରେ ୪ଟି ୱିକେଟ୍ ହରାଇଥିଲା। ଅଭିଷେକ ଶର୍ମା (୧) ପ୍ରଥମ ଓଭର୍‌ରେ ରନ୍‌ଆଉଟ୍ ହେବା ପରେ ମିଚେଲ୍ ଷ୍ଟାର୍କ ତୃତୀୟ ଓଭର୍‌ରେ ଈଶାନ୍ କିଶନ୍ (୨) ଏବଂ ନିତିଶ ରେଡ୍ଡୀ (୦)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଏହାପରେ ୫ମ ଓଭର୍‌ର ପ୍ରଥମ ବଲ୍‌ରେ ଟ୍ରାଭିସ୍ ହେଡ୍ (୨୨)ଙ୍କୁ ରାହୁଲଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇ ହାଇଦ୍ରାବାଦର ଶୀର୍ଷକ୍ରମରେ ବିପର୍ଯ୍ୟୟ ଘଟାଇଥିଲେ। ଏହାପରେ ଅନିକେତ ବର୍ମା ଓ ହେନ୍‌ରିକ୍ କ୍ଲାସେନ୍ ଇନିଂସ୍ ସମ୍ଭାଳି ୭୭ ରନ୍‌ର ପାର୍ଟନରଶିପ୍ କରିଥିଲେ। ମାତ୍ର କ୍ଲାସେନ୍ ଆଉଟ୍ ହେବାପରେ ଟିମ୍‌ର ମିଡିଲ୍ ଅର୍ଡର୍ ଭୁଶୁଡ଼ି ପଡ଼ିଥିଲା। ୪୯ ରନ୍ ମଧ୍ୟରେ ବାକି ୫ ୱିକେଟ୍‌ର ପତନ ଘଟିଥିଲା। ଅନିକେତ ବର୍ମା ୪୧ ବଲ୍‌ରେ ୫ ଚୌକା ଓ ୬ ଛକା ସହାୟତାରେ ୭୪ ରନ୍ କରି କୁଲଦୀପ୍ ଯାଦବଙ୍କ ଶିକାର ହୋଇଥିଲେ। ଟିମ୍‌ର ୮ ଜଣ ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଦିଲ୍ଲୀ ପକ୍ଷରୁ ମିଚେଲ୍ ଷ୍ଟାର୍କ ସର୍ବାଧିକ ୫ଟି ୱିକେଟ୍ ନେଇଥିବା ବେଳେ କୁଲଦୀପ୍ ଯାଦବଙ୍କୁ ୩ ଓ ମୋହିତ ଶର୍ମାଙ୍କୁ ଗୋଟିଏ ସଫଳତା ମିଳିଥିଲା।

# ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଜୋରିମାନା

## ଗୁଜରାଟ ବିପକ୍ଷ ସ୍ଲୋ ଓଭର୍ ରେଟ୍ କାରଣରୁ ଦଣ୍ଡିତ



**ମୁମ୍ବାଇ,୩୦।୩/ଏଜେନ୍ସି:** ବିସିସିଆଇ ମୁମ୍ବାଇ ଇଣ୍ଡିଆନ୍ସ କ୍ୟାପ୍‌ଟେନ୍ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସ୍ଲୋ ଓଭର୍ ରେଟ୍ ପାଇଁ ୧୨ ଲକ୍ଷ ଟଙ୍କା ଜୋରିମାନା କରିଛି। ଶନିବାର ଅହମ୍ମଦାବାଦରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଆଇପିଏଲ୍-୨୦୨୫ ସିଜନ୍‌ର ନବମ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିବା ମୁମ୍ବାଇ ଟିମ୍ ନିର୍ଦ୍ଧାରିତ ସମୟରେ ନିଜର ୨୦ ଓଭର୍ ପୂରା କରିପାରି ନଥିଲା। ଏହି କାରଣରୁ କ୍ୟାପ୍‌ଟେନ୍ ପାଣ୍ଡ୍ୟାଙ୍କୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯାଇଛି। ଏହାର ଫଳସ୍ୱରୂପ ମୁମ୍ବାଇକୁ ଅନ୍ତିମ ଓଭର୍‌ରେ ୧୦ ଜଣ ଫିଲ୍ଡରେ ଖେଳିବାକୁ ପଡ଼ିଥିଲା। ସୂଚନାଯୋଗ୍ୟ ଗତ ସିଜନ୍ (ଆଇପିଏଲ୍-୨୦୨୪)ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ସ୍ଲୋ ଓଭର୍ ରେଟ୍ ପାଇଁ ତିନିଥର ଦଣ୍ଡିତ କରାଯାଇଥିଲା। ହାର୍ଦ୍ଦିକଙ୍କ ଏହି ତ୍ରୁଟି ଲିଗ୍ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ହୋଇଥିଲା। ଫଳରେ ତାଙ୍କୁ ୩୦ ଲକ୍ଷ ଟଙ୍କା ଜୋରିମାନା ସହିତ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଥିଲା। ଏହା ସେ ନୂଆ ସିଜନ୍‌ର ପ୍ରଥମ ମ୍ୟାଚ୍‌ରେ ପୂରା କରିଥିଲେ। ପାଣ୍ଡ୍ୟା ଚଳିତ ସିଜନ୍‌ର ପ୍ରଥମ ମ୍ୟାଚ୍ ଖେଳିପାରି ନଥିଲେ। ସୂଚନାଯୋଗ୍ୟ, ଏବେ ବିସିସିଆଇ ଆଇପିଏଲ୍‌ରେ ସ୍ଲୋ ଓଭର୍ ରେଟ୍ ସମେତ କେତେକ ନିୟମରେ ପରିବର୍ତ୍ତନ କରିଛି। ଏବେ ସ୍ଲୋ ଓଭର୍ ରେଟ୍ ପାଇଁ କ୍ୟାପ୍‌ଟେନ୍‌ଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ ଦଣ୍ଡ ମିଳିବ ନାହିଁ। ଏହା ବ୍ୟତୀତ ତାଙ୍କୁ ଡିମେରିଟ୍ ପଏଣ୍ଟ ମିଳିବ।

## ନୀତୀଶ ରାଣାଙ୍କ ଅର୍ଦ୍ଧଶତକ, ହସାରଙ୍ଗାଙ୍କୁ ୪ ୱିକେଟ୍

# ଚେନ୍ନାଇକୁ ହରାଇଲା ରାଜସ୍ଥାନ ରୟାଲ୍ସ

**ଗୁଆହାଟୀ,୩୦।୩/ଏଜେନ୍ସି:** ଚଳିତ ଆଇପିଏଲ୍ ସିଜନ୍‌ରେ ରାଜସ୍ଥାନ ରୟାଲ୍ସ ପ୍ରଥମ ବିଜୟ ହାସଲ କରିଛି। ରବିବାର ସ୍ଥାନୀୟ ବରସାପାରା ଷ୍ଟାଡିୟମ୍‌ରେ ଟିମ୍ ଖେଳିଥିବା ନିଜର ୩ୟ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗସ୍‌କୁ ୬ ରନ୍‌ରେ ହରାଇ ଦେଇଛି। ରାଜସ୍ଥାନ ପ୍ରଥମେ ୯ ୱିକେଟ୍ ବିନିମୟରେ ୧୮୨ ରନ୍ କରିଥିବା ବେଳେ ଚେନ୍ନାଇ ୬ ୱିକେଟ୍ ହରାଇ ୧୭୬ ରନ୍ କରିବାକୁ ସମର୍ଥ ହୋଇଛି।

୧୮୩ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଚେନ୍ନାଇ ଖାତା ଖୋଲିବା ପୂର୍ବରୁ ରଚିନ୍ ରବୀନ୍ଦ୍ରଙ୍କୁ ହରାଇଥିଲା। ଏହାପରେ ରାହୁଲ ତ୍ରିପାଠୀ ଓ କ୍ୟାପ୍‌ଟେନ୍ ଋତୁରାଜ ଗାଏକ୍‌ୱାଡ୍ ୪୬ ରନ୍ ଯୋଡ଼ିଥିଲେ। ତେବେ ରାହୁଲ (୨୩)ଙ୍କୁ ଶ୍ରୀଲଙ୍କା ସ୍ପିନର୍ ୱାନିନ୍ଦୁ ହସାରଙ୍ଗା ଆଉଟ୍ କରିବା ପରେ ଶିଭମ୍ ଦୁବେ (୧୮) ଓ ବିଜୟ ଶଙ୍କର (୯)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। କିଛି ସମୟ ପରେ ଗାଏକ୍‌ୱାଡ୍ ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ ସମୟରେ ସେ ନିଜ ୱିକେଟ୍‌ଟି ହରାଇଥିଲେ। ସେ ହସାରଙ୍ଗାଙ୍କ ଚତୁର୍ଥ ଶିକାର ହୋଇଥିଲେ। ଗାଏକ୍‌ୱାଡ୍ ୪୪ ବଲ୍‌ରେ ୭ ଚୌକା ଓ ଗୋଟିଏ ଛକା ସହାୟତାରେ ୬୩ ରନ୍ କରିଥିଲେ। ଏହାପରେ ଧୋନି ୧୬ ରନ୍ କରି ବିଦାୟ ନେଇଥବଲେ। ଶେଷକୁ ରବୀନ୍ଦ୍ର ଜାଡ଼େଜା (୩୨) ଓ ଜାମି ଓଭରଟନ୍ (୧୧) ଅପରାଜିତ ଫେରିଥିଲେ। ରାଜସ୍ଥାନ ପକ୍ଷରୁ ହସାରଙ୍ଗା ୪ଟି ୱିକେଟ୍ ନେଇଥିବା ବେଳେ ଜୋଫ୍ରା ଆର୍ଚର୍ ଓ ସନ୍ଦୀପ ଶର୍ମାଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଛି।

ଟସ୍ ହାରି ବ୍ୟାଟିଂ ପାଇଥିବା ରାଜସ୍ଥାନ ରୟାଲ୍ସର ଆରମ୍ଭ ଖରାପ ଥିଲା ଏବଂ ତୃତୀୟ ବଲ୍‌ରେ ଯଶସ୍ୱୀ ଜୟସ୍ୱାଲ୍‌ଙ୍କ ୱିକେଟ୍ ହରାଇଥିଲା। ଯଶସ୍ୱୀ ୪ ରନ୍ କରି ଖଲି ଅହମଦଙ୍କ ଶିକାର ହୋଇଥିଲେ। ଏହାପରେ ସଞ୍ଜୁ ସାମ୍‌ସନ୍‌ଙ୍କ ସହ ମିଶି ଇନିଂସ୍ ସମ୍ଭାଳି ନୀତୀଶ ରାଣା ଦ୍ୱିତୀୟ ୱିକେଟ୍‌ରେ ୮୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ନୀତୀଶ ୨୧ ରନ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ଫଳରେ ରାଜସ୍ଥାନ ପାୱାରପ୍ଲେରେ ୭୯ ରନ୍ ସଂଗ୍ରହ କରିଥିଲା। ସଞ୍ଜୁ ସାମ୍‌ସନ୍ (୨୦)ଙ୍କୁ ଆଉଟ୍ କରି ନୁର୍ ଅହମଦ ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ। ସଞ୍ଜୁଙ୍କ ଆଉଟ୍ ପରେ ନୀତୀଶ ଧୂଆଁଧାର ବ୍ୟାଟିଂ ଜାରି ରଖିଥିଲେ। ତେବେ ଆର୍. ଅଶ୍ୱିନ୍ ୱିକେଟ୍ ପଛରେ କ୍ୟାଚ୍ କରାଇ ତାଙ୍କ ଇନିଂସ୍‌ରେ ବ୍ରେକ୍ ଲଗାଇଥିଲେ। ନୀତୀଶ ୩୬ ବଲ୍‌ରେ ୮୧ ରନ୍ କରିଥିଲେ। ଏଥିରେ ୧୦ ଚୌକା ଓ ପାଞ୍ଚ ଛକା ସାମିଲ ଥିଲା। ନୀତୀଶଙ୍କ ଆଉଟ୍ ପରେ ରାଜସ୍ଥାନ ଧ୍ରୁବ ଜୁରେଲ୍ (୩) ଓ ୱାନିନ୍ଦୁ ହସାରଙ୍ଗା (୪)ଙ୍କ ୱିକେଟ୍ ଶସ୍ତାରେ ହରାଇଥିଲା। ଦୁହିଁଙ୍କ ଆଉଟ୍ ବେଳକୁ ଟିମ୍ର ସ୍କୋର୍ ୫ ୱିକେଟ୍‌ରେ ୧୪୦ ରନ୍ ଥିଲା। ଏହାପରେ କ୍ୟାପ୍‌ଟେନ୍ ରିୟାନ୍ ପରାଗ କେତେକ ବଡ଼ ଶଟ୍ ଖେଳିଥିଲେ ମଧ୍ୟ ମଥୀଶା ପାଥିରାନା ତାଙ୍କ ଇନିଂସ୍‌ର ଅନ୍ତ ଘଟାଇଥିଲେ। ରିୟାନ୍ ଦୁଇଟି ଲେଖାଏ ଚୌକା ଓ ଛକା ସହାୟତାରେ ୨୮ ବଲ୍‌ରୁ ୩୭ ରନ୍ କରିଥିଲେ। ଏହାପରେ ଜୋଫ୍ରା ଆର୍ଚର୍ (୦) ଇମ୍ପାକ୍ଟ ପ୍ଲେୟାର୍ କୁମାର କାର୍ତ୍ତିକେୟ (୧) ଓ ଶିମରନ୍ ହେଟ୍‌ମାୟର୍ (୧୯) ଆଉଟ୍ ହୋଇଥିଲେ। ସିଏସ୍‌କେ ପକ୍ଷରୁ ପାଥିରାନା, ଖଲିଲ ଅହମଦ ଓ ନୁର୍ ଅହମଦ ୨-୨ ୱିକେଟ୍ ନେଇଥିବା ବେଳେ ଆର୍. ଅଶ୍ୱିନ ଓ ରବୀନ୍ଦ୍ର ଜାଡ଼େଜାଙ୍କୁ ୧-୧ ସଫଳତା ମିଳିଥିଲା।

# ଲକ୍ଷ୍ମୀପ୍ରିୟା ମହାନ୍ତି ସ୍ମାରକୀ ଓପନ୍ ଚେସ୍ ଜିତିଲେ ଆୟବନ୍ତ



**ଭୁବନେଶ୍ୱର,୩୦।୩/ଏନ୍‌ଏନ୍‌ଏସ୍:** ସ୍ଥାନୀୟ କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍ ପରିସରରେ ରବିବାର ଓଡ଼ିଶା ରାଜ୍ୟ ଚେସ୍ ସଂଘର ମିଳିତ ଆନୁକୂଲ୍ୟରେ ଦ୍ୱିତୀୟ ଲକ୍ଷ୍ମୀପ୍ରିୟା ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ଆୟୋଜିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ନୟାପଲ୍ଲୀ ନାରାୟଣ ଇ-ଟେକ୍ନୋ ସ୍କୁଲ୍‌ର ଆୟବନ୍ତ ମହାନ୍ତି ମୋଟ ୫ ପଏଣ୍ଟ ହାସଲ କରି ଓପନ୍ ବର୍ଗରେ ଚାମ୍ପିଅନ୍ ହୋଇଛନ୍ତି। ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲ୍‌ର ଶ୍ରେୟାଂଶ ସୌମିତ୍ ସ୍ୱାଇଁ (୪.୦ ପଏଣ୍ଟ) ଦ୍ୱିତୀୟ ଏବଂ ଲୟଲା ସ୍କୁଲ୍‌ର ଆୟୁଷ ପରିଡ଼ା (୪.୦ ପଏଣ୍ଟ) ତୃତୀୟ ହୋଇଛନ୍ତି। ସେହିପରି ବାଳିକା ବିଭାଗରେ ସୃଜାନୀ ଷଡ଼ଙ୍ଗୀ ପ୍ରଥମ ଓ ଅନ୍ୱିତା ରିୟା ଦାଶ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ବୟସ ବର୍ଗରେ ମୟୁରେଶ ମହାନ୍ତି (ଅଣ୍ଡର-୧୩), ଶିଭାଂଶ ଦାସ (ଅଣ୍ଡର-୧୧), ଯଶଶ୍ରୀ ସ୍ୱାଇଁ (ଅଣ୍ଡର-୯) ଓ ରେୟାଂଶ ରାଜ (ଅଣ୍ଡର-୧) ପ୍ରଥମ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟକୁ ରାଜଗାଙ୍ଗପୁର ଡାଲ୍‌ମିୟା ସିମେଣ୍ଟର ପ୍ରଡ଼କ୍ସନ୍ ମ୍ୟାନେଜର ଆଦିତ୍ୟ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ, ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତ ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ବୋହୂ ନିବେଦିତା ପଟ୍ଟନାୟକ ଏବଂ ନାତୁଣୀ ସୌମ୍ୟା ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ।

# ଏଲ୍‌ଏଲ୍‌ସିସି-ଏ’ର ବୃହତ୍ ବିଜୟ

## ବରମୁଣ୍ଡାକୁ ୨୯୭ ରନ୍‌ରେ ହରାଇଲା



**ଭୁବନେଶ୍ୱର,୩୦।୩/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଆଇଆର୍‌ସି ଭିଲେଜ୍‌ରେ ଚାଲିଥିବା ଏଲ୍‌ଏଲ୍‌ସିସି ୧୫ ବର୍ଷରୁ କମ୍ ଡ୍ୟୁଜ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଆୟୋଜିତ ଟିମ୍ ବୃହତ୍ ବିଜୟ ହାସଲ କରିଛି। ଟିମ୍ ବରମୁଣ୍ଡା କ୍ରିକେଟ୍ ଆସୋସିଏସନ୍‌କୁ ୨୯୭ ରନ୍‌ରେ ହରାଇ ଦେଇଛି। ଟସ୍ ଜିତି ବ୍ୟାଟିଂ ନେଇଥିବା ଏଲ୍‌ଏଲ୍‌ସିସି-ଏ’ ପ୍ରଥମେ ୩୫ ଓଭର୍‌ରେ ୭ ୱିକେଟ୍ ବିନିମୟରେ ବିଶାଳ ୩୬୩ ରନ୍‌ର ସ୍କୋର୍ କରିଥିଲା। ଟିମ୍ ପକ୍ଷରୁ ଦୀପକ ବରାଳ ଅପରାଜିତ ୮୫, ଅଂଶୁମାନ ମହାନ୍ତି ୮୦ ଏବଂ ଆଦର୍ଶ ଦାସ ୬୯ ରନ୍ କରିଥିଲେ। ଅଂଶୁମାନ ଓ ଦୀପକଙ୍କ ମଧ୍ୟରେ ୭ମ ୱିକେଟ୍ ପାଇଁ ୮୧ ବଲ୍‌ରେ ୧୫୦ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ୩୬୪ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ବରମୁଣ୍ଡା ଟିମ୍ ୧୫ ଓଭର୍‌ରେ ୯ ୱିକେଟ୍ ବିନିମୟରେ ୬୬ ରନ୍ କରି ୨୯୭ ରନ୍‌ରେ ପରାଜିତ ହୋଇଛି। ଏଲ୍‌ଏଲ୍‌ସିସି-ଏ’ ପକ୍ଷରୁ ଆଶୁତୋଷ ନାୟକ ଓ ଅମିତେଶ ସାହୁ ୩-୩ ୱିକେଟ୍ ନେଇଥିଲେ। ଅପରାଜିତ ୮୫ ରନ୍ କରିଥିବା ଏଲ୍‌ଏଲ୍‌ସିସି-ଏ’ର ଦୀପକ ବରାଳଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିବା ବେଳେ ଅତିଥି ବ୍ୟବସାୟୀ ସରୋଜ କୁମାର ଜେନା ଓ ଦେବାଶିଷ ମହାନ୍ତି ତାଙ୍କୁ ପୁରସ୍କୃତ କରିଛନ୍ତି।

# ନିଜ ଜାତୀୟ ରେକର୍ଡ ଭାଙ୍ଗିଲେ ଗୁଲ୍‌ବୀର

## ୧୦ ହଜାର ମି. ଦୌଡ଼ରେ ଉପଲବ୍ଧି ହାସଲ

**ନୂଆଦିଲ୍ଲୀ,୩୦।୩/ଏଜେନ୍ସି:** ଭାରତର ଡିଷ୍ଟାନ୍ସ ରନର୍ ଗୁଲବୀର ସିଂହ ଆମେରିକାରେ ବିଶ୍ୱ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ଟୁର୍ଣ୍ଣାମେଣ୍ଟ ‘ଦ ଟେନ୍’ ପ୍ରତିଯୋଗିତରେ ୧୦ ହଜାର ମିଟର ରେସ୍‌ରେ ୨୭ ମିନିଟ୍ ୦୦.୨୨ ସେକେଣ୍ଡ ସମୟ ନେଇ ନିଜ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ହାଙ୍ଗଝୋଓ ଏସିଆନ୍ ଗେମ୍ସ ବ୍ରୋଞ୍ଜ୍ ପଦକ ବିଜେତା ଗୁଲ୍‌ବୀରଙ୍କ ପୂର୍ବ ଜାତୀୟ ରେକର୍ଡ ୨୭ ମିନିଟ୍ ୧୪.୮୮ ସେକେଣ୍ଡ ରହିଥିଲା। ଗତବର୍ଷ ନଭେମ୍ବରରେ ଜାପାନର ହୋଚିୟୋଜିରେ ସେ ଏହା ସ୍ଥାପନ କରିଥିଲେ। ୨୦୨୩ ବ୍ୟାଙ୍କକ୍ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିବା ୨୬ ବର୍ଷୀୟ ଗୁଲ୍‌ବୀର ଗତ ବର୍ଷ ଦୁଇଥର ଜାତୀୟ ରେକର୍ଡରେ ସୁଧାର କରିଥିଲେ। ଜାପାନ ପୂର୍ବରୁ ମାର୍ଚ୍ଚରେ କାଲିଫର୍ଣ୍ଣିଆର ସାନ୍ ଜୁଆନ୍ ପାକିଷ୍ଟ୍ରାନୋରେ ୨୭ ମିନିଟ୍ ୪୧.୮୧ ସେକେଣ୍ଡ ସମୟ ନେଇଥିଲେ। ତେବେ ଗୁଲ୍‌ବୀର ଆମେରିକାର ଦ ଟେନ୍ ପ୍ରତିଯୋଗିତାର ୬ଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଉତ୍ତର ପ୍ରଦେଶ ନିବାସୀ ଗୁଲ୍‌ବୀର ଗତବର୍ଷ ୧୩ ମିନିଟ୍ ୧୧.୮୨ ସେକେଣ୍ଡ ସହ ୫ ହଜାର ମିଟରରେ ମଧ୍ୟ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ।

# ଅକ୍ଟୋବର-ନଭେମ୍ବରରେ ଭାରତର ଅଷ୍ଟ୍ରେଲିଆ ଗସ୍ତ

## ୩ ଦିନିକିଆ ଓ ୫ ଟି-୨୦ ମ୍ୟାଚ୍ ଖେଳିବ



**ନୂଆଦିଲ୍ଲୀ,୩୦।୩/ଏଜେନ୍ସି:** ଭାରତୀୟ ପୁରୁଷ କ୍ରିକେଟ୍ ଟିମ୍ ଚଳିତ ବର୍ଷ ଅକ୍ଟୋବର-ନଭେମ୍ବରରେ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ଅବସରରେ ଭାରତ ଘରୋଇ ଟିମ୍ ବିପକ୍ଷରେ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍ ଏବଂ ପାଞ୍ଚ ମ୍ୟାଚ୍‌ର ଟି-୨୦ ସିରିଜ୍ ଖେଳିବ। ତେବେ ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଭାରତର ଏହି ୮ ମ୍ୟାଚ୍ ଅଷ୍ଟ୍ରେଲିଆର ୮ ଭିନ୍ନ ଭେନ୍ୟୁରେ ଖେଳାଯିବ। ରବିବାର କ୍ରିକେଟ୍ ଅଷ୍ଟ୍ରେଲିଆ ୨୦୨୫-୨୬ ସିଜନ୍ ପାଇଁ ଅଷ୍ଟ୍ରେଲିଆ ଟିମ୍‌ର ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଜାରି କରିଛି। ଏହା ଅନୁସାରେ ପ୍ରଥମ ଥର ଅଷ୍ଟ୍ରେଲିଆ ଟିମ୍ ନିଜର ସମସ୍ତ ୬ ରାଜ୍ୟ ଏବଂ ୨ କେନ୍ଦ୍ର ଶାସିତ ଅଞ୍ଚଳରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଭାରତ ବ୍ୟତୀତ ସାଉଥ୍ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟ ଚଳିତ ବର୍ଷ ଅଷ୍ଟ୍ରେଲିଆ ଗସ୍ତ କରିବେ।

ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅକ୍ଟୋବର ୧୯ ତାରିଖରେ ପର୍ଥରେ ଖେଳାଯିବ। ଏହାପରେ ୨୩ ତାରିଖରେ ଦ୍ୱିତୀୟ ଏବଂ ୨୫ରେ ତୃତୀୟ ଦିନିକିଆ ଯଥାକ୍ରମେ ଆଡିଲେଡ୍ ଓ ସିଡ୍‌ନୀରେ ଆୟୋଜିତ ହେବ। ସମସ୍ତ ମ୍ୟାଚ୍ ଦିବା/ରାତ୍ର ବିଶିଷ୍ଟ ହେବ। ସେହିପରି ଦୁଇ ଟିମ୍ ମଧ୍ୟରେ ଟି-୨୦ ସିରିଜ୍ ଅକ୍ଟୋବର ୨୯ରୁ ଆରମ୍ଭ ହେବ। ଏହି ମ୍ୟାଚ୍ କାନ୍‌ବେରାରେ ଖେଳାଯିବ। ଏହାପରେ ଅକ୍ଟୋବର ୩୧ରେ ଦ୍ୱିତୀୟ, ନଭେମ୍ବର ୨ରେ ତୃତୀୟ, ନଭେମ୍ବର ୬ରେ ଚତୁର୍ଥ ଏବଂ ନଭେମ୍ବର ୮ରେ ପଞ୍ଚମ ଟି-୨୦ ମ୍ୟାଚ୍ ଯଥାକ୍ରମେ ମେଲ୍‌ବର୍ଣ୍ଣ, ହୋବାର୍ଟ, ଗୋଲ୍ଡ କୋଷ୍ଟ ଓ ଗାବାରେ ଖେଳାଯିବ। ଟି-୨୦ ମ୍ୟାଚ୍‌ଗୁଡ଼ିକର ରାତିରେ ଖେଳାଯିବ।

ସାଉଥ୍ ଆଫ୍ରିକା ଏହି ଗସ୍ତରେ ୩ ଦିନିକିଆ ଓ ତିନି ଟି-୨୦ ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ ଅଗଷ୍ଟ ୧୦ରୁ ୨୪ ମଧ୍ୟରେ ଆୟୋଜିତ ହେବ। ମ୍ୟାଚ୍ ଡର୍ୱିନ୍, କେର୍ନ୍ସ ଓ ମକାୟର ୩ଟି ଭିନ୍ନ ପଡ଼ିଆରେ ଖେଳାଯିବ। ସେହିପରି ଇଂଲଣ୍ଡ ଟିମ୍ କଙ୍ଗାରୁ ଟିମ୍ ବିପକ୍ଷରେ ନଭେମ୍ବର ୨୧ରୁ ଆସନ୍ତାବର୍ଷ ଜାନୁଆରୀ ୮ ତାରିଖରେ ପାଞ୍ଚ ଟେଷ୍ଟ ମ୍ୟାଚ୍‌ର ଆଶେସ୍ ସିରିଜ୍ ଖେଳିବ। ଏ ସମସ୍ତ ମ୍ୟାଚ୍ ୫ ଭିନ୍ନ ଗ୍ରାଉଣ୍ଡରେ ଆୟୋଜିତ ହେବ।

# ସାବାଲେଙ୍କା ମିଆମୀ ଓପନ୍ ଚାମ୍ପିଅନ୍

## ଫାଇନାଲ୍‌ରେ ଜେସିକା ପେଗୁଲାଙ୍କୁ ହରାଇଲେ



**ମିଆମୀ,୩୦।୩/ଏଜେନ୍ସି:** ବେଲାରୁଷର ଟପ୍ ସିଡ୍ ଟେନିସ୍ ଖେଳାଳି ଆର୍ଯ୍ୟନା ସାବାଲେଙ୍କା ଶନିବାର କ୍ୟାରିୟର୍‌ର ପ୍ରଥମ ମିଆମୀ ଓପନ୍ ଟାଇଟଲ୍ ଜିତିଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ସେ ଚତୁର୍ଥ ସିଡ୍ ଆମେରିକାର ଜେସିକା ଗ୍ଟେଲାଙ୍କୁ ୭-୫, ୬-୨ ସିଧା ସେଟ୍‌ରେ ହରାଇ ଦେଇଛନ୍ତି। ମିଆମୀ ଟାଇଟଲ୍ ଜିତିବା ପରେ ସାବାଲେଙ୍କାଙ୍କୁ ୯.୪ କୋଟି ଟଙ୍କାର ପୁରସ୍କାର ରାଇ ମିଳିଛି। ଶେଷଥର ପାଇଁ ସାବାଲେଙ୍କା ୨୦୨୪ ୟୁଏସ୍ ଓପନ୍ ଫାଇନାଲ୍‌ରେ ପେଗୁଲାଙ୍କୁ ୭-୫, ୭-୫ରେ ହରାଇଥିଲେ। ସେହିପରି ମାର୍ଚ୍ଚ ୨୮ରେ ଅନୁଷ୍ଠିତ ମିଆମୀ ଓପନ୍ ସେମିଫାଇନାଲ୍ ମ୍ୟାଚ୍‌ରେ ଇଟାଲୀର ଜସ୍ମିନ୍ ପାଓଲିନିଙ୍କୁ ୬-୨, ୬-୨ରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲେ। ସାବାଲେଙ୍କା ଚଳିତ ବର୍ଷ ୬ରୁ ୪ଟି ଇଭେଣ୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲେ। ତେବେ ମିଆମୀ ଓପନ୍ ପୂର୍ବରୁ ସେ କେବଳ ବ୍ରିସ୍‌ବେନ୍‌ରେ ହିଁ ବିଜୟୀ ହୋଇଥିଲେ। ଅଷ୍ଟ୍ରେଲିଆନ୍ ଓପନ୍ ଓ ଇଣ୍ଡିଆନ୍ ୱେଲ୍ସ ଫାଇନାଲ୍‌ରେ ତାଙ୍କୁ ପରାଜିତ ହେବାକୁ ପଡ଼ିଥିଲା। ସାବାଲେଙ୍କା ୨୦୨୩ରେ ଅଷ୍ଟ୍ରେଲିଆନ୍ ଓପନ୍ ଜିତିଥିଲେ। ଏହାପରେ ସେ ଦୁଇ ମାସ ପର୍ଯ୍ୟନ୍ତ ବିଶ୍ୱ ନଂ.୧ ରହିଥିଲେ। ସେହିବର୍ଷ ଇଣ୍ଟରନାସ୍‌ନାଲ୍ ଟେନିସ୍ ଆସୋସିଏସନ୍‌ର ବିଶ୍ୱ ଚାମ୍ପିଅନ୍ ପୁରସ୍କାର ମଧ୍ୟ ଜିତିଥିଲେ। ୨୦୨୪ରେ ସେ ଲଗାତାର ଦ୍ୱିତୀୟ ଥର ଅଷ୍ଟ୍ରେଲିଆନ୍ ଓପନ୍ ଏବଂ ୟୁଏସ୍ ଓପନ୍ ମଧ୍ୟ ଜିତିବା ସହିତ ବିଶ୍ୱ ନଂ.୧ରେ ବର୍ଷ ଶେଷ କରିଥିଲେ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra